

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008



୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୭୪ ● ୧୧ ଅପ୍ରେଲ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-74 ● 11th April 2024, Thursday ● Bhubaneswar

Licensed to post without pre-payment of postage No- BN-60/22-24


## ମୁଦ୍ରାକର ଏବଂ ପ୍ରକାଶକଙ୍କ ପରିଚୟ ବିନା ରାଜନୈତିକ ବିଜ୍ଞାପନ ଲଗାଇବା ମନା

**ନୂଆଦିଲ୍ଲୀ, ୧୦/୪**

ଦେଶର ମୁଖ୍ୟ ନିର୍ବାଚନ କମିଶନର ବୁଧବାର ଏକ ବିଜ୍ଞପ୍ତି ଜାରି କରିଛନ୍ତି । ସାଧାରଣ ନିର୍ବାଚନରେ ସ୍ୱଚ୍ଛତା ଆଣିବା ପାଇଁ ସମସ୍ତ ରାଜ୍ୟର ରାଜନୈତିକ ଦଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନରେ ବ୍ୟବହାର ହେବାକୁ ଥିବା ପୋଷ୍ଟର, ବ୍ୟାନର, ଲିଫଲେଟ ଏବଂ ଅନ୍ୟାନ୍ୟ ସାମଗ୍ରୀରେ ସବିଶେଷ ତଥ୍ୟ ପ୍ରଦାନ କରିବାକୁ କମିଶନ କହିଛନ୍ତି । କମିଶନ ପୋଷ୍ଟର, ପ୍ରଚାରପତ୍ରରେ ମୁଦ୍ରାକର ଏବଂ ପ୍ରକାଶକଙ୍କ ପରିଚୟକୁ ସାର୍ବଜନୀନ କରିବାକୁ କହିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାରଙ୍କୁ ନେଇ ଗଠିତ କମିଟି ନିର୍ବାଚନ କମିଶନର ଗଣେଶ କୁମାର ଏବଂ ଡ. ସୁଖବୀର ସିଂ ସାନ୍ଧୁଙ୍କ ପ୍ରତିନିଧିତ୍ୱରେ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବିଜ୍ଞପ୍ତିରେ



କୁହାଯାଇଛି ଯେ, ମୁଦ୍ରାକର ଏବଂ ପ୍ରକାଶକଙ୍କ ପରିଚୟ ବିନା କୌଣସି ହୋର୍ଡିଂ ଲଗାଯାଇ ପାରିବ ନାହିଁ । ଲୋକ ପ୍ରତିନିଧୀ ଅଧିନିୟମର ଧାରା ୧୨୭ଇ, ୧୯୫୧ ଅନୁସାରେ, ମୁଦ୍ରାକର ଓ ପ୍ରକାଶକଙ୍କ ପରିଚୟ ବିନା କୌଣସି ନିର୍ବାଚନୀ ପାମ୍ପଲେଟ୍, ପୋଷ୍ଟର, ପ୍ଲାକାର୍ଡ ବ୍ୟବହରା ବେଆଇନ ଅଟେ । ମୁଦ୍ରାକର ଓ ପ୍ରକାଶକଙ୍କ ନାମ ଏବଂ ଠିକଣା ନଥିବା ବ୍ୟାନର ଏବଂ ପୋଷ୍ଟର ଲଗାଯାଇପାରିବ ନାହିଁ । ପୋଷ୍ଟର ଓ ହୋର୍ଡିଂରେ ମୁଦ୍ରାକର ଏବଂ ପ୍ରକାଶକଙ୍କ ପରିଚୟ ପ୍ରକାଶ କରିବାର ଆବଶ୍ୟକତା ରହିଛି । ଯାହାର ମୂଳ ଲକ୍ଷ୍ୟ ହେଉଛି ନିର୍ବାଚନୀ ପ୍ରଚାରରେ ଆର୍ଥିକ ସ୍ୱଚ୍ଛତା ଆଣିବା ଏବଂ ଉତ୍ତରଦାୟିତ୍ୱ ନିର୍ଦ୍ଧାରିତ କରିବା । ସହରାଞ୍ଚଳରେ ରାଜନୈତିକ ଦଳଙ୍କ ହୋର୍ଡିଂ ଲଗାଇବା ବେଳେ ନାମ, ଠିକଣା ପ୍ରକାଶ କରିବା ସହ ହୋର୍ଡିଂ ପାଇଁ ଲାଇସେନ୍ସ ପାଇଥିବା ସ୍ୱୀକୃତିପ୍ରାପ୍ତ ବିଜ୍ଞାପନ ସଂସ୍ଥା ଉତ୍ତରଦାୟୀ ରହିବେ । ସେହିଭଳି *(ପୃଷ୍ଠା ୭ରେ)*

### ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ

## ୨୫୨ ଜଣଙ୍କ ନାମରେ ଫୌଜଦାରୀ ମାମଲା

**ନୂଆଦିଲ୍ଲୀ, ୧୦/୪**

ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର) ଏବଂ ନ୍ୟାସନାଲ ଇଲେକ୍ସନ ୱାଚର ରିପୋର୍ଟ ଅନୁଯାୟୀ, ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୬୧୮ ପ୍ରାର୍ଥୀଙ୍କ ମଧ୍ୟରୁ ୨୫୨ ଜଣ ନିଜ ବିରୋଧରେ ଫୌଜଦାରୀ ମାମଲା ଘୋଷଣା କରିଛନ୍ତି ଏବଂ ୧୫ ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୧ଟି ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୬୨୫ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୬୧୮ ଜଣଙ୍କ ସତ୍ୟପାଠକୁ ବିଶ୍ଲେଷଣ କରି ଏଡିଆର୍ ଏହି ରିପୋର୍ଟ ଦେଇଛି।





ରିପୋର୍ଟ ଅନୁଯାୟୀ, ୧୬୧୮ ପ୍ରାର୍ଥୀଙ୍କ ମଧ୍ୟରୁ ୧୬୧ ଜଣ ନିଜ ବିରୋଧରେ ଗୁରୁତର ଅପରାଧିକ ମାମଲା ଥିବା ଘୋଷଣା କରିଥିବା ବେଳେ ୭ ଜଣ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା କହିଛନ୍ତି। ଏହାବ୍ୟତୀତ ୧୯ ଜଣ ପ୍ରାର୍ଥୀ ନିଜ ବିରୋଧରେ ହତ୍ୟା ଉଦ୍ୟମ ମାମଲା ଥିବା ଘୋଷଣା କରିଛନ୍ତି। ୧୬୧୮ ପ୍ରାର୍ଥୀଙ୍କ ମଧ୍ୟରୁ ୧୮ ଜଣ ମହିଳାଙ୍କ ବିରୋଧରେ ଅପରାଧିକ ମାମଲାରେ ସଂପୃକ୍ତ ଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଦୁଷ୍କର୍ମ ମାମଲାରେ ସମ୍ପୃକ୍ତ ଅଛନ୍ତି। ଏହାବ୍ୟତୀତ ୩୫ ଜଣ ପ୍ରାର୍ଥୀ ନିଜ ବିରୋଧରେ ଘୃଣା ଭାଷଣ ଦେବା ମାମଲା ଥିବା ଘୋଷଣା କରିଛନ୍ତି। ଏଡିଆର୍ *(ପୃଷ୍ଠା ୭ରେ)*

## ଆଉ ଟାଟୁ କରିପାରିବେନି ପୁଲିସ ଅଧିକାରୀ

**ଭୁବନେଶ୍ୱର, ୧୦/୪ ନ୍ୟୁଜ ବ୍ୟୁରୋ**

ଆଉ ଦେହରେ ଟାଟୁ କରିପାରିବେନି ପୁଲିସ ଅଧିକାରୀ । ଶରୀରରେ ଟାଟୁ କରିବା ଦ୍ୱାରା ଓଡ଼ିଶା ପୁଲିସର ସମ୍ମାନ ହାନି ହେଉଥିବାରୁ ଏଭଳି ନିର୍ଦ୍ଦେଶନାମା ଜାରି କରିଛି ସ୍ପେଶାଲ ସିକ୍ୟୁରିଟି ବାଟାଲିୟନ୍। କମିଶନରେଟ ପୁଲିସର କୌଣସି ଅଧିକାରୀ ମୁହଁ, ବେକ କିମ୍ବା ହାତରେ ଟାଟୁ କରିପାରିବେ ନାହିଁ । ଯଦି କୌଣସି ପୁଲିସ ଅଧିକାରୀ ଟାଟୁ କରିଛନ୍ତି ତେବେ ୧୫ ଦିନ ମଧ୍ୟରେ ଏହାକୁ ଲିଭାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପୋଲିସ ୟୁନିଫର୍ମ ପିନ୍ଧିବା ପରେ ଯଦି ଟାଟୁ ଦେଖାଯାଉଥାଏ ତେବେ ଏହା ଗ୍ରହଣୀୟ ହେବ ନାହିଁ । ଟାଟୁ ନ ଲିଭାଇଲେ ଡିପାର୍ଟମେଣ୍ଟାଲ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦିଆଯାଇଛି।

## ୩୮ ଜଣିଆ ନିର୍ବାଚନୀ ଇସ୍ତାହାର କମିଟି ଗଠନ କଲା ବିଜେଡି



**ଭୁବନେଶ୍ୱର, ୧୦/୪ ନ୍ୟୁଜ ବ୍ୟୁରୋ**

ବିଜେଡିର ଇସ୍ତାହାର କମିଟି ଗଠିତ ହୋଇଛି। ୩୮ ଜଣିଆ ନିର୍ବାଚନୀ ଇସ୍ତାହାର କମିଟି ଗଠନ କରିଛି ବିଜୁ ଜନତା ଦଳ। ଏହି ଇସ୍ତାହାର କମିଟିରେ ଚନ୍ଦ୍ରଶେଖର ସାହୁ ଅଧ୍ୟକ୍ଷ ରହିଥିବା ବେଳେ ୬ ଜଣଙ୍କୁ ସହ-ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି। ଦେବୀପ୍ରସାଦ ମିଶ୍ର, ପ୍ରତାପ ଦେବ, ସୁଦାମ ମାର୍ଣ୍ଡି, ପଦ୍ମନାଭ ବେହେରା, କସ୍ତୁରୀ ମହାପାତ୍ର ଓ ମଙ୍ଗଳା କିଷାନଙ୍କୁ ସହ-ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ୩ ସଦସ୍ୟ (ଆବାସିକ ଓଡ଼ିଶା ବିଶେଷଜ୍ଞ) ଡ. ସୁକାନ୍ତ କୁମାର ମହାପାତ୍ର, ସୋପନେନ୍ଦୁ ମହାନ୍ତି ଓ ଅମୀୟ ମିଶ୍ର ସାମିଲ ଅଛନ୍ତି। ଅମର ପଟ୍ଟନାୟକଙ୍କୁ ଆବାହକ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ସସ୍ମିତ ପାତ୍ରଙ୍କୁ ସହ ଆବାହକ ଦାୟିତ୍ୱ ପ୍ରଦାନ କରିଛନ୍ତି ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ। ଇସ୍ତାହାରରେ ନବୀନ ଓଡ଼ିଶା ସଶକ୍ତ ଓଡ଼ିଶା ଗଠନକୁ ପ୍ରାଥମିକତା ଦିଆଯାଇଛି।

ଏଥିରେ ସଦସ୍ୟଭାବେ ଅତନୁ ସବ୍ୟସାଚୀ ନାୟକ, ଡ. ଅଚ୍ୟୁତ ସାମନ୍ତ, ଡ. ଅରୁଣ କୁମାର ସାହୁ, ସଂତୃପ୍ତ ମିଶ୍ର, ସଞ୍ଜୀୟ କୁମାର ଦାସବର୍ମା, ଶ୍ରୀମତୀ *(ପୃଷ୍ଠା ୭ରେ)*

## ଏବର୍ଷ ଓଡ଼ିଶାରେ ନିଅଣ୍ଟିଆ ବର୍ଷା

### ଜୁନ୍‌ରେ ୩୦%, ଜୁଲାଇ-ଅଗଷ୍ଟରେ ୨୦% କମ୍



**ଭୁବନେଶ୍ୱର, ୧୦/୪ ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ସ୍ୱାଭାବିକଠାରୁ ଓଡ଼ିଶାରେ ହେବ କମ୍ ବର୍ଷା । ଓଡ଼ିଶା ସହ ବିହାର, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ମଧ୍ୟ କମ୍ ବର୍ଷା ଯୋଗୁଁ ପ୍ରଭାବିତ ହେବ। ପାଣିପାଗ ଏଜେନ୍ସି ସ୍କାଏମେଟ୍ କରିଛି ଏପରି ପୂର୍ବାନୁମାନ। ସ୍କାଏମେଟର ଆକଳନ ଅନୁସାରେ ଚଳିତ ବର୍ଷ ଦେଶର ୨୩ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱାଭାବିକ ବର୍ଷା ହେବ। ୮ଟି ରାଜ୍ୟ ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା ଓ ସିକ୍କିମରେ ଜୁନ୍ ଓ ଜୁଲାଇରେ କମ୍ ବର୍ଷା ହେବ। ତେବେ ଏହି ରାଜ୍ୟଗୁଡ଼ିକରେ ଅଗଷ୍ଟରେ ସ୍ୱାଭାବିକ ବର୍ଷା ହୋଇପାରେ। ମାତ୍ର ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଓ ପଶ୍ଚିମବଙ୍ଗରେ ଜୁଲାଇ ଓ ଅଗଷ୍ଟ ମାସରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବ। ସେପ୍ଟେମ୍ବର ମାସରେ ବର୍ଷା ପୁନର୍ବାର ସ୍ୱାଭାବିକ ସ୍ତରକୁ ଫେରିବ।

ସାଧାରଣତଃ ଜୁନ୍ ୧ ତାରିଖରୁ କେରଳ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମୌସୁମୀର ଆଗମନ ହୋଇଥାଏ। ପ୍ରାୟ ୪ ମାସ ଧରି ମୌସୁମୀ ଦେଶରେ ସକ୍ରିୟ ରହେ *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


### ଆୟର୍ଲାଣ୍ଡର ସର୍ବ କନିଷ୍ଠ ପ୍ରଧାନମନ୍ତ୍ରୀ ହେଲେ ଭାରତୀୟ ବଂଶୋଦ୍ଭବ ସାଇମନ୍ ହାରିସ୍

**ଡବଲିନ୍, ୧୦/୪**

ଆୟର୍ଲାଣ୍ଡର ଚିତ୍ର ଏବେ ବଦଳିପାରେ, କାରଣ ଲିଓ ଭରାଡକରଙ୍କ ଇସ୍ତଫା ପରେ ଦେଶର ଶାସନ ଭାର ଯୁବ ନେତୃତ୍ୱଙ୍କୁ ହସ୍ତାନ୍ତର କରାଯାଇଛି। ଶାସକ ଫାଇନ୍ ଗେଲ୍ ପାର୍ଟି ଭାରତୀୟ ବଂଶୋଦ୍ଭବ ସାଇମନ୍ ହାରିସ୍‌ଙ୍କୁ ପ୍ରଧାନମନ୍ତ୍ରୀ ଭାବେ ମନୋନୀତ କରିଛି। ୩୭ ବର୍ଷୀୟ ହାରିସ୍ ଦେଶର ସର୍ବ କନିଷ୍ଠ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଏହାପୂର୍ବରୁ ଭାରତୀୟ ବଂଶୋଦ୍ଭବ ଲିଓ ଭରାଡକର ଆୟର୍ଲାଣ୍ଡର ସବୁଠୁ ଯୁବ ପ୍ରଧାନମନ୍ତ୍ରୀ ଥିଲେ। ଗତ ମାସରେ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ଇସ୍ତଫା ପରେ ହାରିସ୍ ପ୍ରଧାନମନ୍ତ୍ରୀ *(ପୃଷ୍ଠା ୭ରେ)*

## ଗ୍ରହଣ ହେଲାନି ରାମଦେବଙ୍କ କ୍ଷମା, ସୁପ୍ରିମକୋର୍ଟ କହିଲେ- ପରିଣାମ ଭୋଗିବାକୁ ପ୍ରସ୍ତୁତ ରୁହ





**ନୂଆଦିଲ୍ଲୀ, ୧୦/୪**

ବିଭ୍ରାନ୍ତିକର ବିଜ୍ଞାପନ ମାମଲାରେ ବାବା ରାମଦେବ ଓ ପତଞ୍ଜଳିର ମ୍ୟାନେଜିଂ ଡାଇରେକ୍ଟର ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଅଡୁଆ ବଢ଼ିବାରେ ଲାଗିଛି। ବୁଧବାର ସୁପ୍ରିମକୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିବା ବେଳେ ଏହା ପୂର୍ବରୁ କୋର୍ଟଙ୍କ ନିକଟରେ କ୍ଷମା ପ୍ରାର୍ଥନା କରି ସାରିଛନ୍ତି ଉଭୟ ରାମଦେବ ଓ ବାଳକୃଷ୍ଣ । ମାତ୍ର ଏହାକୁ ଗ୍ରହଣ ନ କରି ଉଭୟଙ୍କ ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ । ଏଥିସହ ଏହାର ପରିଣାମ ଭୋଗିବାକୁ ପ୍ରସ୍ତୁତ ରହିବାକୁ ବି ଚେତାଇ ଦେଇଛନ୍ତି । ବୁଧବାର ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ବିଚାରପତି ହିମା କୋହଲି ଓ ଏ. ଅମାନୁଲ୍ଲାଙ୍କ ଖଣ୍ଡପୀଠ କହିଛନ୍ତି, ଏହି ମାମଲାରେ ଆମେ ଉଦାର ହୋଇ ପାରିବୁ ନାହିଁ । ଜାଣିଶୁଣି ତିନି ତିନି ଥର ଆମ ନିର୍ଦ୍ଦେଶକୁ ବେଖାତିର କରାଯାଇ ନିୟମକୁ ଉଲ୍ଲଂଘନ କରାଯାଇଛି। ତେଣୁ ଆମେ ଉଭୟଙ୍କ କ୍ଷମାକୁ ଗ୍ରହଣ କରିବୁ ନାହିଁ।

ବିଚାରପତି କହିଛନ୍ତି, ଏହି ମାମଲା ନ୍ୟାୟଳୟରେ ନ ପହଞ୍ଚିବା ପର୍ଯ୍ୟନ୍ତ ଆଇନ ଖିଲାପକାରୀମାନେ ଆମ ନିକଟକୁ ନିଜ କ୍ଷମା ପ୍ରାର୍ଥନା ପତ୍ର ପଠାଇବାକୁ ଉଚିତ ମଣିଲେ ନାହିଁ। ସେମାନେ ପ୍ରଥମେ *(ପୃଷ୍ଠା ୭ରେ)*

## ମୋଦିଜୀ କ୍ଷମତାକୁ ଆସିବା ପରେ ଆଜି ଭାରତକୁ ଡରୁଛି ପାକିସ୍ତାନ : ଯୋଗୀ ଆଦିତ୍ୟନାଥ

**ରାମପୁର(ଉତ୍ତରପ୍ରଦେଶ)୧୦/୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଆଜି ଭାରତକୁ ଡରୁଛି ପାକିସ୍ତାନ। ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ଏଭଳି କହିଥିଲେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ମଙ୍ଗଳବାର ଦିନ ରାମପୁରରେ ସାଂସଦ ତଥା ବିଜେପି ପ୍ରାର୍ଥୀ ଘନଶ୍ୟାମ ଲୋଧିଙ୍କ ସମର୍ଥନରେ ଏକ ଜନସମାବେଶକୁ ସମ୍ବୋଧିତ କରି ଯୋଗୀ କହିଥିଲେ, ଏବେ ଭାରତ ବଦଳିଛି। ଏବେ ଡରି ରହି ବସିରହିବା ଅପେକ୍ଷା ଭାରତ ଘର ଭିତରେ ପଶି ମାରୁଛି। ସେ ଆହୁରି ମଧ୍ୟ



କହିଥିଲେ ଯେ, "ଆପଣ ନିଶ୍ଚିତ ଭାବରେ କରତାରପୁର ସାହେବ ଦେଖିଥିବେ। ପାକିସ୍ତାନ, କଂଗ୍ରେସ ବିରୋଧ କରିବା ସତ୍ତ୍ୱେ ବି ପ୍ରଧାନମନ୍ତ୍ରୀ *(ପୃଷ୍ଠା ୭ରେ)*

### ଏକାଳ ସକାଳ



କେଉଁଠି ଆଶାୟୀ ଅସମ୍ଭାଳ ପୂରା<br>
କାହାର ମୁଖିଆ ନାହିଁ<br>
ବଦଳା ବଦଳି ଟେନ୍‌ସନ୍ କା'ର<br>
ମୁଣ୍ଡ ଘୁରେ ଘାଇଁ ଘାଇଁ<br>
ପ୍ରଚାରକୁ ହାଇଁ ପାଇଁ<br>
ନିଇତି ଦିନିଆ ଘଟଣା ଏଗୁଡ଼ା<br>
ଦିନେ ମୁଣ୍ଡେ ନିଅ ନାଇଁ

## ମୋରମ ଖଣିକୁ ଖସିଲା ବସ୍ : ୧୨ ମୃତ, ୨୦ ଗୁରୁତର

**ଦୁର୍ଗ, ୧୦/୪**

ଛତିଶଗଡ଼ ଦୁର୍ଗ ଜିଲ୍ଲା ଖାପ୍ରିରେ ମଙ୍ଗଳବାର ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଭାରସାମ୍ୟ ହରାଇ ଏକ ବସ୍ ୪୦ ଫୁଟ ଗଭୀର ମୋରମ ଖଣିକୁ ଖସି ପଡ଼ିବାରୁ ୧୨ ଜଣଙ୍କ ଜୀବନ ଯାଇଛି। ଏହି ଦୁର୍ଘଟଣାରେ ୨୦ରୁ ଅଧିକ ଗୁରୁତର ହୋଇଥିବା ନେଇ ସୂଚନା ମିଳିଛି । ମଙ୍ଗଳବାର ରାତି ପ୍ରାୟ ୮ଟା ୩୦ରେ କୁମ୍ହାରୀ ଥାନା ଅଧୀନ ଖପରୀ ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଛି। ଏକ ଘରୋଇ କମ୍ପାନୀର କର୍ମଚାରୀ ନିଜ ସିଫ୍ଟ ସାରି ବସ୍‌ରେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଡ୍ରାଇଭରଜଣକ ଭାରସାମ୍ୟ ହରାଇବାରୁ ବସ୍‌ଟି ମୋରମ ଖଣିକୁ ଖସି ପଡ଼ିଥିଲା। ଖବର ମିଳିବା କ୍ଷଣି ତୁରନ୍ତ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲକୁ ପଠାଇଥିଲେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ୧୨ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ଜିଲ୍ଲାପାଳ, ଏସ୍‌ପି ପ୍ରମୁଖ ପ୍ରଶାସନିକ ଅଧିକାରୀ *(ପୃଷ୍ଠା ୭ରେ)*

## ଚାଷୀ, ଶିକ୍ଷିତ ବେକାର ଯୁବକଙ୍କ ଭୋଟ ଉପରେ ସବୁ ଦଳର ନଜର



**ଭୁବନେଶ୍ୱର,୧୦/୪ ନ୍ୟୁଜ ବ୍ୟୁରୋ**

କଥାରେ ଅଛି 'ଚାଷୀ ହୁଡିଲେ ବରଷେ, ଭୋଟର ହୁଡିଲେ ପାଞ୍ଚ ବରଷ' । ନିର୍ବାଚନ ଆସିଲେ ଚାଷୀ ଓ ଭୋଟରମାନଙ୍କ କଥା ମନେ ପଡେ। ସେଇଥି ପାଇଁ ତ' ସରକାର, ମନ୍ତ୍ରୀ, ଅଧିକାରୀ ସମସ୍ତେ ଚାଷୀ ଓ ଭୋଟରମାନଙ୍କୁ ମୁଣ୍ଡେଇ ଥାଆନ୍ତି। ଅର୍ଥାତ୍ ସେମାନଙ୍କ ପାଇଁ ବହୁ ବିଧ କାର୍ଯ୍ୟକ୍ରମ ଓ ଯୋଜନାମାନ ପ୍ରଣୟନ ତଥା କାର୍ଯ୍ୟକାରୀ କରିଥାଆନ୍ତି। ଏହାଛଡା ସେମାନଙ୍କ ପାଇଁ ସବୁ ପ୍ରକାର ସୁବିଧା ସୁଯୋଗ, ରିହାତି, ପୁରସ୍କାର ଏବଂ ଆର୍ଥିକ ପ୍ରୋତ୍ସାହନର ବ୍ୟବସ୍ଥା କରାଯାଇଥାଏ। ଏବେ ସାଧାରଣ ନିର୍ବାଚନ ଉପନିତ ହୋଇଥିବାରୁ ସରକାର (କେନ୍ଦ୍ରରେ ମୋଦି ସରକାର ହୁଅନ୍ତୁ କି ରାଜ୍ୟରେ ନବୀନ ସରକାର) ସମସ୍ତେ ଚାଷୀ ଓ ଶିକ୍ଷିତ ଭୋଟରଙ୍କ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ସେମାନଙ୍କ ସକାଶେ ନୂଆ ନୂଆ ଯୋଜନା ମଧ୍ୟ ଉପହାରର ବ୍ୟବସ୍ଥା କରିଛନ୍ତି। ଓଡ଼ିଶାରେ ନବୀନ ପଟ୍ଟନାୟକ ସରକାର ଚାଷୀଙ୍କ ଉନ୍ନତି ତଥା ସେମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ବା ସେମାନଙ୍କ ରୋଜଗାର ବଢାଇବା ଲାଗି ଅନେକ ପଦକ୍ଷେପ ନେଇଛନ୍ତି। ଏହା ଛଡା ସେମାନଙ୍କ ପାଇଁ 'କାଳିଆ' ଓ 'ବଳିଆ' ନାମରେ ଦୁଇଟି ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯାଇଛି। କୃଷି ଓ କୃଷକର ବିକାଶ ପାଇଁ ନବୀନ *(ପୃଷ୍ଠା ୭ରେ)*


DADLS-107





सत्यमेव जयते



ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ରଘୁବର ଦାସ)

OIPR : 15001/13/0001/2425





# ବାରିପଦା ନିର୍ବାଚନ ମଣ୍ଡଳୀରେ ବିଜେପି-ବିଜେଡ଼ି ମଧ୍ୟରେ ହେବ କଡ଼ା ଟକ୍କର

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ମୟୂରଭଞ୍ଜ ଜିଲ୍ଲାର ୯ଟି ବିଧାନସଭା କ୍ଷେତ୍ର ମଧ୍ୟରୁ ବାରିପଦା ଜିଲ୍ଲାର ସଦର ମହାକୁମା ହୋଇଥିବାରୁ ଏହି ନିର୍ବାଚନ ମଣ୍ଡଳୀକୁ ଏକ ଗୁରୁତ୍ୱପୂର୍ଣ୍ଣ ଆସନ ଭାବରେ ଉଭୟ ଶାସକ ଏବଂ ବିରୋଧୀ ଦଳ ବିଶେଷ ଧ୍ୟାନ ଦେଇଥାନ୍ତି । ଏହା ପୂର୍ବରୁ ଅଣ ସଂରକ୍ଷିତ ଆସନ ଥିବା ବେଳେ, ଡ଼ିଲିମିଟେସନ୍ ପରେ ୨୦୦୯ ନିର୍ବାଚନ ପାଖରୁ ଏହା ଆଦିବାସୀ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି । ଏହି ନିର୍ବାଚନ ମଣ୍ଡଳୀଟି ବାରିପଦା ପୌରପରିଷଦ, ବାରିପଦା ବ୍ଲକ, ଖୁଣ୍ଟା ବ୍ଲକ ଏବଂ ବଡ଼ସାହି ବ୍ଲକର ୯ଟି ଗ୍ରାମପଞ୍ଚାୟତ ଗୁଡ଼ିଆଲବନ୍ଧ, ଯାଦୁନାଥପୁର, ଜାରକାଣୀ, ଖାନୁଆ, ନାଉପାଳ, ପୂର୍ଣ୍ଣଚନ୍ଦ୍ରପୁର, ସାନ କେରକୋ, ଟଙ୍ଗାଶୋଳ ଏବଂ ଉଠାଣିନୁଆଗାଁକୁ ନେଇ ଗଠିତ ହୋଇଥିବା ବେଳେ, ଏହି ନିର୍ବାଚନ ମଣ୍ଡଳୀର ୨୦୧୯ ନିର୍ବାଚନରେ ମୋଟ ୧,୬୦,୫୩୪ ଜଣ ଭୋଟ୍ ଦାନ କରିଥିଲେ । ତେବେ ଏହି ଆସନରେ ଅତୀତରେ ୧୯୭୭ ଠାରୁ ୧୯୯୦ ପର୍ଯ୍ୟନ୍ତ କଂଗ୍ରେସ ଦଳରୁ ସ୍ୱର୍ଗତ ପ୍ରସନ୍ନ ଦାଶ ବିଧାୟକ ରହିଥିଲେ । ୧୯୯୦ ନିର୍ବାଚରେ ଏହି ଆସନରୁ ଜନତା ଦଳରୁ ଛତିଶ ଧଳ ବିଧାୟକ ହୋଇଥିଲେ । ପୁଣି ୧୯୯୫ରେ କଂଗ୍ରେସରୁ ପ୍ରସନ୍ନ ଦାଶ ବିଧାୟକ ହେଲେ । ତେବେ ୨୦୦୦ ନିର୍ବାଚନରେ ଏହି ଆସନରୁ ଜେଏମଏମ ଦଳରୁ କିଶୋର ଦାଶ ଏବଂ ୨୦୦୪ରେ ମଧ୍ୟ ସେହି ଜେଏମଏମ ଦଳରୁ ବିମଳ ଲୋଚନ ଦାଶ ବିଧାୟକ ହୋଇଥିଲେ । ଡିଲିମିଟେସନ ପରେ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ବିଜେଡିରୁ ସାନନ୍ଦ ମାରାଣ୍ଡି ବିଧାୟକ ନିର୍ବାଚିତ ହେବାସହ ଓଡ଼ିଶା ବିଧାନସଭାର ଉପବାସସ୍ପତି ମଧ୍ୟ ହୋଇଥିଲେ । ତେବେ ୨୦୧୯ ନିର୍ବାଚନରେ ସବୁ ଆକଳନକୁ ଭୁଲ୍ ପ୍ରମାଣିତ କରି ବିଜେପି ପ୍ରାର୍ଥୀ ପ୍ରକାଶ ସୋରେନ ବିଜେଡିର ପ୍ରାର୍ଥିନୀ ସରୋଜିନୀ ହେମ୍ବ୍ରମ୍‌ଙ୍କୁ ୧୯,୪୧୧ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରିଥିଲେ । ପ୍ରକାଶ ମୋଟ ୭୨,୨୨୫ଟି ଭୋଟ୍ ପାଇଥିବା ବେଳେ, ସରୋଜିନୀଙ୍କୁ ମିଳିଥିଲା ୫୨,୮୧୪ଟି ଭୋଟ୍ । ତେବେ ଏଥର ୨୦୨୪ ନିର୍ବାଚନରେ ବିଜେଡିରୁ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ବିଜେପିରୁ ବିଧାୟକ ଥିବା ପ୍ରକାଶ ସୋରେନ ପ୍ରାର୍ଥୀ ହୋଇଛନ୍ତି । ନିକଟ ଅତୀତରେ କଂଗ୍ରେସର ଯୁବନେତା ରାକେଶ ସିଂ ବିଜେପିରେ ସାମିଲ ହୋଇ ଟିକଟ ଆଶାୟୀ ଥିବାବେଳେ, ଦଳ ତାଙ୍କୁ ଟିକେଟ ନଦେଇ ବିଧାୟକ ଥିବା ପ୍ରକାଶଙ୍କୁ ଟିକଟ ଦେଇଛି । କଂଗ୍ରେସ ଅଦ୍ୟାବଧି ପ୍ରାର୍ଥୀ ଘୋଷଣା କରିନଥିବା ବେଳେ, ମୁଖ୍ୟତଃ ବିଜେଡ଼ି ଏବଂ ବିଜେପି ମଧ୍ୟରେ ଲଢେଇ ହେବ ବୋଲି ଜଣାଯାଇଛି । ତେବେ ବିଜେଡ଼ିର ଏହି ନିର୍ବାଚନ ମଣ୍ଡଳୀରୁ ଆଶାୟୀ ଥିବା ଅନ୍ୟ ପ୍ରାର୍ଥୀ ମାନଙ୍କୁ ଦଳ ତାର ରଣନୀତି ଭିତରେ ମ୍ୟାନେଜ କରୁଥିବା ବେଳେ, ବିଜେପିରେ ମଧ୍ୟ ପ୍ରକାଶ ସୋରେନଙ୍କୁ ନେଇ ବିଜେପି ଗୋଷ୍ଠୀରେ ଅସନ୍ତୋଷ ରହିଛି । ପୁନଶ୍ଚ ରାକେଶ ସିଂ ଦୀର୍ଘ ଦିନ ଧରି ବାରିପଦା ନିର୍ବାଚନ ମଣ୍ଡଳୀରେ ନିଜସ୍ୱ ସଂଗଠନ କରି କାର୍ଯ୍ୟକ୍ରମ ମାଧ୍ୟମରେ କ୍ଷେତ୍ର ପ୍ରସ୍ତୁତ କରିଥିବା ବେଳେ, ସେ ଯଦି କଂଗ୍ରେସରୁ ବା ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ନ୍ତି ତେବେ ବାରିପଦାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାର ରାଜନୈତିକ ସମୀକ୍ଷକ ମାନେ ଆକଳନ କରୁଛନ୍ତି । ତେବେ ବିଗତ ପଞ୍ଚାୟତ ନିର୍ବାଚନରେ ସାରା ଜିଲ୍ଲାରେ ବିଜେଡି ବାଜିମାତ କରିଥିବା ବେଳେ, ଜିଲ୍ଲା ପରିଷଦ ଆସନ ହାତେଇବାରେ ବିଜେପି ଖାତା ଖୋଲିପାରିନାହିଁ । ଏଣୁ ତୃଣମୂଳ ସ୍ତରରେ ବିଜେଡ଼ିର ସଂଗଠନ ସୁଦୃଢ଼ ରହିଛି । ଯାହା ସାଧାରଣ ନିର୍ବାଚନରେ ବେଶ୍ ସହାୟକ ହେବ । ଏହି ସବୁ ଆକଳନକୁ ନେଇ ଚଳିତ ଥର ବିଜେଡ଼ି ଏହି ଆସନରେ ବାଜିମାତ୍ କରିବା ପାଇଁ ପୁରୁଖା ନେତା ସାନନ୍ଦ ମାରାଣ୍ଡିଙ୍କୁ ପ୍ରାର୍ଥୀ କରି ପୁଣି ଥରେ ଗଡ଼ ହାସଲ କରିବାର ଯୋଜନା କରୁଥିବାର ଜଣାଯାଇଛି । ତେବେ ନିର୍ବାଚନରେ ଭୋଟର କାହାକୁ ବାଛିବେ ଏବଂ କିଏ ବିଧାୟକ ହେବ ତାହା ଦେଖିବାକୁ ବାକି ରହିଲା ।

# ଜମ୍ବୁ ପଞ୍ଚାୟତର ବହୁ ବିଜେପି କର୍ମୀ ବିଜେଡ଼ିରେ ମିଶିଲେ

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**



ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ଶାସକ ବିଜୁ ଜନତା ଦଳର ସାଂଗଠନିକ ଶକ୍ତି ଦିନକୁ ଦିନ ବୃଦ୍ଧିପାଇବାର ଲକ୍ଷଣ ଦେଖିବାକୁ ମିଳୁଛି । ନିର୍ବାଚନ ତାରିଖ ଘୋଷଣା ହେବାପରେ ବିରୋଧି ଦଳର ବହୁ ସଦସ୍ୟ ଓ ଛାମୁଆଁ କର୍ମୀ ବିଜେଡ଼ିରେ ଧିରେ ଧିରେ ମିଶିବାର ପ୍ରକ୍ରିୟା ଜାରି ରହିଛି । ଏପ୍ରିଲ ପହିଲାରୁ ମହାକାଳପଡ଼ା ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବିଭିନ୍ନ ଦଳରୁ ଶତାଧିକ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ । ଜମ୍ବୁ ପଞ୍ଚାୟତର ଜମ୍ବୁ ଗ୍ରାମର ବହୁ ବିଜେପି କର୍ମୀ ଦଳ ଛାଡ଼ି ବିଜେଡ଼ିରେ ସାମିଲ ହୋଇଛନ୍ତି । ଦଳୀୟ କାର୍ଯ୍ୟାଳୟରେ ଦଳୀୟ ନେତା ଅତନୁ ସବ୍ୟସାଚୀ ନାୟକଙ୍କ ଉପସ୍ଥିତିରେ ପଞ୍ଚାୟତର ପୂର୍ବତନ ସରପଞ୍ଚ ପଞ୍ଚମୀ ମଣ୍ଡଳଙ୍କ ନେତୃତ୍ୱରେ ଆସିଥିବା ଚିରଞ୍ଜିବୀ ଦେହୁରୀ, ଗଣେଶ ବିଶ୍ୱାସ, ଜୟନ୍ତ ବିଶ୍ୱାସ, ଶୁକଦେବ ପାଇକ୍, ପରିମଳ ପାଇକ, ବାପି ଗାଏନ, ଉତ୍ତମ ବୈଦ୍ୟ, ତପୁ ବୈଦ୍ୟ, ବିପି ସାର୍ଜଲ, ବିଚିତ୍ର ତାଲୁକଦାର, ଅନାମ ଦାସ, ସୁକୁମାର ମଣ୍ଡଳ, ପ୍ରଦୀପ ଢ଼ାଲି, ନିତାଇ ଜର୍ଦାର, ଜଗଦିଶ ବିଶ୍ୱାସ, ବାପି ମଣ୍ଡଳ ପ୍ରମୁଖ କର୍ମୀମାନେ ଦଳରେ ସାମିଲ ହୋଇଛନ୍ତି । କର୍ମୀମାନଙ୍କ କହିବାକଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ଆମର ପ୍ରିୟ ନେତା ଅତନୁ ସବ୍ୟସାଚୀ ନାୟକଙ୍କ ଅଞ୍ଚଳରେ ଉନ୍ନୟନ ମୂଳକ କାର୍ଯ୍ୟକ୍ରମକୁ ଦେଖି ଆମେ ତାଙ୍କ ନେତୃତ୍ୱ ଉପରେ ଭରସା କରି ଦଳରେ ମିଶିଛୁ । ଏହି କର୍ମୀମାନେ ବିଗତ ଦିନରେ ଭାରତୀୟ ଜନତା ପାର୍ଟିର ଭୋଟ୍ ସଂଗ୍ରହ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ପୂର୍ବତନ ସରପଞ୍ଚ ପଞ୍ଚମୀ ମଣ୍ଡଳ କୁହନ୍ତି ।



# ଅନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଦିବସ ପାଳିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଗରାପୁରସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ମୁଖ୍ୟ ଫାଟକ ନିକଟରେ ଆନ୍ତର୍ଜାତିକ ଅଶୋଭୋନୀୟତା ନିରୋଧ ଆନ୍ଦୋଳନର କେନ୍ଦ୍ରାପଡା ସଂଯୋଜିକା ମମତା ମଲ୍ଲଙ୍କ ସଂଯୋଜନାରେ ଆନ୍ତର୍ଜାତିକ ଅଶୋଭୋନୀୟତା ନିରୋଧ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସାମାଜିକ କର୍ମୀ ଶ୍ରୀ ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟର ସଦସ୍ୟ ରାଜେନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ମାନବିକତାର ପତାକା ଉତ୍ତୋଳନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କଟକର ଆକାଶବାଣୀ କଳାକାର ଅଭିରାମ ନାୟକ, ଉଷାରାଣୀ ଗୀତିନାଟ୍ୟ ପରିଷଦର ସଭାପତି ପ୍ରଭାତ କୁମାର ସିଂହ, ସମାଜସେବୀ ଦିଲ୍ଲୀପ କୁମାର ଦାସ, ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । ସମାଜର ଶାନ୍ତି, ଶୃଙ୍ଖଳା ଓ ମଙ୍ଗଳ ପାଇଁ ଯୋଗ୍ୟ ଆଦର୍ଶ କର୍ମୀ ଗଠନ ଉଦ୍ଦେଶ୍ୟରେ ଉକ୍ତ ମଣିଷ ତିଆରି କାରଖାନା ଗଢା ହୋଇଥିଲେ ହେଁ ଅନିବାର୍ଯ୍ୟ କାରଣବଶତଃ ଏହା ବର୍ତ୍ତମାନ ଚାଲୁନଥିବାରୁ ଉପସ୍ଥିତ ଅତିଥିଗଣ ଦୁଃଖ ପ୍ରକାଶ କରିବା ସହ ପୁନରାୟ ଏହା ସମାଜ ମଙ୍ଗଳ ଉଦ୍ଦେଶ୍ୟରେ ଚାଲୁ ରଖାଯିବା ନିମନ୍ତେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିଥିଲେ ।

# ମହିଳା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ସେମିନାର

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଭଦ୍ରକ ମହିଳା ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ଆନୁକୁଲ୍ୟରେ ଏକ ସେମିନାର ଆୟୋଜନ କରାଯାଇଥିଲା । 'ଦ ଇମ୍ପୋଟାନ୍ସ ଅଫ୍ ବାୟୋଡାଇଭର୍ସିଟି ଇନ୍ ଇକୋସିଷ୍ଟମ୍' ଶୀର୍ଷକ ଏହି ସେମିନାରକୁ ମହାବିଦ୍ୟାଳୟର ଅଧକ୍ଷା ସୁପ୍ରୀତି କର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ବିଭାଗୀୟ ମୁଖ୍ୟ ଆରତୀ ଜେନା ଅତିଥିଙ୍କୁ ସ୍ୱାଗତ କରିବା ସହ ବିଷୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । ମୁଖ୍ୟଅତିଥି ତଥା ବକ୍ତା ଭାବେ ସିମୁଳିଆ ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ତଥା ଉଦ୍ଭିଦ ବିଜ୍ଞାନର ବରିଷ୍ଠ ଅଧାପକ ମାଷ୍ଟର ଆପୋଲୋ ଯୋଗଦେଇ ବିଷୟ ସମ୍ପର୍କରେ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ନିଜର ସ୍ୱତନ୍ତ୍ର ଓ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଅତିଥିଙ୍କୁ ବିଭାଗ ତରଫରୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରାଯାଇଥିଲା । ଯୁକ୍ତ ୩ ତୃତୀୟ ବର୍ଷ ସମ୍ମାନ ଛାତ୍ରୀ ଭାସ୍ୱତୀ ଶ୍ରେୟା ଦାସ ଏହାକୁ ସଞ୍ଚାଳନା କରିଥିଲେ । ଅଧାପିକା ଅର୍ପିତା ଦାସ ଓ ସଂଘମିତ୍ରା ଦାସଙ୍କ ତତ୍ତ୍ୱାବଧାନରେ ଏହା ସୁରୁଖୁରୁରେ ସମାପିତ ହୋଇଥିଲା । ପ୍ରାୟ ୮୦ରୁ ଅଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ଅନୀତା ପୂର୍ତ୍ତି, ଭବେଶ ସ୍ୱାଇଁ, ପ୍ରଦ୍ୟୁତ୍ ପଣ୍ଡା, ଅବନ୍ତୀ ମହାନ୍ତି, ସୁପ୍ରିୟା ଚକ୍ରବର୍ତ୍ତୀ, ରାଜଲକ୍ଷ୍ମୀ ବାରିକ୍ ଓ ପ୍ରତିଭା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅଧାପିକା ଅର୍ପିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଳଦେବଜୀଉଙ୍କ ଆଶୀର୍ବାଦ ଭିକ୍ଷା କରି ପ୍ରଚାର ଆରମ୍ଭ କଲେ ବିଜେଡ଼ି ପ୍ରାର୍ଥୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ବିଜେଡି ସଭାପତି ନବୀନ ପଟ୍ଟନାୟକ ତୃତୀୟ ପର୍ଯ୍ୟାୟ ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି । ଏହି ତାଲିକାରେ କେନ୍ଦୁଝର ସଦର ବିଧାୟକ ପ୍ରାର୍ଥୀ ଭାବେ ମିନା ମାଝୀଙ୍କ ନାମ ଘୋଷଣା କରିଛନ୍ତି ନବୀନ ପଟ୍ଟନାୟକ । ଏହି ଘୋଷଣା ପରେ ମିନା ମାଝୀ ନବୀନ ପଟ୍ଟନାୟକ, ଭିକେ ପାଣ୍ଡିଆନ୍, ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ସୋମବାର ସନ୍ଧ୍ୟାରେ ମିନା ମାଝୀ ପ୍ରଥମେ କେନ୍ଦୁଝର ଜିଲ୍ଲାର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉଙ୍କ ଦର୍ଶନ କରିଛନ୍ତି । ହଜାର ହଜାର କର୍ମୀଙ୍କ ଗ୍ରହଣରେ ପ୍ରଭୁ ବଳଦେବଜୀଉ ଦର୍ଶନ କରି ପ୍ରଥମେ ଆଶୀର୍ବାଦ ଭିକ୍ଷା କରିଥିଲେ ମିନା ମାଝୀ । ପରେ ପୁରୁଣା ସହରଠାରେ ଦଳର ବରିଷ୍ଠ ସଦସ୍ୟଙ୍କ ଗହଣରେ ନିର୍ବାଚନୀ ପ୍ରଚାର ଆରମ୍ଭ କରିଥିଲେ । ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକୁ ଆଧାର କରି ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ସେ ପ୍ରକାଶ କରିଛନ୍ତି । ବିଜେପି ପ୍ରାର୍ଥୀ ମୋହନ ଚରଣ ମାଝୀଙ୍କୁ ବିପୁଳ ଭୋଟ୍ ବ୍ୟବଧାନରେ ହରାଇବେ ବୋଲି ଦୃଢ଼ତା ସହ ପ୍ରକାଶ କରିଛନ୍ତି ମିନା ମାଝୀ । ଏହି ନିର୍ବାଚନୀ ପ୍ରଚାର ସମୟରେ ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, ବରିଷ୍ଠ ନେତା ଆଶିଷ ଚକ୍ରବର୍ତ୍ତୀ, ନଗର ସଭାପତିଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ । ପ୍ରକାଶ ଯେ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀରୁ ବିଧାୟିକା ପ୍ରାର୍ଥୀ ଭାବରେ ବିଜେଡିରୁ ଟିକେଟ ପାଇଥିବା ମୀନା ମାଝି ପୂର୍ବରୁ କେନ୍ଦୁଝରଗଡ ପୌରପାଳିକାର ଅଧକ୍ଷା ଥିଲେ । ବର୍ତ୍ତମାନ ସେ ବିଜେଡି ଦଳର ଉତ୍ତର ଓଡ଼ିଶାର ମହିଳା କାର୍ଯ୍ୟକାରୀ ସଭାପତି, ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ସଦସ୍ୟ, ରାଜ୍ୟ ପରିଷଦର ସଦସ୍ୟା ଅଛନ୍ତି ।

# ଆଦର୍ଶ ଯୁବ ପରିଷଦ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ




**କଟକ, ନ୍ୟୁଜ୍ ବ୍ୟୁରୋ**

ବାଙ୍କୀ ଏନ.ଏ.ସି ଅନ୍ତର୍ଗତ ଚକାପଦା ଗ୍ରାମର ଅଗ୍ରଣୀ ଯୁଥ୍ କ୍ଲବ ତଥା ସାମାଜିକ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦ ତରଫରୁ ଯୁବ ବନ୍ଧୁ ଭବନ ଚକାପଦା ଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ହୋଇଯାଇଛି । ଯୁବ ପରିଷଦର ଆବାହକ ଅକ୍ଷୟ କୁମାର ସାମଲଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ତଥା ଅବସରପ୍ରାପ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଜଗଦୀଶ ପଣ୍ଡା ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବଂଶୀଧର ମହାପାତ୍ର, ଶଶୀଭୂଷଣ ତ୍ରିପାଠୀ, ନରେଶ ଚନ୍ଦ୍ର ରାଉତ ସଭାପତି, ନିରଞ୍ଜନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ ଏହି ଉକ୍ତିର ସାରମର୍ମ ସମ୍ପର୍କରେ ଆଲୋଚନା କରିଥିଲେ । ମାନସିକ ଓ ଶାରୀରିକ ସ୍ତରରେ ସ୍ୱାସ୍ଥ୍ୟ ଠିକ୍ ରହିଲେ ଜୀବନର ସମସ୍ତ ପ୍ରକାର କାର୍ଯ୍ୟକୁ ସଠିକ୍ ଭାବରେ ପରିଚାଳନା କରିପାରିବେ ବୋଲି ଅତିଥି ମାନେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ସ୍ୱାସ୍ଥ୍ୟ ସମ୍ପର୍କରେ ଏକ ଶପଥପାଠ କରାଯାଇଥିଲା । ପରିଶେଷରେ ସଭାପତି ନିରଞ୍ଜନ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅର୍ପିତ କୁମାର ସାମଲ, କାଶୀନାଥ ଦାସ, ଜାଜ୍ଞସେନୀ ରଣା, ଓମ୍ ପ୍ରକାଶ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ନିମ୍ନମାନର ରାସ୍ତା ନିର୍ମାଣକୁ ବନ୍ଦ କଲେ ଗ୍ରାମବାସୀ:ପୂର୍ଣ୍ଣାଙ୍ଗ ନେଇ ଅନିଶ୍ଚିତତା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଥିବା ରାମକୃଷ୍ଣପୁର ଦହପଡା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ରାସ୍ତା ନିର୍ମାଣରେ ବ୍ୟାପକ ଠକେଇ କରାଯାଉଥିବାର ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତା ନିର୍ମାଣକୁ ଅଧାରୁ ବନ୍ଦ କରିଦେଇଛନ୍ତି । ଫଳରେ ଏହି ରାସ୍ତା ପୂର୍ଣ୍ଣାଙ୍ଗ ନେଇ ସନ୍ଦେହ ପ୍ରକାଶ ପାଇଛି । ରାମକୃଷ୍ଣପୁର ଦହପଡା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତା ଅଟକଳ ଅନୁଯାଇ ନିର୍ମାଣ କରାଯାଉନଥିବାର ଅଭିଯୋଗ ହୋଇଛି । ଏହି ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବାର ଅଭିଯୋଗ ହୋଇଛି । ନିମ୍ନମାନର କାମ ଯୋଗୁ ଏହି ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଅପରପକ୍ଷରେ ରବିବାର ଛୁଟିଦିନ ଥିବା ଯୋଗୁ ବିଭାଗୀୟ ଅଧିକାରୀ କାର୍ଯ୍ୟବେଳେ ଅନୁପସ୍ଥିତ ଥିଲେ । ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଠିକାଦାର ମନମୁଖୀ ଭାବେ ନିମ୍ନମାନର କାର୍ଯ୍ୟ କରୁଥିବାର ଦେଖିବାକୁ ମିଳିଥିଲା । ଏହାର ପ୍ରତିବାଦରେ ରାମକୃଷ୍ଣପୁର ଠାରେ ସ୍ଥାନୀୟ ଲୋକେ ନିମ୍ନମାନର କାମକୁ ଅଧାରୁ ବନ୍ଦ କରିଦେଇଥିବାର ଜଣାଯାଇଛି । ଏସମ୍ପର୍କରେ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏଠାରେ ସୂଚନା ଯୋଗ୍ୟ ଯେ ଠିକାଦାରଙ୍କ ସହ ବିଭାଗୀୟ ଅଧିକାରୀଙ୍କର ଭିତିରି ସମ୍ପର୍କ ଥିବା ଯୋଗୁ ସମ୍ପୃକ୍ତ ଅଧିକାରୀ ଏହି କାର୍ଯ୍ୟର ତଦାରଖ କରୁନଥିବାର ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହାର ତଦନ୍ତ କରାଯିବା ନିମନ୍ତେ ସ୍ଥାନୀୟ ଲୋକେ ଦୃଢ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚରମ ଚେତାବନୀ ଦେଇଛନ୍ତି ।

# ହୋ ସମାଜ ପକ୍ଷରୁ ବିଜେଡ଼ି ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡିଙ୍କୁ ସମ୍ବର୍ଦ୍ଧନା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ମୟୂରଭଞ୍ଜ ଆଦିବାସୀ ହୋ ସାମାଜ ପକ୍ଷରୁ ତଥା ବାରିପଦା ବ୍ଲକ ହୋ ସମାଜ ସଭାପତି କାଟି ସିଂ ବାର୍ଦା ଓ ସମ୍ପାଦକ ସୁନାରାମ ପୁର୍ତ୍ତୀଙ୍କ ନେତୃତ୍ୱରେ ସାନନ୍ଦ ମାର୍ଣ୍ଡିଙ୍କୁ ବାରିପଦା ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ରୂପେ ଘୋଷାଣ ହୋଇଥିବାରୁ ସୋମବାର ବିଜୁ ଭବନ ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଓ ନବୀନ ଓଡ଼ିଶା ଅଧକ୍ଷ ଭି. କେ କାର୍ତ୍ତିକ ପାଣ୍ଡିଆନ୍ ଓ ବିଜେଡ଼ି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଦେବା ସହ ବାରିପଦା ନିର୍ବାଚନୀ ମଣ୍ଡଳୀ ବିଜେଡ଼ି ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଉପସ୍ଥିତ ଥିଲେ ହୋ ସାମାଜ କର୍ମକର୍ତ୍ତା ଗଜେନ୍ଦ୍ର କୁମାର ଗୋଧୂଆ, ବୁଦ୍ଧୁରାମ ପୁର୍ତ୍ତୀ, ବୁଧରାୟ ବାର୍ଦା, ଅକ୍ଷୟ ଗୁନ୍ଧୂଆ, ସୁରେନ୍ଦ୍ର ବାର୍ଦା, ଲକ୍ଷ୍ମୀଧର ସିଦୁଇ, ମହେଶ୍ୱର ତୁବିଦ, ରାଜୁ ଗଇପାଇ, ବିଜୟ ବାରି, ମଙ୍ଗଳ ପୁର୍ତ୍ତୀ, ସନାତନ ପୁର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ ।

# କବୀ ଜାନକୀ ପାଢ଼ୀଙ୍କୁ ନୀଳପ୍ରଭା ସାରସ୍ୱତ ସମ୍ମାନ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ସହର ଅନ୍ତର୍ଗତ ହମିରିବିନ୍ଧା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀଙ୍କୁ ନୀଳଗିରି ଅଞ୍ଚଳର ଆଦର୍ଶ ସାରସ୍ୱତ ଅନୁଷ୍ଠାନ 'ନୀଳପ୍ରଭା' ତରଫରୁ 'ଅଁଳାପାଳ' ଠାରେ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ 'ନୀଳପ୍ରଭା ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଛି । ସାହିତ୍ୟ ଓ ଶିକ୍ଷାକ୍ଷେତ୍ରରେ ବିଶେଷ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ପ୍ରତିବର୍ଷ ଅନୁଷ୍ଠାନ ତରଫରୁ ଏଭଳି ମର୍ଯ୍ୟାଦାଜନକ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥାଏ । ଗଣଚେତନାର ବରିଷ୍ଠ କବି ଗଙ୍ଗାଧର ଦାସଙ୍କ ସଂଯୋଜନା ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କାଳୀପଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବସନ୍ତ ଉତ୍ସବ ଓ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବରେ ଅବସରପ୍ରାପ୍ତ ଅଧକ୍ଷ ଡ. ବଂଶୀଧର ଚୌଧୁରୀ ଓ ଡ. ରବୀନ୍ଦ୍ର ନାରାୟଣ ଚୌଧୁରୀ, ସାହିତ୍ୟିକ ଇଂ. ଅଭୟ ସୂତାର, 'ଧ୍ୱନିପ୍ରତିଧ୍ୱନି'ର ସମ୍ପାଦକ ସୃଷ୍ଟିଧର ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇ କବୀ ଶ୍ରୀମତୀ ପାଢ଼ୀଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରିଥିଲେ । ସମ୍ବର୍ଦ୍ଧନା ଉତ୍ସବ ସହିତ ବସନ୍ତ ମିଳନ ଉତ୍ସବର ତାତ୍ପର୍ଯ୍ୟ, ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ବିଶିଷ୍ଟ କବି ପଦ୍ମଲୋଚନ ପ୍ରଧାନ, ବାବୁରାମ ରାଉତ, ସତ୍ୟଭାମା ମୁଦୁଲି, ଶଶିକାନ୍ତ ବେହେରାଙ୍କ ଭଳି ବହୁ ସାରସ୍ୱତ ସ୍ରଷ୍ଟା ବସନ୍ତ ମିଳନ ସମ୍ପର୍କରେ ଆଲୋଚନା କରିଥିଲେ । କବି ଭକ୍ତଶ୍ରୀ ଦାସ ଧନ୍ୟବାଦ ଦେଇଥିଲେ ।

# ପଥପ୍ରାନ୍ତ ସଭାରେ ଯୋଗଦେଲେ ବିଜେପିର ସାଂସଦ ଓ ବିଧାୟକ ପ୍ରାର୍ଥୀ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**



ଆନନ୍ଦପୁର ଉପଖଣ୍ଡ ହାଟଡ଼ିହି ଓ ଡେଙ୍କା ପଞ୍ଚାୟତରେ ବିଜେପି କାର୍ଯ୍ୟକର୍ତ୍ତା ଓ ମାତୃଶକ୍ତିଙ୍କ ସହ ଭିନ୍ନ ଭିନ୍ନ ବୈଠକରେ ଯୋଗଦେଲେ କେନ୍ଦୁଝର ବିଜେପି ସାଂସଦ ପ୍ରାର୍ଥୀ ଅନନ୍ତ ନାୟକ ଓ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ । ହାଟଡ଼ିହିର ତେଲୁକା ହାଟ ଓ ଡେଙ୍କାର ରାଇନଟାରେ ବିଜେପି ପକ୍ଷରୁ ଆୟୋଜିତ ପଥପ୍ରାନ୍ତ ସଭାରେ ସହ ସହ ମହିଳାଙ୍କ ସହ ବିଜେପିର ସାଂସଦ ପ୍ରାର୍ଥୀ ଅନନ୍ତ ନାୟକ ଓ ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, ମହେଶ୍ୱର ସାହୁ, ରାମଚନ୍ଦ୍ର ସାହୁ, ହରମୋହନ ଶାସିନ, ସୁଶାନ୍ତ ଜେନା, ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ବିଜେପିକୁ ଭୋଟ ଦେଇ ଓଡ଼ିଶା ସହ ସମଗ୍ର ଦେଶର ବିକାଶକୁ ଆଗେଇନେବା । ପାଇଁ ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ । ବରିଷ୍ଠ ନେତା ପ୍ରେମାନନ୍ଦ ମିଶ୍ର, ସୁରେଶ ଓଝା, କନକ ଜେନା, ତୃପ୍ତିମୟୀ ଜେନା, କୃଷ୍ଣଚନ୍ଦ୍ର ଜେନା, ରାଜେଶ ଜେନା, ସୁନୀଲ ନାୟକ, ଅଶୋକ ଜେନା, ଜଗା ଦେବତା, ଦୀପକ ଜେନା, ଶଶିକାନ୍ତ ରାଉତ, ରୁଦ୍ରପ୍ରସଦ ଜେନାଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିର୍ମାଣ ସମ୍ପର୍କରେ ତାଲିମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ କଜଳା ଶନି ମନ୍ଦିର ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାଗେଶ୍ୱରୀ ଯୁବକ ସଂଘ (ସିଆରଏସ) ଆନୁକୂଲ୍ୟରେ ବାତ୍ୟା, ବନ୍ୟା ନିରୋଧି ସହନଶୀଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ ଶିବିରରେ ୨୦ନଂ ଓ ୨୧ନଂ ୱାର୍ଡର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଓ ରାଜମିସ୍ତ୍ରୀକୁ ନେଇ ଏହି ତାଲିମ ଅନୁଷ୍ଠିତ ହୋଇଥିଲା । ଏଥିରେ ଗୃହ ନିର୍ମାଣ ସମ୍ପର୍କରେ କେତେ ପରିମାଣରେ ରଡ୍, ସିମେଣ୍ଟ, ଇଟା, ବାଲି ଦିଆଯିବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତାଲିମ ପ୍ରଦାନ କରାଯାଇଥିଲା । କେନ୍ଦ୍ରାପଡା ଓ ଜଗତସିଂହପୁରର ପ୍ରୋଜେକ୍ଟ ଅଫିସର ଶରତ ଚନ୍ଦ୍ର ନାୟକଙ୍କ ସମେତ କାଉନସିଲର ଅସୀମା ନାୟକ, ପ୍ରଭାଶିଷ ପଣ୍ଡା, ପ୍ରଦୀପ କୁମାର ନାୟକ, ଉପେନ୍ଦ୍ର କୁମାର ପଣ୍ଡା, ମିର ନାଦାର ଅଲ୍ଲୀ, ମିର ଅଲ୍ଲୀମୁଲ୍ଲା, ମିର କୁମ୍ମା, ଆଲୋକ ରଞ୍ଜନ ମହାନ୍ତି, ନବଘନ ମଲିକଙ୍କ ସମେତ ୨ଟି ୱାର୍ଡର ହିତାଧିକାରୀଙ୍କ ସମେତ ବହୁ ୱାର୍ଡବାସୀ ଉପସ୍ଥିତ ଥିଲେ ।




# ଆଦର୍ଶ ପ୍ରତିଭା ବିକାଶ ପରିଷଦର କବିତା ଆସର



**କଟକ, ନ୍ୟୁଜ୍ ବ୍ୟୁରୋ**

ସାରସ୍ୱତ ଅନୁଷ୍ଠାନ ଆଦର୍ଶ ପ୍ରତିଭା ବିକାଶ ପରିଷଦର କବିତା ଆସର, ଆଲୋଚନା ଚକ୍ର ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଚାଉଳିଆଗଞ୍ଜ ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । କବୟତ୍ରୀ ଗୀତାଞ୍ଜଳୀ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆସରକୁ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ମୁଖ୍ୟବକ୍ତା ଭାବେ ପଣ୍ଡିତ ନୀଳକଣ୍ଠ ରାଉତ, ବରେଣ୍ୟ ଅତିଥି ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଓ ପତିତ ପାବନ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ରାଜୀବ କୁମାର ଷଡଙ୍ଗୀ, ଚୈତନ୍ୟ କୁମାର ରାଉତ, ସର୍ବେଶ୍ୱର ସ୍ୱାଇଁ, କୈଳାସ ଚନ୍ଦ୍ର ବାରିକ ଯୋଗଦେଇ ସାହିତ୍ୟିକ ମାନେ ନିର୍ଭିକ ଭାବରେ କଲମ ଚାଳନା କରି ସମାଜକୁ ପରିବର୍ତ୍ତନ କରିପାରିବେ ବୋଲି କହିଥିଲେ । ଏହି ଅବସରରେ ଲେଖକ ବୀରକିଶୋର ବାରିକଙ୍କ ରଚିତ ପୁସ୍ତକ 'ଦିବ୍ୟଚେତନା'କୁ ଲୋକାର୍ପଣ କରାଯାଇଥିଲା । ଡ. ବସନ୍ତ କୁମାରୀ ନନ୍ଦ ଓ ସନ୍ଧ୍ୟା ଶତପଥିଙ୍କ ସଂଯୋଜନାରେ କବି ରବିନ୍ଦ୍ର ନାଥ ପଣ୍ଡା, ସୁଶିଳ କୁମାର ରାଉତ, ରଘୁନାଥ ତ୍ରିପାଠୀ, ଉତ୍ତମ ଚରଣ ପ୍ରଧାନ, ରାଜକିଶୋର ସ୍ୱାଇଁ, ନିରୁପମା ସାହୁ, ସଚ୍ଚିଦାନନ୍ଦ କର, ଦେବେନ୍ଦ୍ର ନାଥ ସାହୁ, ରତନ କୁମାର ମହାନ୍ତି, ଶୂନୀ ଦାଶ, ଅଭୟ ପାତ୍ର, ଜୟନ୍ତୀ ପତି, ପ୍ରଭାତିରାଣୀ ମହାନ୍ତି, ନରେଶ ଚନ୍ଦ୍ର ରାୟମହାପାତ୍ର, ଦୁବେଶ୍ୱର ସ୍ୱାଇଁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୈତ୍ରୀଭୂଷଣ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଂସଦ ପ୍ରାର୍ଥୀ ଡ଼ଃ ରାଜଶ୍ରୀ ମଲ୍ଲିକ, ବିଧାୟକପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ରୋଡ଼ ଶୋ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଡ଼ଃ ରାଜଶ୍ରୀ ମଲ୍ଲିକ ଓ ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇଙ୍କ ରୋଡ ଶୋ ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ବିରିଡି ବ୍ଲକ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ହାଜର ହଜାର କର୍ମୀଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ପରେ ଉଭୟ କର୍ମୀଙ୍କ ସହିତ ଧାନକୁଦ ସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ କଇଜଙ୍ଗା ସ୍ଥିତ ମା' କନକ ଦୁର୍ଗା ମନ୍ଦିରକୁ ଯାଇ ମା'ଙ୍କୁ ଦର୍ଶନ କରିଥିଲେ । ସେଠାରୁ ଏକ ଖୋଲା ଗାଡ଼ିରେ ଦଳୀୟ ନେତୃବୃନ୍ଦ ଓ ସମର୍ଥକଙ୍କ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳା ଓ ଗୋରେଖନାଥ ପୀଠ ଅଭିମୁଖେ ବାହାରିଥିଲେ । ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀଟି ବିରିଡି, ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକକୁ ନେଇ ଗଠିତ ହୋଇଥିବା ବେଳେ ଶୋଭାଯାତ୍ରାରେ ୩ ବ୍ଲକ ପରିକ୍ରମା କରିବା ଲକ୍ଷ୍ୟରେ ହାଜିପୁର, ବିରିଡି, ବାଲିଆ ଷ୍ଟୋର, ଅଣଖିଆ, ଧନୁପୁର, ରଘୁନାଥପୁର, ତାରାପୁର, ଯଇପୁର, ଦେଇ ଗୋରେଖନାଥ ପୀଠରେ ଦର୍ଶନ ପାଇଁ ପହଞ୍ଚିଥିଲେ । ସେଠାରେ ଗୋରେଖନାଥ ଦର୍ଶନ ପରେ ମୂଳିସିଂ ଠାରୁ ତିର୍ତ୍ତୋଲ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ ଓ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରାଙ୍କ ନେତୃତ୍ୱରେ ସହସ୍ରାଧିକ କର୍ମୀମାନଙ୍କ ଗହଣରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ଝଙ୍କଡ଼ ସ୍ଥିତ ମା' ଶାରଳା ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ । ମନ୍ଦିର ସମ୍ମୁଖରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ସେଠାରେ କର୍ମୀମାନେ ଦୁଇ ପ୍ରାର୍ଥୀଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଉପାଧକ୍ଷା ସୁଜାତା ମହାନ୍ତି, ସନ୍ଧ୍ୟାରାଣୀ ମହାନ୍ତି, ବିରିଡି ବ୍ଲକ ଅଧକ୍ଷା ମମତା ପାତ୍ର, ମେହେବୁବ ବେଗ, ମିର ଅଜମେର ଅଲ୍ଲୀ, ଜିଲ୍ଲା ସଭାପତି ରବି ନାରାୟଣ ଜେନା, ବିରିଡି ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ଦେବୀ ପ୍ରସାଦ ତ୍ରିପାଠୀ, ପ୍ରଦୀପ୍ତ ଭୂୟାଁ, ରଘୁନାଥପୁର ବ୍ଲକ ଉପାଧକ୍ଷ ଦେବାଶିଷ ତ୍ରିପାଠୀ, ଅନ୍ତର୍ଯ୍ୟାମୀ ରାଉତ, ପ୍ରକାଶ ମଲ୍ଲିକ, ତାରାକାନ୍ତ ଜେନା, ବରିଷ୍ଠ ବିଜେଡି ଜିଲ୍ଲା ଉପସଭାପତି ଅଶ୍ୱିନୀ ଦାସ, ବସନ୍ତ ମହାପାତ୍ର, ତପନ ମହାନ୍ତି, ଚିତ୍ତରଞ୍ଜନ ରଥ, ସୁବ୍ରତ ଦାଶ, ବିମଳ ମହାପାତ୍ର, ଅମରଜ୍ୟୋତି ସାହୁ, ସୁନୀଲ ବେହେରା, ଦେବବ୍ରତ ମହାନ୍ତି, ଭବାନୀ ଶଙ୍କର ମଲ୍ଲିକ, ଦିଲ୍ଲୀପ ମହାନ୍ତି, ହାଜିଶେଖ କଳିମୁଲ୍ଲା, ଆଲୋକ ଦାସ, ରବୀନ୍ଦ୍ର ସ୍ୱାଇଁ, ସିଦ୍ଧାର୍ଥ ଶଙ୍କର ରାଉଳ, ପୂର୍ବତନ ଜିଲ୍ଲାପରିଷଦ ସନାତନ ଦଳାଇ, ପ୍ରଶାନ୍ତ ରାଉତ, କନିମୁଳ ପଞ୍ଚାୟତ ସଭାପତି ରାଜେନ୍ଦ୍ର ପ୍ରସାଦ ଦାସ, ନାରାୟଣ ରାଉତ, ପୂର୍ବତନ ସମିତି ସଭ୍ୟ ଗୋପୀନାଥ ଦାଶ, ନିରଞ୍ଜନ ସେଠୀ, ନେତ୍ରାନନ୍ଦ ପାତ୍ରଙ୍କ ୩ ବ୍ଲକର ହଜାର ହଜାର କର୍ମୀ ସାମିଲ ହୋଇ ଆଗାମୀ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ଆଶୀର୍ବାଦ ଭିକ୍ଷା କରିବା ସହ ଶପଥ ନେଇଥିଲେ ।

# ବାଣୀବିହାର କମ୍ପ୍ୟୁଟର ସାଇନ୍ସ ସ୍ନାତକ ବିଭାଗର ପୁରାତନ ଛାତ୍ରଛାତ୍ରୀ ସଂଘର କର୍ମକର୍ତ୍ତା ଚୟନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଉତ୍କଳ ବିଶ୍ୱବିଦ୍ୟାଳୟର ବାଣୀବିହାର କମ୍ପ୍ୟୁଟର ସାଇନ୍ସ ସ୍ନାତକ ବିଭାଗର ପୁରାତନ ଛାତ୍ରଛାତ୍ରୀ ସଂଘର ୨୬ତମ କାର୍ଯ୍ୟକାରୀ ବୈଠକ ବସି, ଉମା ସମିତିର କର୍ମକର୍ତ୍ତା ଚୟନ ଗତ ୭ ଅପ୍ରେଲ ସନ୍ଧ୍ୟା ୮ ଘଟିକାରେ ଅଭାସୀ ମଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନୀଳମଣି ରୋହିଦାସ ସର୍ବ ସମ୍ମତି ରୂପେ ଉମା ବୋର୍ଡର ସଭାପତି, ଅରୁଣ କୁମାର ସାମଲ ଉପସଭାପତି, ଅବିନାଶ ନାୟକ ସାଧାରଣ ସମ୍ପାଦକ, ଅଭିଷେକ ସାହୁ ଯୁଗ୍ମ ସମ୍ପାଦକ, କୋଷାଧକ୍ଷ ଭାବେ ପ୍ରତୀକ୍ଷା ବାଉଲି, ଉପ କୋଷାଧକ୍ଷ ଭାବେ ବିଷ୍ଣୁ ଗୋଛାୟତ, ଭି.ପି. ପ୍ଲେସ୍‌ମେଣ୍ଟ ତେହେସୀନ ବାନୋ, ଭି.ପି. ଛାତ୍ର ସମ୍ପର୍କ ସୁମିତ ବେହେରା ପ୍ରମୁଖ ନିର୍ବାଚିତ ହୋଇ ନିଜ ନିଜ ଦାୟିତ୍ୱ ଗ୍ରହଣ କରିଛନ୍ତି ।





# ଇଭିଏମ୍ ଓ ଭିଭିପାଟ୍‌ର ପ୍ରଥମ ପର୍ଯ୍ୟାୟ ରାଣ୍ଡମାଇଜେସନ୍

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଭାରତର ନିର୍ବାଚନ କମିସନ୍ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଇଭିଏମ୍ ଓ ଭିଭିପାଟ୍‌ର ପ୍ରଥମ ପର୍ଯ୍ୟାୟ ରାଣ୍ଡମାଇଜେସନ୍ ପ୍ରକ୍ରିୟା ଗତ ସୋମବାର ଠାରୁ ଆରମ୍ଭ ହୋଇଛି । ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଗରାପୁର କପାଳେଶ୍ୱର ମୌଜାସ୍ଥିତ ୱେୟାର୍ ହାଉସ୍‌ଠାରେ ସମ୍ପାଦନ ହେଉଛି । ପ୍ରତିଟି ଇଭିଏମ୍ ଓ ଭିଭିପାଟ୍‌ର କ୍ରମିକ ନମ୍ବରକୁ ର୍‍ୟାଣ୍ଡମ୍‌ଲି ଏକ ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀ ସହ ଅନ୍‌ଲାଇନ୍ ମାଧ୍ୟମରେ ସ୍ୱଚ୍ଛ ଓ ନିରପେକ୍ଷ ଭାବରେ ସଂଯୋଗ କରାଯାଉଛି । ଏହି ରାଣ୍ଡମାଇଜେସନ୍ ପରେ ସମସ୍ତ ଇଭିଏମ୍ ଏବଂ ଭିଭିପାଟ୍‌କୁ ସଂପୃକ୍ତ ବିଧାନସଭା ଓ ଲୋକସଭାଖଣ୍ଡକୁ ପ୍ରଦାନ କରାଯିବ, ଯାହାକି ସଂପୃକ୍ତ ରିଟର୍ଣ୍ଣିଂ ଅଫିସରଙ୍କ ଦାୟିତ୍ୱରେ ରହିବ । ପୂର୍ବ ସ୍ଥିରୀକୃତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହା ବିଦ୍ୟାଳୟର ଷ୍ଟ୍ରଙ୍ଗରୁମ୍‌ରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଏହାକୁ ରଖି ତାଲା ଦିଆଯିବ । ସ୍ୱଚ୍ଛ, ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ୨୪ ଘଣ୍ଟିଆ ସଶସ୍ତ୍ର ପୋଲିସ ବାହିନୀର କଡ଼ା ସୁରକ୍ଷାବଳୟ ଏବଂ ସିସିଟିଭି ସୁପରିଭିଜନ ମଧ୍ୟରେ ଏହି ମେସିନ୍ ରହିବ । ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ପ୍ରଫୁଲ୍ଲ କୁମାର ଦାସ, ବିଜେଡି ପକ୍ଷରୁ ଧୀରେନ୍ କୁମାର ସାହୁ, ବିଜେପି ପକ୍ଷରୁ ଉପିନ୍ କୁମାର ରାଉତ ଓ ନିହାର ରଞ୍ଜନ ମହାନ୍ତି, ବହୁ ଜନସମାଜବାଦୀ ପାର୍ଟି ପକ୍ଷରୁ ସୁଧାକର ମଲ୍ଲିକ, ସିପିଆଇ(ଏମ୍) ପକ୍ଷରୁ ଗୟାଧର ଧଳ, ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ସୂର୍ଯ୍ୟକାନ୍ତ ପରିଡ଼ା ପ୍ରମୁଖ ଏହି ରାଣ୍ଡମାଇଜେସନ୍ ପ୍ରକ୍ରିୟାରେ ଉପସ୍ଥିତ ରହିଥିଲେ । ସେମାନେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଣ୍ଡମାଇଜେସନ୍ ପାଇଁ ନିଆଯାଇଥିବା ସମସ୍ତ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିବା ସହ ନିଜ ନିଜର ଆତ୍ମ ସନ୍ତୋଷ ପ୍ରକଟ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବିନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀର ଏଆରଓ, ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ପରିଚାଳକ ଜ୍ଞାନ ରଞ୍ଜନ ସେଠୀ, ସମସ୍ତ ଡେପୁଟି କଲେକ୍ଟର୍, ଆସିଷ୍ଟାଣ୍ଟ କଲେକ୍ଟର, ଜିଲ୍ଲା ସ୍ତରୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଞ୍ଚଳର ବିକାଶ ପାଇଁ ମା' ରାମଚଣ୍ଡୀଙ୍କ ଆଶୀର୍ବାଦ ଲୋଡ଼ିଲେ ଅତନୁ ଓ ଅଂଶୁମାନ

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାକାଳପଡ଼ା ବ୍ଲକର ବିଭିନ୍ନ ଦେବାଦେବୀ ପୀଠରେ ପହଞ୍ଚି କୃପାଭିକ୍ଷା କରିଛନ୍ତି ମହାକାଳପଡ଼ା ବିଧାନସଭା କ୍ଷେତ୍ରର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ତଥା ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରର ପ୍ରାର୍ଥୀ ଅଂଶୁମାନ ମହାନ୍ତି । ମହାକାଳପଡ଼ା ଦଳୀୟ କାର୍ଯ୍ୟାଳୟ ଠାରୁ ଏକ ବିଶାଳ ମୋଟର ସାଇକେଲ ରାଲିରେ ଦୁଇ ନେତାଙ୍କୁ କର୍ମୀମାନେ ପାଛୋଟି ନେଇଥିଲେ । ମହାକାଳପଡ଼ା, ବାରଡାଙ୍ଗ, ବଉଳକଣି, ପେଟଛେଲା, ରାମନଗର, ବରକନ୍ଦା ଓ ମଙ୍ଗଳପୁର ପଞ୍ଚାୟତର ବିଭିନ୍ନ ସ୍ଥାନରେ ଉଭୟ ନେତାଙ୍କୁ ବିପୁଳ ସମ୍ବର୍ଦ୍ଧନା



ଦିଆଯାଇଥିଲା । ଏଥିସହ ବିଭିନ୍ନ ପ୍ରକାରର ବାଦ୍ୟଯନ୍ତ୍ରରେ ଓ ସଂକୀର୍ତ୍ତନ ମଣ୍ଡଳୀର ସଭ୍ୟମାନଙ୍କ ଦ୍ୱାରା ଉଭୟ ନେତାଙ୍କୁ ବିଭିନ୍ନ ସ୍ଥାନକୁ ପାଛୋଟି ନିଆଯାଇଥିଲା । ପ୍ରଥମେ ଦୁଇ ନେତା ଅଞ୍ଚଳର ପ୍ରତିଷ୍ଠିତ ଶକ୍ତିପୀଠ ଦରିଆପାରି ମା' ରାମଚଣ୍ଡୀଙ୍କ ପୀଠରେ ପହଞ୍ଚି ମା'ଙ୍କୁ ଦର୍ଶନ କରିଥଲେ । ମନ୍ଦିରରେ କିଛି ସମୟ ପୂଜାର୍ଚ୍ଚନା ମଧ୍ୟ କରିଥିଲେ । ପରେ ଉପସ୍ଥିତ ଦଳୀୟ କର୍ମୀମାନଙ୍କୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ନାୟକ କହିଥିଲେ ଏ ଅଞ୍ଚଳର ବିଜୁ ବାବୁଙ୍କର । ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର କର୍ମଭୂମି ମହାକାଳପଡ଼ା ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କର ଆଶୀର୍ବାଦ ପାଇଁ ଅଞ୍ଚଳର ବିକାଶ ହୋଇଛି । ସ୍ୱର୍ଗତ ନଳିନୀକାନ୍ତ ମହାନ୍ତି ଏ ଅଞ୍ଚଳର ଜଣେ ଦରଦୀ ବନ୍ଧୁ ଥିଲେ । ଏ ଅଞ୍ଚଳର ଘରେ ଘରେ ପରିଚିତ ମଣିଷ ଥିଲେ । ତାଙ୍କର ସୁପୁତ୍ର ଅଂଶୁମାନ ମହାନ୍ତିଙ୍କ ଉପରେ ମୁଖ୍ୟମନ୍ତ୍ରୀଙ୍କର ଆଶୀର୍ବାଦ ରହିଛି । ଆମ ଦୁଇ ଭାଇଙ୍କୁ ଆପଣମାନଙ୍କର ଆଶୀର୍ବାଦ ରହିଲେ ଏ ଅଞ୍ଚଳର ଆହୁରି ବିକାଶ ତ୍ୱରାନ୍ୱିତ ହେବ ବୋଲି ମନ୍ତ୍ରୀ ମହୋଦୟ କହିଥିଲେ । ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି କହିଥଲେ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ମୋ ମୁଣ୍ଡ ଉପରେ ଅଛି । ତାଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ଆପଣମାନେ ଆଗେଇ ଆସନ୍ତୁ । ମୋର ବାବା ବିଗତ ଦିନରେ ଆପଣମାନଙ୍କର ଘରେ ଘରେ ପରିଚିତ ଥିଲେ । ପୁନର୍ବାର ଆପଣମାନଙ୍କର ସେବା କରିବା ପାଇଁ ଆପଣମାନଙ୍କର ସହଯୋଗ ନିହାତି ଜରୁରୀ ବୋଲି ଶ୍ରୀ ମହାନ୍ତି କହିଥିଲେ । ପରେ ଛେଡ଼ାକଣି ସ୍ଥିତ ନାରାୟଣୀଙ୍କ ପୀଠରେ ପହଞ୍ଚି ପ୍ରଭୁଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା କଳ୍ପନା ରାଉତ, ଅଶୋକ ମହାପାତ୍ର, ବିଜୟ ଜେନା, ଅମରେନ୍ଦ୍ର ସାମଲ, ସୁରଭି ଜେନା, ଗଙ୍ଗାଧର ପରିଡ଼ା, ସରୋଜିନୀ ସେଠୀ, ପ୍ରଫୁଲ୍ଲ ଦାସ, ଶୈଳେନ ମଣ୍ଡଳ ବିଜୟ ଶୁକ୍ଳା, ସଂଜୟ ଜେନା, ରତିକାନ୍ତ ପଣ୍ଡା, ହିମାଂଶୁ ସାହୁ, ଗଗନ ପ୍ରଧାନ, ଶର୍ମିଷ୍ଠା ନାୟକ, ଭାରତୀ ଦଳାଇ, କବିତା ମଳିକ, ନଳିନୀ ପ୍ରଭା ଚୌଧୁରୀ, ବିଶ୍ୱଜିତ ବସ୍ତୁ, ରଞ୍ଜନ ଦାସଙ୍କ ସମେତ ହଜାର ହଜାର ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ପଞ୍ଚୁଦଣ୍ଡ ମିଳନ ଉଦ୍‌ଯାପିତ:ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ



**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ବ୍ଲକର ସିମନବାଡିରେ ସୋମବାର ପଞ୍ଚୁଦଣ୍ଡ ମିଳନ ହେବା ସହ ମଙ୍ଗଳବାର କାର୍ଯ୍ୟକ୍ରମ ଶେଷ ହୋଇଛି । ପ୍ରକାଶ ଯେ, ସକାଳ ୮ଟାରେ ବିଭିନ୍ନ ଅଞ୍ଚଳର ଦଣ୍ଡ ଦଳ ଆସି ସିମନବାଡ଼ିରେ ପହଞ୍ଚି ଥିଲେ । ପୂର୍ବ ନିର୍ଦ୍ଧାରିତ ଅନୁସାରେ ଗ୍ରାମବାସୀ ତାଙ୍କୁ ବାଟ ବରଣ କରି ଦୁର୍ଗା ମଣ୍ଡପକୁ ସ୍ୱାଗତ କରି ନେଇଥିଲେ । ଦଣ୍ଡ ଦଳ ଦୁର୍ଗାମଣ୍ଡପକୁ ବିରାଟ ଶୋଭାଯାତ୍ରାରେ ଢୋଲ ମହୁରୀ ବଜାଇ ପହଞ୍ଚିଥିଲେ । ସେଠାରେ ଗ୍ରାମବାସୀ ତାଙ୍କୁ ବରଣ କରିଥିଲେ । ଏହି ଅବସରରେ ବୀଣାକାରଙ୍କ ଦ୍ୱାରା ବନ୍ଦନା ଗାନ କରାଯାଇଥିଲା । ଏହି କ୍ରମରେ ୫ ଦଣ୍ଡ ତଥା ଫିରିଙ୍ଗିଆ ବ୍ଲକର କରଣ୍ଡାଗଡ ଦଣ୍ଡ ଦଳ ସମେତ କ. ନୂଆଗାଁ ବ୍ଲକ ଗୁଞ୍ଜିବାଡି, କେଲେମାହା, ଲେଡିଙ୍ଗିଆ ଏବଂ ଦାରିଙ୍ଗବାଡି ବ୍ଲକ ଗ୍ରୀନ୍‌ବାଡିର ଦଣ୍ଡ ଏହି ମିଳନରେ ଅଂଶ ଗ୍ରହଣ କରିଥିଲେ । ସମସ୍ତ ଦଳ ଗାଁରେ ଥିବା ମନ୍ଦିର ପରିକ୍ରମା କରିବା ସହ ମା' ପାଟଖଣ୍ଡା ମନ୍ଦିର ପରିସରରେ ପହଞ୍ଚିଥିଲେ । ସେଠାରୁ ମଧ୍ୟାହ୍ନ ମିଳନ ସ୍ଥଳରେ ଧୂଳି ଦଣ୍ଡ ଅନୁଷ୍ଠିତ ହୋଇଥିବା ବେଳେ ପାରମ୍ପରିକ କୁରାଡିଆ ନୃତ୍ୟ ସହ ବାଘ, ଭାଲୁ, ବଳଦ ନୃତ୍ୟ ସମେତ ଜଙ୍ଗଲ ସୁରକ୍ଷା ଦିଗରେ ସଚେତନ ମୂଳକ ନାଟକ ଓ ନୃତ୍ୟ ପରିବେଷଣ ହୋଇଥିଲା । ସେହିପରି ଅପରାହ୍ନରେ ଜଳ ଦଣ୍ଡ ଓ ସନ୍ଧ୍ୟାରେ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ସନ୍ଧ୍ୟା ଆଳତି ସହ ଦଣ୍ଡ ମିଳନ ହୋଇଥିଲା । ସେହିପରି ବିଳମ୍ବିତ ରାତିରେ ଦଣ୍ଡର ଉତ୍ପତ୍ତି ଓ ଦଣ୍ଡ ଚରିତ୍ରକୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସିମନବାଡି ପଞ୍ଚୁଦଣ୍ଡ ମିଳନ ପରିଚାଳନା କମିଟି ପକ୍ଷରୁ ଆୟୋଜନ କରାଯାଇଥିବା ବେଳେ କମିଟିର ଏହା ଦ୍ୱିତୀୟ ବାର୍ଷିକ କାର୍ଯ୍ୟକ୍ରମ ବୋଲି କମିଟିର ସଭାପତି ଅରୁଣ ସାହୁ କହିଛନ୍ତି । ଏହି କାର୍ଯ୍ୟକ୍ରମକୁ କମିଟି ସଭାପତି ଅରୁଣ ସାହୁଙ୍କ ସମେତ ବିନୋଦ ସାହୁ, ସରୋଜ ସାହୁ, ଚିଣ୍ଟୁ ସାହୁ, ପିଣ୍ଟୁ ସାହୁ, ବିକି ନାୟକ, ରାଜେଶ ସାହୁ, ନିଲୁ ସୁବୁଦ୍ଧି, ସୋନୁ ସାହୁ, କୁଲୁ ଚୌଧୁରୀ, ବରୁଣ ବେହେରା, ଅଶୋକ ବେହେରା, ବଷ୍ଟି ସାହୁ, ଚିତ୍ତ ପ୍ରଧାନ, କେ. ମାନବୋଧ ନାୟକ, ଝୁଲୁ ସାହୁ, ବୁନା ଚୌଧୁରୀ, ସାଇବ ସାହୁ, ଧନଞ୍ଜୟ, ପୂର୍ଣ୍ଣଚନ୍ଦ୍ର ବିହ୍ୱାଣି, ସଞ୍ଜୁ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

# କଳମିଶ୍ରି ପଞ୍ଚାୟତରେ ବିଜେଡ଼ିର ସାଙ୍ଗଠନିକ ବୈଠକ ଓ କର୍ମୀ ସମ୍ମିଳନୀ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଳମିଶ୍ରୀ ଗ୍ରାପର ଲେଣ୍ଡୁରା ଭଗବାନପୁର ଠାରେ ଥିବା ବୋଧନାଥଙ୍କ ପୀଠରେ କଳମିଶ୍ରି ପଞ୍ଚାୟତ ସ୍ତରୀୟ ବିଜେଡି ସାଙ୍ଗଠନିକ ବୈଠକ ଓ କର୍ମୀ ସମାବେଶ ସରପଞ୍ଚ ଅନନ୍ତ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଟକ ସଦର ବିଧାୟକ ତଥା ବିଧାୟକ ପ୍ରାର୍ଥୀ ଶ୍ରୀ ଚନ୍ଦ୍ର ସାରଥୀ ବେହେରା ଯୋଗଦେଇ ସଦର ନିର୍ବାଚନ ମଣ୍ଡଳୀର ବିକାଶଧାରାରେ ସାମିଲ ହୋଇ ବିକାଶ ରଥକୁ ଆଗେଇ ନେବାପାଇଁ ଶଙ୍ଖଚିହ୍ନରେ ଭୋଟ୍ ଦେବାକୁ ନିବେଦନ କରିଥିଲେ । ଏଥିରେ ଜିଲ୍ଲାପରିଷଦ ସଭ୍ୟ ଇଂ ବିଳାଶ କୁମାର ଭୋଇ, ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ ନାୟକ, ସମିତିସଭ୍ୟ ବିଶ୍ୱେନ୍ଦୁ ମହାରଣା, ସରପଞ୍ଚ ବିଶ୍ୱ ଭୂଷଣ ନାୟକ, ନୃସିଂହ ଚରଣ ମୁଦୁଲି, ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ରତନ କର, ଯୁବ ବିଜେଡି ସଭାପତି ବିଶ୍ୱଜିତ ପରିଡା, ପ୍ରାକ୍ତନ ସରପଞ୍ଚ ବିଚିତ୍ରା ନନ୍ଦ ବରାଳ, ପ୍ରାକ୍ତନ ସମିତିସଭ୍ୟ ମଙ୍ଗୁଳି ଚରଣ ଲେଙ୍କା, ପ୍ରଭାତ ମୁଦୁଲି, ଘନଶ୍ୟାମ ଦାସଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଜନାର୍ଦ୍ଦନପୁରର ପ୍ରାକ୍ତନ ସରପଞ୍ଚ ତଥା କଂଗ୍ରେସ ନେତା ଅଭୟ ବେହେରା, ଦାମୋଦର ପୁରର ପୁରାତନ କଂଗ୍ରେସ ନେତା ନାରାୟଣ ପାତ୍ର, ଜନାର୍ଦ୍ଦନପୁରର ୱାର୍ଡ ସଭ୍ୟ ଅଜୟ ସାହୁ, ଅକ୍ଷୟ ସାହୁ ପ୍ରମୁଖ ବିଧାୟକ ଚନ୍ଦ୍ର ସାରଥୀ ବେହେରାଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିଲେ ।





# ନୂଆ ବସ୍‌ଷ୍ଟାଣ୍ଡକୁ ବିରୋଧ:କଣ୍ଟାବାଞ୍ଜିରେ ୧୨ଘଣ୍ଟିଆ ବନ୍ଦ ପାଳିତ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ନୂଆ ବସ୍‌ଷ୍ଟାଣ୍ଡକୁ ବିରୋଧ କରି ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜିରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି । କଣ୍ଟାବାଞ୍ଜି ନଗର କମିଟି ଓ ଅନ୍ୟ ଅନୁଷ୍ଠାନ ପକ୍ଷରୁ ଏହି ବନ୍ଦ ପାଳନ କରାଯାଇଛି । ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏଁ ପାଳିତ ହୋଇଥିବା କଣ୍ଟାବାଞ୍ଜି ବନ୍ଦର ପ୍ରଭାବ ସକାଳୁ ପରିଲକ୍ଷିତ ହୋଇଥିଲା । ଏବେ ସେଠାରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା । ଏଣେ ଦୋକାନବଜାର ଖୋଲିନଥିଲା । ତେବେ ଏହି ବନ୍ଦ ପାଳନରୁ ଅତ୍ୟାବଶ୍ୟକ ସେବାକୁ ବାଦ ଦିଆଯାଇଥିଲା । ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ଏବଂ ବର୍ତ୍ତମାନ ଥିବା ବସ୍‌ଷ୍ଟାଣ୍ଡର ଆଧୁନିକିକରଣ ଦାବିରେ ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ ପାଳନ ହୋଇଛି । କଣ୍ଟାବାଞ୍ଜି ନଗର କମିଟି ଓ ସମଲେଶ୍ୱରୀ ମାର୍କେଟ କମ୍ପ୍ଲେକ୍ସ କମିଟି ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା । କଣ୍ଟାବାଞ୍ଜି ସହରର ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ରହିଛି ସମଲେଶ୍ୱରୀ ମାର୍କେଟ କମ୍ପ୍ଲେକ୍ସ । ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବା ପରେ ଏଠାରେ ଥିବା ୩ ଶହରୁ ଅଧିକ ଦୋକାନୀ ଜୀବିକା ହରାଇବେ, ଯାହାକୁ ନେଇ ଚିନ୍ତା ପ୍ରକଟ କରି ସମଲେଶ୍ୱରୀ ମାର୍କେଟ କମ୍ପ୍ଲେକ୍ସ କମିଟି ପକ୍ଷରୁ ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ ପାଳନ କରାଯାଇଥିଲା । ବନ୍ଦ ପାଳନରେ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସମେତ ବ୍ୟାଙ୍କ, ଦୋକାନ ବଜାର, ଯାନବାହନ ଚଳାଚଳ ବନ୍ଦ ରହିଥିଲା । ସ୍କୁଲ କଲେଜ ସହ ଜରୁରୀ କାଳୀନ ସେବାକୁ ବନ୍ଦରୁ ବାଦ୍ ଦିଆଯାଇଛି । ଏହି ବନ୍ଦ ପାଳନରେ ସଚ୍ଚିକାନ୍ତ ମିଶ୍ର (ସଭାପତି, ସମଲେଶ୍ୱରୀ ମାର୍କେଟ କମ୍ପ୍ଲେକ୍ସ), ଦେବାଶ ବାରିକ, ଲାଲୁ ଟାହାଣୀ, ସତ୍ୟ ମିଶ୍ର, ପ୍ରହଲ୍ଲାଦ ତ୍ରିପାଠୀ, ଗୋପାଳ ନାଗ, ତୁଳସୀ ବେହେରା, ସନ୍ତୋଷ ନନ୍ଦ, ସଚିନ ବାରିକ, ରଘୁନାଥ ମେହେର, ସଞ୍ଜୟ ରାୟ, ବିକାଶ ଷଡ଼ଙ୍ଗୀ, ମନୀଷ ଠାକୁରଙ୍କ ସହ ଅନ୍ୟ ସମସ୍ତ ମାର୍କେଟ କମ୍ପ୍ଲେକ୍ସର ଦୋକାନୀମାନେ ସାମିଲ ହୋଇଥିଲେ ।

# ଟ୍ରାକ୍ଟର ଧକ୍କାରେ ଅଢେଇ ବର୍ଷର ଶିଶୁପୁତ୍ରର ମୃତ୍ୟୁ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ଏକ ଟ୍ରାକ୍ଟର ଧକ୍କାରେ ଜଣେ ଅଢେଇ ବର୍ଷର ନିଷ୍ପାପ ଶିଶୁର ଅକାଳରେ ମୃତ୍ୟୁ ହୋଇଛି । ଏହି ଘଟଣାକୁ କେନ୍ଦ୍ରକରି ସାଧାରଣରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ସ୍ଥାନୀୟ ଭଦ୍ରେଶ୍ୱର ଗ୍ରାମପଞ୍ଚାୟତ ଝାଡେଶ୍ୱରପୁର ଠାରେ ଥିବା ପାଟନାଳୀ ଉପରେ ଏକ ସେତୁ ନିର୍ମାଣ କରାଯାଉଥିଲା । ଏହି ପାଟନାଳୀରୁ ମାଟି ଖନନ କରି ଟ୍ରାକ୍ଟର ଯୋଗେ ଅନ୍ୟତ୍ର ଚାଲାଣ କରିବା ସହ ବିକ୍ରୟ କରିଆସୁଥିଲେ । ଟ୍ରାକ୍ଟର ଚାଳକ ବେପରୁଆ ଭାବେ ଓ ଦ୍ରୁତ ଗତିରେ ଗାଡି ଚାଳନା କରୁଥିଲା ବେଳେ ସ୍ଥାନୀୟ ଝାଡେଶ୍ୱରପୁର ଗ୍ରାମର ପ୍ରଦୀପ୍ତ ବେହେରାଙ୍କ ଅଢେଇ ବର୍ଷର ପୁତ୍ର ପିୟୁଷ ଉପରେ ଚଢି ଯାଇଥିଲା । ସ୍ଥାନୀୟଲୋକେ ଗୁରୁତର ଅବସ୍ଥାରେ ପିୟୁଷକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏ ସମ୍ପର୍କରେ ତାଙ୍କ ପରିବାର ତରଫରୁ ଭଦ୍ରେଶ୍ୱର ଥାନାରେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ନାମରେ ଅଭିଯୋଗ କରାଯାଇଛି । ଭଦ୍ରେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରିଛନ୍ତି ।

# ନିର୍ବାଚନ କାର୍ଯ୍ୟରେ ନିୟୋଜିତ କନଷ୍ଟେବଲ ପ୍ରମୋଦ ମାଝୀଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ



**କଟକ, ନ୍ୟୁଜ୍ ବ୍ୟୁରୋ**

ତାମିଲନାଡୁ ରାଜ୍ୟର ତ୍ରିଚୀ ଠାରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା କନଷ୍ଟେବଲ ପ୍ରମୋଦ କୁମାର ମାଝୀଙ୍କ ଅକାଳ ବିୟୋଗ ଘଟିଛି । ତ୍ରିଚୀ ଠାରେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିବା ବେଳେ ଦୁର୍ଘଟଣାରେ ଶିକାର ହୋଇ ତାଙ୍କର ମୃତ୍ୟୁଘଟିଛି । ସେ ୫ମ ଆଇଆରବିଏନ ବାଟାଲିୟନ, ବୌଦ୍ଧ ଠାରେ କାର୍ଯ୍ୟରତ ଥିଲେ । ତାଙ୍କର ନିଜ ଘର ନୂଆପଡା ଜିଲ୍ଲା ଧର୍ମବନ୍ଧା ଗାଁରେ । ସେ ୨୦୦୯ ମସିହାରେ ରାଜ୍ୟ ପୁଲିସ ବିଭାଗରେ ଯୋଗ ଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ଆଗକୁ ତାମିଲନାଡୁରେ ସାଧାରଣ ନିର୍ବାଚନ ରହିଛି । ଏହାର ସୁପରିଚାଳନା ନିମନ୍ତେ ରାଜ୍ୟ ପୋଲିସର ୩୦ଟି କମ୍ପାନୀ ତାମିଲନାଡୁ ଗସ୍ତରେ ଯାଇଛନ୍ତି । ଗତ ୪ ତାରିଖରେ ଶ୍ରୀ ମାଝୀ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିବା ବେଳେ ଏକ ଗାଡି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ସେଠାରେ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା ତାଙ୍କର ମୃତ୍ୟୁ ଖବର ଶୁଣି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଶୋକବ୍ୟକ୍ତ କରିଛନ୍ତି । ଏହାସହ ଶ୍ରୀ ମାଝୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

# ରାୟଗଡ଼ାରେ ଉଗାଦି ଉତ୍ସବ ଧୁମ୍‌ଧାମ୍‌ରେ ସମ୍ପନ୍ନ



**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡାରେ ତେଜସ୍ୱୀ ପଡ଼ିଆ ଠାରେ ପୂର୍ବତନ ସାଂସଦ ତଥା ରାୟଗଡା ଜିଲ୍ଲା ବିଜୁଜନତା ଦଳର ବରିଷ୍ଠ ନେତା ଓ ବିଜୁ ଜନତା ଦଳର ଜିଲ୍ଲା ସଭାପତିଙ୍କ ତତ୍ତ୍ୱାବଧାନରେ ଆନୁକୂଲ୍ୟରେ ତେଲୁଗୁ ସମ୍ପ୍ରଦାୟର ନବବର୍ଷ ଶୁଭାରମ୍ଭକୁ ଉଗାଦି ଉତ୍ସବର ୧୨ତମ ଉଗାଦି ଉତ୍ସବକୁ ରାୟଗଡା ସହର ସ୍ଥିତି ତେଜସ୍ୱୀ ପଡିଆ ଠାରେ ଦୁଇ ଦିନ ଧରି ବହୁ ଆଡ଼ମ୍ବର ସହ ପାଳନ ହେବ । ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ରୂପେ ରାୟଗଡା ଜିଲ୍ଲା ବିଜେଡି ସୁପ୍ରିମୋ ଓ ପୂର୍ବତନ ରାଜ୍ୟ ସଭା ସାଂସଦ ଏନ ଭାସ୍କର ରାଓ ଙ୍କ ସାଙ୍ଗକୁ କୋରାପୁଟର ପୂର୍ବତନ ସାଂସଦ ଝିନ୍ନ ହିକକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ବର୍ତ୍ତମାନର ରାୟଗଡା ବିଜେଡି ବିଧାୟକ ପ୍ରାର୍ଥୀ ଅନୁସୂୟା ମାଝୀ, କୋରାପୁଟର ବିଜେଡି ସାଂସଦ ପ୍ରାର୍ଥୀ କୌଶଲ୍ୟା ହିକକା, ରାୟଗଡା ଜିଲ୍ଲାର ଯୁବ ସଭାପତି ଅମୀୟସ୍ୱାଇଁ, ବିନାୟକ କର, ଅଭିନାଶ ବିଶୋଇ, ସାଙ୍ଗକୁ ସମସ୍ତ କର୍ମୀ, ଜିଲ୍ଲାର ସମସ୍ତ ଗଣ ମାଧ୍ୟମର ପ୍ରତିନିଧି, ବିଭିନ୍ନ ଦଳର ନେତା ଓ ଜିଲ୍ଲାର ବରିଷ୍ଠ ନାଗରିକ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ସକାଳୁ ପରମ୍ପରା ମୁତାବକ ସ୍ଥାନୀୟ ରାମଲୀଙ୍ଗେଶ୍ୱର ମନ୍ଦିରରେ ପଞ୍ଚାଙ୍ଗ ଶ୍ରାବଣମ, କବିତା ପାଠ, ଉଗାଧିର ମୁଖ୍ୟ ଫଳ କଞ୍ଚା ଆମ୍ବରେ ତିଆରି ହୋଇଥିବା ଆମ୍ବ ଆଚର ବଣ୍ଟନ କରାଯାଇଥିଲା । ଅପରାହ୍ନରେ ରାୟଗଡାର ଜଗନ୍ନାଥ ମନ୍ଦିରରେ ପୂଜା ଅର୍ଚ୍ଚନା କରି ଏକ ରାୟଗଡାର ସମସ୍ତ ତାଲୁଗୁ ସମ୍ପ୍ରଦାୟ ଓ ଓଡ଼ିଆ ସମ୍ପ୍ରଦାୟ ମିଳିତରେ ଏକ ବିରାଟ ଶୋଭାଯାତ୍ରା ନାଚ ଗୀତ ଓ ବାଜା ବଜାଇ ପଦଯାତ୍ରା କରି ତେଜସ୍ୱୀ ପଡିଆରେ ଆୟୋଜନ ହୋଇଥିବା ମଣ୍ଡପରେ ପହଞ୍ଚି ଥିଲେ । ଏହାପରେ ପାରମ୍ପରିକ କାର୍ଯ୍ୟକ୍ରମ ମଧ୍ୟରେ ଉତ୍ସବର ଶୁଭାରମ୍ଭ ହୋଇଥିଲା । ଏହି ଉଗାଦି କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବିଭିନ୍ନ ସଂସ୍କୃତିକ ନୃତ୍ୟ କାର୍ଯ୍ୟକ୍ରମ ରାୟଗଡାର ସ୍ଥାନୀୟ କଳାକାରମାନେ ପରିବେଷଣ କରିବା ସହ ବାହାର ରାଜ୍ୟରୁ ଆସିଥିବା କଳାକାର ମାନେ ବି ବିଭିନ୍ନ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିତ କରିଥିଲେ । ଏହି ଉଗାଦି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟକ ଜିଲ୍ଲାବାସୀ ଉପସ୍ଥିତ ଥିବା ଓ କାର୍ଯ୍ୟକ୍ରମର ଭରପୁର ଲାଭ ଉଠେଇଥିବା ଦେଖିବାକୁ ମିଳିଛି । ସମସ୍ତ ଦର୍ଶକଙ୍କ ପାଇଁ ବ୍ୟଞ୍ଜନ ବ୍ୟବସ୍ଥା ବି ହୋଇଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମରେ ରାୟଗଡା ବାସୀ ଆନନ୍ଦର ସହ ଉପଭୋଗ କରିଥିବା ଦେଖିବାକୁ ଓ ଶୁଣିବାକୁ ମିଳିଛି ଓ ଜିଲ୍ଲାବାସୀ ଏହି ଉଗାଦି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିବା କମିଟି ଓ କମିଟି ମୁଖ୍ୟ ଏନ. ଭାସ୍କର ରାଓଙ୍କୁ ସାଧୁବାଦ ଜଣାଇଥିଲେ ।

# ଆଧ୍ୟାତ୍ମିକ ଚେତନା ଓ ମାନବୀୟଗୁଣ ସଂସାରରେ ଦୁର୍ଲଭ:ପଦ୍ମଶ୍ରୀ ବଳିଆ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

'ଆଧ୍ୟାତ୍ମିକ ଚେତନାରେ ନିମଗ୍ନ ଓ ମାନବୀୟ ଗୁଣ ଧାରଣ କରିପାରିଲେ ମାନବ ଜନ୍ମ ଦୁର୍ଲଭ ହୋଇଯାଏ ବୋଲି ପୂଜ୍ୟପୂଜକ ପଦ୍ମଶ୍ରୀ ବାବା ବଳିଆ ମତବ୍ୟକ୍ତ କରିଛନ୍ତି ।' ସାମ୍ପ୍ରତିକ ପରିସ୍ଥିତିରେ ମଣିଷ ଧର୍ମୀୟ ମୂଲ୍ୟବୋଧକୁ ଆଧାରକରି ଜୀବନ ନିର୍ବାହ କରିପାରିଲେ ଏବଂ ତତ୍ ସଙ୍ଗେ ସଙ୍ଗେ ନିଜ ପରିବେଶର ସୁରକ୍ଷା ପାଇଁ ଗଛ ଲଗାଇବା ଠାରୁ ଆରମ୍ଭ କରି ସ୍ୱଚ୍ଛତା ରକ୍ଷା ପାଇଁ କାର୍ଯ୍ୟ କଲେ, ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ବାବା ବଳିଆ କହିଥିଲେ । ମହାକାଳପଡ଼ା ବ୍ଲକର ଶ୍ରୀଚନ୍ଦନପୁର ଗ୍ରାମର ହରଗୌରୀ ପ୍ରାଙ୍ଗଣ ନିକଟରେ ଏକ ବିଶାଳ ଜନ ସମାବେଶକୁ ଉଦ୍‌ବୋଧନ ଦେଇ ବାବା ବଳିଆ କହିଲେ- 'ପିତା, ମାତାଙ୍କ ଠାରୁ ଶ୍ରେଷ୍ଠ ଦେବତା ଆଉ କେହି ନାହିଁ, ତାଙ୍କୁ ପୂଜା କରିପାରିଲେ ଈଶ୍ୱର ପ୍ରାପ୍ତି ହୁଏ ।' ଅନନ୍ତ ବଳିଆ ସେବା ସଂଘ, ଶ୍ରୀଚନ୍ଦନପୁର ଶାଖା ପକ୍ଷରୁ ଆୟୋଜିତ ଗୀତାଜ୍ଞାନ ଓ ଶିଶୁ ଅନନ୍ତ ଦର୍ଶନ ପ୍ରବଚନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବାବା ବଳିଆ ହଜାର ହଜାର ଭକ୍ତଙ୍କ ସମାଗମରେ 'ଗୀତା ଜ୍ଞାନ ଦର୍ଶନ' ଉପରେ ଆଲୋକପାତ କରିବା ସହ ସଂକୀର୍ତ୍ତନ କରିଥିଲେ । ଏହି ପ୍ରବଚନ ଉତ୍ସବକୁ ଅନନ୍ତ ବଳିଆ ସେବା ସଂଘର କର୍ମକର୍ତ୍ତା ପଣ୍ଡିତ ଭିକାରୀ ଚରଣ ଦାସ, ନକୁଳ ପାତ୍ର, ସୁଶାନ୍ତ ରାଉତ, ପ୍ରତାପ ପାତ୍ର, ନିମାଇଁ ନାୟକ, ରତ୍ନାକର ଦାସ, ରାମଚନ୍ଦ୍ର ନାୟକ, ଧ୍ରୁବ ବାରିକ, ଟୁକୁନା ପ୍ରଧାନ, ରଜନୀ ନାୟକ, ପର୍ଶୁରାମ ପାତ୍ର, କନ୍ଦ ସ୍ୱାଇଁ, କନ୍ଦିଆ ରାଉତ, କ୍ଷିରୋଦ ପ୍ରଧାନ, ସୁଧାକର ଦାସ ଇତ୍ୟାଦି ପରିଚାଳନା କରିଥିଲେ । ଏହି ଉତ୍ସବକୁ ଅଧ୍ୟାପକ ବିଜୟ ସାର୍ ସଂଯୋଜନା କରିଥିଲେ । ହରଗୌରୀ କମିଟିର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ ।

# ବିଜେପିର ରୋଡ଼ ସୋ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ବିଜେପିର କଟକ ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଓ ଆଠଗଡ଼ ବ୍ଲକ୍ ଅନ୍ତର୍ଗତ ମହାନଦୀ କୂଳ ପଞ୍ଚାୟତ ଗୁଡ଼ିକୁ ଗସ୍ତକରି ସ୍ଥାନୀୟ ଜନ ସାଧାରଣଙ୍କୁ ଭେଟିବା ସହିତ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ସେ ପ୍ରଥମେ ଧବଳେଶ୍ୱର ମହାଦେବଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ମଧୁ ସେତୁର ନୂଆପାଟଣା ଛକ ନିକଟରେ ଦଳର ଆଠଗଡ଼ ବିଧାୟକ ପାର୍ଥୀ ଅଭୟ ବାରିକଙ୍କ ସମେତ ଦଳୀୟ କର୍ମୀ ଶ୍ରୀ ମହତାବଙ୍କୁ ସ୍ୱାଗତ କରିଥିଲେ । ପରେ ପରେ ଶ୍ରୀ ମହତାବ ଓ ଶ୍ରୀ ବାରିକ ଏକ ଶୋଭାଯାତ୍ରାରେ ମଙ୍ଗେଶ୍ୱର, ବିଦ୍ୟାଧରପୁର, ଲିଙ୍ଗାପଦା, ପ୍ରସନ୍ନାପୁର, ଦୁଆଡିହ, ନାରଙ୍ଗବସ୍ତ, କଖଡ଼ି, ମହାଳପଡ଼ା, ବ୍ରହ୍ମପୁର, ନୂଆଶାସନ, ଅନନ୍ତପୁର ଆଦି ଗ୍ରାମ ପରିକ୍ରମା କରିଥିଲେ । ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ବିଜେପିକୁ ଓ ଏହାର ପ୍ରାର୍ଥୀ ମାନଙ୍କୁ ଜିତାଇବା ପାଇଁ ଶ୍ରୀ ମହତାବ ଲୋକମାନଙ୍କୁ ନିବେଦନ କରିଥିଲେ । ବିଜେପିର ଜିଲ୍ଲା ସମ୍ପାଦକ ରାମ ନାରାୟଣ ମହାନ୍ତି, ବିକ୍ରମ ଦାଶ, ବ୍ରଜେନ୍ଦ୍ର ରାୟ, ସତ୍ୟଜିତ ମଲ୍ଲିକ, ପ୍ରକାଶ ସେଠୀ, ସୁଦାମ ବେଉରାଙ୍କ ସମେତ ବହୁ ସଂଖ୍ୟକ କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।



# ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ପାଳନ ପାଇଁ ଶାନ୍ତି ଓ ସମନ୍ୱୟ କମିଟି ବୈଠକ



**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ୨୦୨୪କୁ ସୁରୁଖୁରୁରେ ଓ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସମ୍ବଲପୁର ଅକ୍ଷୟ ସୁନୀଲ ଅଗ୍ରୱାଲ, ଆଇଏସଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲାପାଳ, ଚଳିତବର୍ଷ ନିର୍ବାଚନବର୍ଷ ହୋଇଥିବାରୁ ଅବାଧ ଓ ନିରପେକ୍ଷ ନିର୍ବାଚନ ହେବା ଦରକାର ବୋଲି ସେ କହିଛନ୍ତି । ଏହି ୨୦୨୪ ନିର୍ବାଚନରେ କୌଣସି ପୁନଃମତଦାନ ହେବା ଉଚିତ୍ ନୁହେଁ, କୌଣସି କ୍ଷୟକ୍ଷତି ହେବନାହିଁ ଏବଂ କୌଣସି ହିଂସା ହେବା ଉଚିତ୍ ନୁହେଁ । ଏହି ୩ଟି ଜିନିଷକୁ ଅନୁସରଣ କରିବା ପାଇଁ ସେ ସହଯୋଗ କାମନା କରିଛନ୍ତି । ନିକଟରେ ପୀରବାବା ଛକରେ ହୋଇଥିବା ବୋମା ବିସ୍ଫୋରଣ ଘଟଣାରେ ଜିଲ୍ଲାପ୍ରଶାସନ ପ୍ରତି ନିରନ୍ତର ସହଯୋଗ ଓ ବିଶ୍ୱାସ ପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଏଭଳି ଘଟଣାକୁ ରୋକିବା ପାଇଁ ଯଥେଷ୍ଟ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆଇନ୍‌ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ଏସ୍‌ପିଙ୍କ ଦ୍ୱାରା ସିଆରପିଏଫ ମୁତୟନ କରାଯାଇଛି । ସୋସିଆଲ ମିଡିଆରେ ମିଥ୍ୟାଖବର ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିବାସହ ଏହାର ପ୍ରସାରପାଇଁ କୌଣସି ସୁଯୋଗ ନଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ହନୁମାନ ଜୟନ୍ତୀ ଓ ପ୍ରତ୍ୟେକ ପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ । ପ୍ରତିବର୍ଷଭଳି ଉତ୍ସବ ପାଳନ କରାଯିବ କିନ୍ତୁ ସମ୍ବଲପୁରରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ଶୋଭାଯାତ୍ରା ହେବନାହିଁ ବୋଲି ଏସ୍‌ପି କହିଛନ୍ତି । ଉତ୍ସବରେ ପୋଲିସ ଓ ପ୍ରଶାସନର ସହଯୋଗ ମିଳିବ । ଉକ୍ତ ବୈଠକରେ ପୁଲିସ ଅଧିକ୍ଷକ ମୁକେଶ ଭାମୁ ଆଇପିଏସ୍, ସିଡିଓ କମ ଇଓ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, ଅତିରିକ୍ତ ଏସ୍‌ପି ଆଲବିନିୟସ କେରକେଟା, ଅତିରିକ୍ତ ଏସ୍‌ପି ହରିଶ୍ଚନ୍ଦ୍ର ପାଣ୍ଡେ, ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଡଙ୍ଗାଘାଟରୁ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ଘସିପୁରା ଡ଼ଙ୍ଗା ଘାଟରେ ଜଣେ ବ୍ୟକ୍ତି ପାଣି ସୁଅରେ ଭାସିଆସି ଡଙ୍ଗା ଘାଟରେ ଲାଗିବାରୁ ମାଛ ଧରା ଜାଲୁଆ ପ୍ରଥମେ ଦେଖି ହୋ ହାଲା କରିବାରୁ କିଛି କ୍ଷଣ ମଧ୍ୟରେ ଲୋକାରଣ୍ୟ ହୋଇଉଠିଥିଲା । ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବାରୁ ପୋଲିସ ପ୍ରଥମେ ମୃତ ବ୍ୟକ୍ତିଙ୍କୁ ବ୍ୟବଚ୍ଛେଦ କରି ତନାଘନା ଆରମ୍ଭ କରି ଅନୁସନ୍ଧାନ ଆରମ୍ଭ କରିଛି ।



# ମତଦାନ କେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ ୨୦୨୪ ଅବସରରେ ଜିଲ୍ଲାରେ ଏକକାଳୀନ ବଲାଙ୍ଗୀର ଲୋକସଭା ସାଂସଦ କ୍ଷେତ୍ର ସହ ସୋନପୁର ଓ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ଅନୁଷ୍ଠିତ ମତଦାନକୁ ମୁକ୍ତ, ସ୍ୱଚ୍ଛ ଓ ବ୍ୟବସ୍ଥିତ ତଥା ଶାନ୍ତି ଶୃଙ୍ଖଳାର ସହ ସମ୍ପାଦନ କରିବା ଉପରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ଜିଲ୍ଲାରେ ମତଦାନ ପାଇଁ ମତଦାତା ଯେପରି ଅଧିକରୁ ଅଧିକ ଭାବେ ମତଦାନ କେନ୍ଦ୍ରକୁ ଆସି ସୁରୁଖୁରୁରେ ତଥା ବ୍ୟବସ୍ଥିତ ଭାବେ ନିଜ ନିଜର ମତଦାନକୁ ସାବ୍ୟସ୍ତ କରିପାରିବେ ସେଥିପାଇଁ ଜିଲ୍ଲାପ୍ରଶାସନ ତରଫରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ ପୂର୍ବକ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁରହିଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଅନ୍ୟା ଦାସ ଜିଲ୍ଲାର ତରଭା ବ୍ଲକ ଅନ୍ତର୍ଗତ ଡୁବୁଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଣ୍ଡରାପିଟା, ଶିବତୁଳା ଗ୍ରାମ ପଞ୍ଚାୟତ ସ୍ଥିତ ଶିବତୁଳା ବୁଥ୍, ସରଗଛ ପଞ୍ଚାୟତ ଅନ୍ତର୍ଗତ ଶିଳାଟିମୁଣ୍ଡା, ଘାଟକଇଁତରା ଗ୍ରାମ ପଞ୍ଚାୟତ ସ୍ଥିତ ଘାଟକଇଁତରା ପ୍ରାଥମିକ ସ୍କୁଲ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ହେବାକୁ ଥିବା ମତଦାନ କେନ୍ଦ୍ର ଗୁଡ଼ିକୁ ପରିଦର୍ଶନ ପୂର୍ବକ ପାରିପାର୍ଶ୍ୱିକ ସ୍ଥିତି ତଥା ବୁଥ୍ ଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମି ଓ ପ୍ରସ୍ତୁତିର ଯାଞ୍ଚ କରିଛନ୍ତି । ଜିଲ୍ଲାପାଳ ଶ୍ରୀମତୀ ଦାସ ପରିଦର୍ଶନ ସମୟରେ ସମ୍ପୃକ୍ତ ବିଏଲଓ ତଥା ଏଆ ଓ, ଆରଓଙ୍କୁ ପ୍ରତ୍ୟେକ ବୁଥ୍‌ରେ ମତଦାନ ଦିନ ପାନୀୟଜଳ, ଆଶ୍ରୟ ସ୍ଥଳ, ବିଶ୍ରାମ କକ୍ଷ, ଆବଶ୍ୟକ ଶୌଚାଳୟ ବ୍ୟବସ୍ଥା, ଆବଶ୍ୟକ ଅନୁଯାଇ ଆଲୋକ ବ୍ୟବସ୍ଥା, ଭିନ୍ନକ୍ଷମ ମତଦାତାଙ୍କ ନିମନ୍ତେ ରେମ୍ପ ସୁବିଧା, ହୁଇଲ୍ ଚେୟାର ବ୍ୟବସ୍ଥା ପୁନଶ୍ଚ ୮୦ ବର୍ଷରୁ ଉର୍ଦ୍ଧ୍ୱ ମତଦାତାଙ୍କ ନିମନ୍ତେ ବ୍ୟବସ୍ଥିତ ମତଦାନ ପାଇଁ ଆବଶ୍ୟକ ପ୍ରସ୍ତୁତି ସହ ପାରିପାର୍ଶ୍ୱିକ ବ୍ୟବସ୍ଥାର ବ୍ୟବସ୍ଥିତକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳଙ୍କ ବୁଥ୍ ପରିଦର୍ଶନ ସମୟରେ ଉପଜିଲ୍ଲାପାଳ ସୋନପୁର ସୁରଜ କୁମାର ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଭା ଅନିଲ କୁମାର କୁଲୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୧।୪।୨୦୨୪, ଚୈତ୍ର ଦି୨୯ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୩୨।୫୦ ଚନ୍ଦ୍ରୋଦୟ- ପ୍ରାଘ ୭।୧୪।୫୮**

ତୃତୀୟା- ଦିଘ ୩।୦୪ ପର୍ଯ୍ୟନ୍ତ । କୃତିକା ନକ୍ଷତ୍ର- ରାଘ ୧।୩୯ ପର୍ଯ୍ୟନ୍ତ । ମେଷ ଚନ୍ଦ୍ର- ଦିଘ ୮।୪୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି -** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ଦିଘ ୮।୪୧ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ମେଷ ରାଶିର । ଦିଘ ୮।୪୧ ଗତେ ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତୃତୀୟାର ଏକୋଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୩।୦୪ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୫ ଗତେ ଘ ୭।୧୫ ମଧ୍ୟେ । ଦିଘ ୧୦।୩୩ ଗତେ ଘ ୧୧।୦୨ ମଧ୍ୟେ । **ପର୍ବୋତ୍ସବ-** ଇଦ୍-ଉଲ୍-ଫିତର ।



**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି । ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ । ରୋଜଗାର ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ ।



**ବୃଷ:** ଦୁଃସାଧ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆୟ ଓ ବ୍ୟୟ ସମାନ ରହିବ । ବନ୍ଧୁଙ୍କ ସହଯୋଗ ଲାଭ କରିବେ । ପାରିବାରିକ ଜୀବନ ସୁଖମୟ ହେବ । ମାଲିମୋକଦ୍ଦମାରେ ଶୁଣାରି ବିଳମ୍ବ ହୋଇପାରେ ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ । ଆୟର ପରିମାଣ ବଢ଼ିପାରେ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**କର୍କଟ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦ ଅନୁଭବ କରିବେ । ଦେବ ଦର୍ଶନ ସହ ଶୁଭ କାର୍ଯ୍ୟ ମଧ୍ୟ କରିପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ଶାନ୍ତିର ବାତାବରଣ ରହିବ ।



**ସିଂହ:** କାର୍ଯ୍ୟକ୍ଷେତ୍ରରେ ସାମାନ୍ୟ ବିଳମ୍ବ ଦେଖାଦେବ । ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି ।



**କନ୍ୟା:** ଅଣ୍ଟି ଛୁରୀ ତଣ୍ଟି କାଟିଲା ପରି ଆପଣାର ଲୋକ ବିଶ୍ୱାସଘାତକ କରିପାରନ୍ତି । ରୋଜଗାର ମଧ୍ୟମ ହେବ । ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଫଳ ପାଇବେ । ଘରେ କଳହ ଓ ଅଶାନ୍ତି ଦେଖାଦେବ ।



**ତୁଳା:** ମାନସିକ ଦୁଶ୍ଚିନ୍ତାର ଅନ୍ତ ହେବ । ଶତ୍ରୁ ନାଶ ହେବେ । ଘରେ ଆନନ୍ଦ ଦେଖାଦେବ । ନୂତନ କାର୍ଯ୍ୟାରମ୍ଭ କରିପାରନ୍ତି । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଶରୀର ସୁସ୍ଥ ରହିବ ।



**ବିଛା:** ଘାତଚନ୍ଦ୍ର ହେତୁ ସାବଧାନତା ଶ୍ରେୟସ୍କର । ବ୍ୟବସାୟରେ କ୍ଷତି ଦେଖାଦେବ । ଖର୍ଚ୍ଚର ପରିମାଣ ବଢ଼ିବ । ପାରିବାରିକ ବିଶୃଙ୍ଖଳା ସୃଷ୍ଟି ହୋଇପାରେ । ପିଲାମାନେ ପଢ଼ାପଢ଼ିରେ ଅବହେଳା କରିବେ ।



**ଧନୁ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ସାମାଜିକ ସ୍ତରରେ ଲାଭବାନ୍ ହେବେ । ରୋଜଗାର ଭଲ ହେବ । ଘରେ ଶାନ୍ତି ଲାଭ ହେବ । ମହିଳାମାନେ ସୁଖୀ ହେବେ । ମନ ଭଲ ରହିବ ।



**ମକର:** ସମସ୍ତ କାର୍ଯ୍ୟ ଆପଣଙ୍କର ସୁରୁଖୁରୁରେ ସମ୍ପାଦନ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଦେହ ଓ ମନ ଭଲ ରହିବ ।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ସମସ୍ତ ସମସ୍ୟାର ଅନ୍ତ ହେବ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖମୟ ହେବ । ନୂତନ ବନ୍ଧୁ ଦର୍ଶନର ସୁଯୋଗ ରହିଛି ।



**ମୀନ:** ଅତ୍ୟଧିକ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିବେ । ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଶାନ୍ତିର ବାତାବରଣ ରହିବ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୨।୪।୨୦୨୪, ଚୈତ୍ର ଦି୩୦ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୩୨।୦୨ ଚନ୍ଦ୍ରୋଦୟ- ଦିଘ ୮।୦୫।୦୩**

ଚତୁର୍ଥୀ- ଦିଘ ୧।୧୩ ପର୍ଯ୍ୟନ୍ତ । ରୋହିଣୀ ନକ୍ଷତ୍ର- ରାଘ ୧୨।୫୨ ପର୍ଯ୍ୟନ୍ତ । ବୃଷ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି -** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ଏକୋଦିଷ୍ଟ ଓ ପଞ୍ଚମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୧।୧୩ ପରେ ପଣସ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୫ ଗତେ ଘ ୬।୨୪ ମଧ୍ୟେ । ଦିଘ ୧୨।୧୨ ଗତେ ଘ ୨।୪୧ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଏବେବି ଭରସା ଋଷ୍ ତେଲ

ଋଷରୁ ଭାରତ ଅଧିକ ପରିମାଣର ଅଶୋଧିତ ତେଲ ଆମଦାନି କରୁଛି। ତେଲ ଉପରେ ପୂର୍ବରୁ ଋଷ୍ ପ୍ରଦାନ କରୁଥିବା ରିହାତି ହ୍ରାସ ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକର କଟକଣା ସତ୍ତ୍ୱେ ଭାରତ ଏହି ଦେଶରୁ ଅଧିକ ତେଲ ଆମଦାନି ଜାରି ରଖିଛି। ଭାରତର ମୋଟ ତେଲ ଆମଦାନିରେ ଋଷର ଯୋଗଦାନ ୨୦୨୩-୨୪ ଆର୍ଥିକ ବର୍ଷରେ ୩୫ ପ୍ରତିଶତ ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତ ଏହାର ମୋଟ ତେଲର ୨୩ ପ୍ରତିଶତ ଋଷରୁ ଆମଦାନି କରିଥିଲା ବୋଲି ଶକ୍ତି କର୍ଗୋ ଟ୍ରାକର ଭର୍ଟେକ୍ସାର ରିପୋର୍ଟରୁ ଜଣାଯାଇଛି। ଅନ୍ୟପକ୍ଷରେ ବିଶ୍ୱର ଅନ୍ୟ ପ୍ରମୁଖ ତୈଳ ଯୋଗାଣକାରୀ ରାଷ୍ଟ୍ର ଇରାକ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରୁ ଭାରତର ତେଲ ଆମଦାନି ଅଂଶ ହ୍ରାସ ପାଇଛି। ଭାରତର ମୋଟ ତେଲ ଆମଦାନିରେ ଇରାକର ଅଂଶ ୨୦ ପ୍ରତିଶତକୁ, ସାଉଦି ଆରବର ୧୫ ପ୍ରତିଶତକୁ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ୬ ପ୍ରତିଶତକୁ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ବଜାର ଅଂଶ ୩.୫ ପ୍ରତିଶତକୁ କମିଛି।

୨୦୨୩-୨୪ରେ ଋଷ୍ ଭାରତକୁ ଦୈନିକ ୧.୫୭ ନିୟୁତ ବ୍ୟାରେଲ ଅଶୋଧିତ ତେଲ ଯୋଗାଇ ଦେଇଛି, ଯାହାକି ୨୦୨୨-୨୩ରେ ଦୈନିକ ୧ ନିୟୁତ ବ୍ୟାରେଲରେ ରହିଥିଲା। ଅନ୍ୟପକ୍ଷରେ ଭାରତକୁ ଇରାକ ୨୦୨୨-୨୩ରେ ଦୈନିକ ୦.୯୫ ନିୟୁତ ବ୍ୟାରେଲ୍ ଅଶୋଧିତ ତେଲ ପ୍ରଦାନ କରିଥିବାବେଳେ ୨୦୨୩-୨୪ରେ ଏହା ୦.୮୯ ନିୟୁତ ବ୍ୟାରେଲକୁ ହ୍ରାସ ପାଇଛି। ସେହିଭଳି ଉପରୋକ୍ତ ସମୟ ମଧ୍ୟରେ ସାଉଦି ଆରବରୁ ଭାରତର ତେଲ ଆମଦାନି ଦୈନିକ ୦.୭୮ ନିୟୁତ ବ୍ୟାରେଲରୁ ୦.୬୯ ନିୟୁତ ବ୍ୟାରେଲକୁ କମିଛି। ପରିବହନଜନିତ ଅସୁବିଧା ସତ୍ତ୍ୱେ ଭାରତୀୟ ତୈଳ ବିଶୋଧନକାରୀମାନେ ରୁଷ୍‌ରୁ ଅଶୋଧିତ ତେଲ ଆମଦାନି କରିବାକୁ ପସନ୍ଦ କରୁଛନ୍ତି। ଏହାର କାରଣ ହେଲା ଋଷ୍ ପ୍ରଦାନ କରୁଥିବା ରିହାତି। ୟୁକ୍ରେନ ସହିତ ଯୁଦ୍ଧ ପରଠାରୁ ଋଷ ତେଲ ଉପରେ ପ୍ରଦାନ କରୁଥିବା ରିହାତି କମାଇ ଚାଲିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଋଷ୍ ଏହାର ଅଶୋଧିତ ତେଲ ଉପରେ ବ୍ୟାରେଲ ପିଛା ୩୦ ଡଲାର ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଥିଲା। କିନ୍ତୁ ଏବେ ଏହା ବ୍ୟାରେଲ ପିଛା ୨ରୁ ୩ ଡଲାରକୁ ହ୍ରାସ ପାଇଛି। ଏହା ସତ୍ତ୍ୱେ ଉକ୍ତ ଦେଶରୁ ଭାରତର ତେଲ ଆମଦାନି ବଢ଼ିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ଭୁତେ ।'

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସ୍ୱମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ମହିଳାଙ୍କ ମନରେ ବାବା ସିରିଡ଼ିବାବାଙ୍କ ଅବତାର ଧାରଣା ବୃଦ୍ଧି କଲେ


ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

**ଶ୍ରୀ ସତ୍ୟସାଇ ମହିମା-୨୫୬**

ସିରିଡି ବାବାଙ୍କ ଉପଦେଶ ଶୁଣି ଉକ୍ତ ମହିଳା ନିଜର ରାଜ୍ୟକୁ ଫେରି ଆସି ଲୋକମଙ୍ଗଳ ଓ ଦାନଶୀଳ କାର୍ଯ୍ୟରେ ମନୋନିବେଶ କଲେ। ଅନାଥ ବାଳିକା ଓ ବାଳକଙ୍କ ଆଶ୍ରୟାର୍ଥେ 'ସାଇ ସଦନ' କରିବା ପାଇଁ ଅର୍ଥ ଓ ସାହାଯ୍ୟ ସଂଗ୍ରହ କରିବାକୁ ଲାଗିଲେ। ଏଇ କାମରେ ସେ ଥରେ ଉରବକୋଣ୍ଡା ଯାଇଥିଲେ। ସେଠାରେ ସେ ଶୁଣିଲେ ଯେ, ଜଣେ ବାଳକ ନିଜକୁ 'ସାଇବାବା' ବୋଲି ଘୋଷଣା କରିଛି। ସେ ଖୁବ୍ ଶୀଘ୍ର ନିଜ ରାଜ୍ୟକୁ ଫେରି ଆସି ନିଜେ ଗୁରୁବାର ଦେଖି ଉରବକୋଣ୍ଡାରେ ପହଞ୍ଚିଲେ। ସେଦିନ ବାଳକ ସାଇବାବାଙ୍କ ଦର୍ଶନ ପାଇ ଅନେକ ଭକ୍ତଙ୍କ ସହିତ ସେଠାରେ ସେ ମଧ୍ୟ ବସି ରହିଲେ। ବାଳକ ସାଇବାବା ତାଙ୍କୁ ଦେଖିବା ମାତ୍ର ଧୀର ସ୍ୱରରେ ସିରିଡି ବାବାଙ୍କ ପରି ହିନ୍ଦୀରେ କହିଲେ, " ତା ହେଲେ ତୁ ଆସିଗଲୁ ମୋ ଝିଅ। ତା'ପରେ ନମ୍ର ସ୍ୱରରେ କହିଲେ, ତୋଠାରୁ ମୁଁ ଆଉ ଷୋହଳ ଟଙ୍କା ପାଇବାର ଅଛି।'' ତାପରେ ମହିଳାଙ୍କୁ ସ୍ମରଣ କରେଇ ଦେଇ କହିଲେ, " ତୁ ଏକ ଧର୍ମୋତ୍ସବ ପାଇଁ ଚାଳିଶ ଟଙ୍କା ସଂଗ୍ରହ କରିଥିଲୁ।



ଆନ୍ଧ୍ରପ୍ରଦେଶର ନିଜାମ୍ ରାଜ୍ୟର ଜଣେ ଜିଲ୍ଲାପାଳ ନିଜ ଛୋଟ ଝିଅକୁ ନେଇ ବହୁଥର ସିରିଡିଯାଇ ଥିଲେ। ତାପରେ ସେଇ ଝିଅଟି ବଡ ହୋଇ ବୋହୂ ହେଲା କିନ୍ତୁ ତାର ବିବାହିତ ଜୀବନ ବଡ ଦୁଃଖମୟ ଥିଲା। ସେ ତାର ଜନ୍ମିତ ଚାରୋଟି ସନ୍ତାନଙ୍କୁ ଗୋଟିଏ ପରେ ଗୋଟିଏ ମୃତ୍ୟୁ ମୁଖରେ ପଡିବା ଦେଖିଲା। ଏ ଦୁଃଖରେ ସେ ଭାଙ୍ଗିପଡି ସିରିଡିବାବାଙ୍କ ପାଖକୁ ଯାଇ ପ୍ରାର୍ଥନା କଲା। 'ବାବା ମୁଁ ଏଠି ଆପଣଙ୍କ ପାଖରେ ରହିବି। ଆପଣଙ୍କ ପାଖରୁ ଆଧ୍ୟାତ୍ମିକ ଦୀକ୍ଷା ଓ ଚାକିରି ନେବି।' କିନ୍ତୁ ସିରିଡି ବାବା ସେତେବେଳେ ତାକୁ କହିଲେ, " ଏଥର ନୁହେଁ, ମୋର ଦେହାନ୍ତ ପରେ ମୁଁ ପୁଣି ଆନ୍ଧ୍ର ପ୍ରଦେଶରେ ଅବତାର ନେବି। ସେତେବେଳେ ତୁ ମତେ ଦେଖା କରିବୁ ଓ ମୋ ପାଖରେ ରହିବୁ।'' ସିରିଡି ବାବାଙ୍କ ଉପଦେଶ ଶୁଣି ଉକ୍ତ ମହିଳା ନିଜର ରାଜ୍ୟକୁ ଫେରି ଆସି ଲୋକମଙ୍ଗଳ ଓ ଦାନଶୀଳ କାର୍ଯ୍ୟରେ ମନୋନିବେଶ କଲେ। ଅନାଥ ବାଳିକା ଓ ବାଳକଙ୍କ ଆଶ୍ରୟାର୍ଥେ 'ସାଇ ସଦନ' କରିବା ପାଇଁ ଅର୍ଥ ଓ ସାହାଯ୍ୟ ସଂଗ୍ରହ କରିବାକୁ ଲାଗିଲେ। ଏଇ କାମରେ ସେ ଥରେ ଉରବକୋଣ୍ଡା ଯାଇଥିଲେ। ସେଠାରେ ସେ ଶୁଣିଲେ ଯେ, ଜଣେ ବାଳକ ନିଜକୁ 'ସାଇବାବା' ବୋଲି ଘୋଷଣା କରିଛି। ସେ ଖୁବ୍ ଶୀଘ୍ର ନିଜ ରାଜ୍ୟକୁ ଫେରି ଆସି ନିଜେ ଗୁରୁବାର ଦେଖି ଉରବକୋଣ୍ଡାରେ ପହଞ୍ଚିଲେ। ସେଦିନ ବାଳକ ସାଇବାବାଙ୍କ ଦର୍ଶନ ପାଇ ଅନେକ ଭକ୍ତଙ୍କ ସହିତ ସେଠାରେ ସେ ମଧ୍ୟ ବସି ରହିଲେ। ବାଳକ ସାଇବାବା ତାଙ୍କୁ ଦେଖିବା ମାତ୍ର ଧୀର ସ୍ୱରରେ ସିରିଡି ବାବାଙ୍କ ପରି ହିନ୍ଦୀରେ କହିଲେ, " ତା ହେଲେ ତୁ ଆସିଗଲୁ ମୋ ଝିଅ। ତା'ପରେ ନମ୍ର ସ୍ୱରରେ କହିଲେ, ତୋଠାରୁ ମୁଁ ଆଉ ଷୋହଳ ଟଙ୍କା ପାଇବାର ଅଛି।'' ତାପରେ ମହିଳାଙ୍କୁ ସ୍ମରଣ କରେଇ ଦେଇ କହିଲେ, " ତୁ ଏକ ଧର୍ମୋତ୍ସବ ପାଇଁ ଚାଳିଶ ଟଙ୍କା ସଂଗ୍ରହ କରିଥିଲୁ। ସେଥିରୁ ଷୋହଳ ଟଙ୍କା ତୁ ତୋ ବନ୍ଧୁଙ୍କୁ ଧାର ଦେଲୁ। ବାକି ଟଙ୍କା ମୋତେ ଦେଇଥିଲୁ। ହେଲେ ମୋର ଆଉ ସେ ଟଙ୍କା ଲୋଡା ନାହିଁ। ମୁଁ ଯେ ସିରିଡି ବାବାଙ୍କ ପର ଅବତାର ଏଇ ଧାରଣା ତୋର ଦୃଢ କରିବା ପାଇଁ ମୁଁ ଏପରି ମନେ ପକେଇ ଦେଲି,'' ମହିଳା ଜଣକ ସିରିଡିବାବାଙ୍କ କଥା ସତ ହୋଇଥିବାରୁ ଆନନ୍ଦିତ ହେଲେ। ଏହାପରେ ସେ ପ୍ରଶାନ୍ତିରେ ସତ୍ୟସାଇଙ୍କ ଆଶ୍ରମରେ ଆନନ୍ଦ ମନରେ ରହିଲେ। (କ୍ରମଶଃ)

# ହାରି ଯାଇଥିବା ମଣିଷର ହରଣ

ବିକାଶ ପ୍ରଧାନ

ଜୀବନ! କାହା ପାଇଁ ଫୁଲର ପାଖୁଡ଼ାଟିଏ ତ କାହା ପାଇଁ ମଉଳି ଯାଇଥିବା ଫୁଲଟିଏ। କିନ୍ତୁ ଫୁଲ ସର୍ବଦା ପ୍ରସ୍ଫୁଟିତ ହୁଏ। କେତେକ ଫୁଲ ଭଗବାନଙ୍କ ମସ୍ତକରେ ଲାଗେ ତ ପୁଣି କେତେକ ମଣିଷର ଅନ୍ତିମ ଯାତ୍ରାରେ। କେବେ ନା କେବେ ସେ ମଉଳି ତ ଯାଏ, ତଥାପି ସେ କେବେ ପ୍ରସ୍ଫୁଟିତ ହେବା ଛାଡେନି। ହେଲେ ମଣିଷ ସାମାନ୍ୟ ପରିସ୍ଥିତିରେ କାହିଁ ମଉଳି ଯାଏ କେଜାଣେ। ଟିକେ ଦୁଃଖରେ ଭାଙ୍ଗି ପଡେ। ଟିକେ ଖୁସିରେ ଅତ୍ୟଧିକ ଖୁସି ହୋଇ ପଡେ ସେଥିପାଇଁ ନୁହେଁ ତ! କାରଣ ଯାହା ହେଉନା କାହିଁକି ହସ ହସ ମୁହଁ ହିଁ ବ୍ୟକ୍ତିର ଜୀବନରେ ଅଭିସାର ସଞ୍ଚାର କରେ। ଗଣିତର ହରଣ, ଗୁଣନ, ଫେଡାଣ, ମିଶାଣ ଭଳି ମଣିଷର ଜୀବନ ଯାତ୍ରାର ଗାଡ଼ି ବି ଗଡେ। କିଏ ଜିତେ କିଏ ହାରେ। କିନ୍ତୁ ହାରି ଯାଇଥିବା ମଣିଷ କଣ ବିଜୟୀ ନୁହେଁ!

ବେଳେବେଳେ ହାରି ଯାଇଥିବା ମଣିଷ ବି ଜିତି ଯାଏ। ଏ ଯେମିତି ମହାଭାରତର ଅଭିମନ୍ୟୁ କଥା। ଛୋଟ ଛୁଆକୁ ମାରିବା ପାଇ ଚକ୍ରବ୍ୟୁହ ରଚନା କରାଗଲା। ଆଉ ସେ ଚକ୍ରବ୍ୟୁହ ଭିତରକୁ ଅଭିମନ୍ୟୁ ପ୍ରବେଶ କରି ମହାରଥୀଙ୍କ ସହ ନିର୍ଭୀକ, ସାହସର ସହ ଲଢ଼ିଲା। ତାର ପ୍ରତିଟି ରକ୍ତ ବିନ୍ଦୁ କୁରୁକ୍ଷେତ୍ରରେ ଯଶ ଗାନ କରୁଥିଲା। ଶେଷ ନିଃଶ୍ୱାସ ଯାଏ ତାର ପରାକ୍ରମ ଶତ୍ରୁର ହୋସ ଉଡ଼ାଇ ଦେଉଥିଲା। କର୍ଣ୍ଣ ଭଳି ଯୋଦ୍ଧା ତାଙ୍କୁ ନିହତ କରି ନିଜେ କହି ଦେଇଥିଲେ, ବିଶ୍ୱର ସବୁଠୁ ବଡ଼ ଯୋଦ୍ଧା ନା ସେ ନା ଅର୍ଜୁନ। ଅଭିମନ୍ୟୁକୁ ବିଶ୍ୱର ଶ୍ରେଷ୍ଠ ଯୋଦ୍ଧା କହି ତାହାର ଗୁଣଗାନ କରିଥିଲେ କର୍ଣ୍ଣ। ଆଉ ଆଜି ସେଇ ଅଭିମନ୍ୟୁ ମରିକି ବି ଅମର। ଚକ୍ରବ୍ୟୁହକୁ ପ୍ରବେଶ କରିବାର କଳା ସିନା ଅଭିମନ୍ୟୁ ପାଖରେ ଥିଲା, ହେଲେ ପ୍ରସ୍ଥାନର ନୁହେଁ। ଯଦି ତା ପାଖରେ ସେହି କଳା ବି ଥାଆନ୍ତା! ମଣିଷ ବି ଅନେକ ସମୟରେ ଅଭିମନ୍ୟୁ ଭଳି ପରିସ୍ଥିତିର ସାମ୍ନା କରିଥାଏ। ପ୍ରରୋଚିତ ଭାବରେ ଷଡ଼ଯନ୍ତ୍ରର ଶିକାର ହୋଇ ଯାଆନ୍ତି ଅନେକ ମଣିଷ। ଉପାୟ ଶୂନ୍ୟ ହୋଇ ଘରର କେଉଁ କୋଣରେ କୋହର ସହ କାନ୍ଦିବା ଛଡ଼ା ସେମାନଙ୍କ ପାଖରେ କିଛି ନ ଥାଏ। ଥାଏ କେବଳ ହୃଦୟରେ ବହୁଥିବା ଲହୁ, ଆଖିରୁ ଝରୁଥିବା ଲୁହ। ତଥାପି ଏଭଳି ମଣିଷ ହାରି ନ ଯାଇ ସୁଯୋଗ ତିଆରି କରନ୍ତି ନିଜ ପାଇଁ। ସମାଜ ପାଇଁ କିଛି ଭିନ୍ନ କରି ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରନ୍ତି। ସ୍ୱାଭିମାନ ଓ ଆତ୍ମସମ୍ମାନ ହିଁ ଏଭଳି ମଣିଷକୁ ବଳୀୟାନ କରେ। କେବଳ ଯେ ଜଣେ ବ୍ୟକ୍ତି ସର୍ବଦା ପୁଲକିତ ପଥରେ ହିଁ ଜୀବନ ଜିଇଁବ ତାହା କେବେ ସମ୍ଭବ ନୁହେଁ । କଣ୍ଟକିତ ରାସ୍ତା ହିଁ ବ୍ୟକ୍ତିକୁ ପରିଚୟ ଦିଏ। ସମାଜରେ ସ୍ୱତନ୍ତ୍ର ପରିଚୟ ତିଆରି କରି ପାରନ୍ତି ଏ କଣ୍ଟକିତ ରାସ୍ତାରେ ଯାଉଥିବା ମଣିଷମାନେ। ବାରମ୍ବାର ସେମାନେ ଭୁଲ୍ ନ କରି ବି ଭୁଲ ପ୍ରମାଣିତ ହୁଅନ୍ତି। କିନ୍ତୁ ହାର ମାନନ୍ତିନି। ଲଢନ୍ତି, ଭାଙ୍ଗି ପଡ଼ନ୍ତି ଆଉ ନୂଆ ରୂପରେ ପୁଣି ଥରେ ନବ ଉନ୍ମାଦନାର ସହ ନବୀନ ପଥର ସହ ଯାତ୍ରୀ ସାଜନ୍ତି। ସମାଜରେ ସେମାନେ ନିଜର ସ୍ୱତନ୍ତ୍ରତା ତିଆରି କରିପାରନ୍ତି। ଏଭଳି ମଣିଷ ସମାଜରେ କ୍ୱଚିତ ଦେଖା ଯାଆନ୍ତି। ମାତ୍ର ସେହି କ୍ୱଚିତ ଦେଖା ଯାଉଥିବା ମଣିଷମାନେ ହିଁ ପରିବର୍ତ୍ତନର ନୂଆ ସୁଅରେ ସାମିଲ ହୋଇ ସ୍ୱର୍ଣ୍ଣିମ ଇତିହାସ ରଚନ୍ତି। ସମାଜ ସେମାନଙ୍କ ସାହସିକତା, ନିର୍ଭୀକତା ଓ ନବ ନିର୍ମାଣକୁ ଦେଖି କୁହେ ଏ ଆଧୁନିକ ଯୁଗର ସେଇ ଅଭିମନ୍ୟୁ। ଯିଏ ବାଜି ଜିତି ବାଜି ହାରି ଯାଇଛି ସତ ମାତ୍ର କର୍ଣ୍ଣ ଓ ଅର୍ଜୁନଠୁ ବି ବଡ ଯୋଦ୍ଧା ହୋଇ ପାରିଛି।

ଅଧୁନା ସମାଜ ସେଇମାନଙ୍କୁ ବେଶୀ ଭଲ ପାଏ ଯେଉଁମାନେ ଉପରୁ ଗୋଲାପ ପରି ଦେଖା ଯାଆନ୍ତି, କିନ୍ତୁ ଭିତରୁ ଅନ୍ୟ ମଣିଷମାନଙ୍କ ପାଇଁ ସେମାନଙ୍କ ପାଖରେ କେବଳ କଣ୍ଟା ଭରିକି ଥାଏ। ଆଉ ଏଭଳି ମଣିଷମାନଙ୍କଠୁ ଦୂରେଇ ରହିବା ଶ୍ରେୟସ୍କର ଅଟେ। ପ୍ରତିଟି କ୍ଷେତ୍ରରେ ଆଜି ମଣିଷ ମଣିଷ ଭିତରେ ଲଢେଇ ହେଉଛି। କିଏ ବ୍ୟବସାୟ ପାଇଁ ଜଣକ ସହ ଲଢୁଛି ତ ପୁଣି କିଏ ଖେଳ ପାଇଁ। କିଏ ଜମି ପାଇଁ ତ କିଏ ଜମିଦାର ହେବା ପାଇଁ। ରାଜନୀତିଠୁ ଆରମ୍ଭ କରି ସମାଜ ସେବା ସବୁକିଛିରେ ଆଜି ରହିଛି ବ୍ୟକ୍ତିଗତ ସ୍ୱାର୍ଥ। ଖୁବ୍ କମ୍ ମଣିଷ ଆଜି ସତରେ ଲୋକଙ୍କ ପାଇଁ କାମ କରୁଛନ୍ତି। ଆଉ ଯେଉଁମାନେ କାମ କରୁଛନ୍ତି ସେମାନଙ୍କୁ ଦବେଇ ଦିଆଯାଉଛି। ଗୋଡ଼ ଆଉ ହାତ ସେମାନଙ୍କ ବାନ୍ଧି ହୋଇ ଯାଉଛି। ବାଧ ହୋଇ ସେମାନେ ଚୁପ୍ ରହୁଛନ୍ତି। କିଛି କହୁ ନାହାନ୍ତି। ମାତ୍ର ସମସ୍ତେ କଣ ଏଭଳି ମଣିଷ! ନା!

ଆଜିବି ସ୍ୱାଭିମାନୀ ମଣିଷ ଅଛନ୍ତି ଯେଉଁମାନଙ୍କ କଲମକୁ ଅଟକାଇ ପାଇଁ ଚାହିଁଲେ ସେମାନେ ଆହୁରି ଲେଖନ୍ତି। ସରଳ ଭାଷାରେ ସେମାନଙ୍କୁ କବି କିମ୍ବା ଲେଖକ କିମ୍ବା ସ୍ତମ୍ଭକାର କୁହାଯାଏ। ସେହିଭଳି ରାଜନୀତି, କ୍ରୀଡ଼ା ତଥା ଅନ୍ୟ କ୍ଷେତ୍ରରେ ମଧ୍ୟ ଏମିତି ମଣିଷ ଅଛନ୍ତି। ଯେଉଁମାନଙ୍କୁ ଚକ୍ରବ୍ୟୁହରେ ପ୍ରବେଶ କରିବାର କଳା ଜଣାଥାଏ । ସେମାନେ କେବେ ଭାବନ୍ତି ନାହିଁ ଯେ ସେମାନେ କେମିତି ସେଠୁ ବାହାରିବେ। କେବଳ ପ୍ରବେଶ କରନ୍ତି , ବାହାରିବା କଥା ଭୁଲି ଯାଆନ୍ତି। ସମାଜ ପାଇଁ ସେମାନେ କାମ କରନ୍ତି। ସମାଜ ପାଇଁ ବଳିଦାନ ଦେଇ ଦିଅନ୍ତି ନିଜ ଜୀବନକୁ। ଦୁଃଖ କଷ୍ଟରେ କାଳ ଅତିବାହିତ କରନ୍ତି ସେମାନେ। ତଥାପି ହାର ମାନନ୍ତି ନାହିଁ।

ପ୍ରଶ୍ନ ଉଠେ, ମଣିଷ କେମିତି ହେବା ଦରକାର? ଲୋକଙ୍କ ସବୁ କଥାରେ ହଁ ମାରିବା ଉଚିତ୍ ନା ନିଜସ୍ୱ ବୁଦ୍ଧି ଓ ବିବେକର ବି ପ୍ରୟୋଗ କରିବା ଆବଶ୍ୟକ। ସ୍ୱାଭିମାନୀ ହେବା ଉଚିତ୍ ନା ସ୍ୱାଭିମାନକୁ ତଳେ ପକାଇ ଦେବା ଦରକାର। ଦୁଃଖରେ ଭାଙ୍ଗି ପଡ଼ିବା ଦରକାର ନା ଦୁଃଖକୁ ଦୁଃଖ ନ ଭାବି ଗ୍ରହଣ କରି ଲକ୍ଷ୍ୟପଥରେ ଆଗେଇବା ଆବଶ୍ୟକ। ଏମିତି ତମାମ ପ୍ରଶ୍ନ ଆଜି ବି ମଣିଷକୁ ମାୟା ଘେରରେ ରଖି ଦେଇଛି। ବହୁ ମଣିଷ ଜାଣିଶୁଣି ଭୁଲକୁ ପ୍ରୋତ୍ସାହିତ କରନ୍ତି। ଆଉ ଖୁବ୍ କମ୍ ମଣିଷ ତାହାକୁ ବିରୋଧ କରନ୍ତି। ଆଉ ବିରୋଧ କରୁଥିବା ମଣିଷକୁ ସବୁକିଛି ହରାଇବାକୁ ପଡେ। ମାନସିକ ଅବସାଦ ଦେଇ ସେ ଗତି କରେ। ମାତ୍ର ଏଇଟା ବି ସତ ଯେ , ଭାଙ୍ଗି ଯାଇଥିବା ଆଇନାକୁ ଯୋଡି ହୁଏନା କିନ୍ତୁ ନୂଆ ଆଇନା କିଣି ସେଥିରେ ନିଜ ଚେହେରାକୁ ଦେଖି ହୁଏ ମାନେ ଥରେ ହାରି ଗଲେ ମଣିଷ କେବେ ଭାବିବା ଉଚିତ୍ ନୁହଁ ଯେ ତା ଜୀବନର ଜୟଯାତ୍ରା ସେଠି ହିଁ ସମାପ୍ତ ହୋଇଗଲା। ବାରମ୍ବାର ମଣିଷ ଲଢ଼ିଲେ ପଥର ପରି ଟାଣ ହୋଇ ଆହୁରି ସଶକ୍ତ ହୁଏ । ସେଥିରୁ ଆସୁଥିବା ଉର୍ଜା ସମାଜକୁ ନବ ସୂର୍ଯ୍ୟ ପ୍ରଦାନ କରେ।

ଜୀବନ! ଗଣିତର ହରଣ ଓ ଗୁଣନ। ଆଜି ଯଦି ଜଣେ ଜିତିଛି କାଲି ଆଉ କେହି ଜିତିବ। ଆଜି ଯଦି ଜଣକର ଖରାପ ଦିନ ଚାଲୁଛି କେବେ ତାହାର ଭଲ ଦିନ ବି ଆସିବ। କେବଳ ଜୀବନ ଗଣିତରେ ଅଙ୍କକଷା ଠିକ୍ ସେ ଆସୁଥିବା ଦରକାର। ମଣିଷକୁ ମନେ ରଖିବା ଉଚିତ୍ ଯେ, ଜୀବନର ଅଙ୍କାବଙ୍କା ରାସ୍ତାରେ ଅଙ୍କ ବି ବେଳେ ବେଳେ ଭୁଲ ହୋଇ ଯାଏ। ଯାହାକୁ ମଣିଷ ସହଜରେ ଗ୍ରହଣ କରି ପାରେନି। ଗ୍ରହଣ କରି ସେ ପୁଣି ନିଜ ଜୀବନର ଗଣିତ ଖାତା ବାହାର କରି ଅଙ୍କ କଷିବା ଦରକାର। ଭବିଷ୍ୟତରେ କିଏ ବା ଜାଣିଛି ସେ ମଣିଷ ଜୀବନ ନାମକ ଗଣିତ ଖେଳରେ ଶୀର୍ଷରେ ଥିବ।

# ଈଶ୍ୱର ବିଶ୍ୱର ବଡ଼ ବିଜ୍ଞାନୀ


ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ସତ୍ୟଦ୍ରଷ୍ଟା ଆର୍ଯ୍ୟ ମହର୍ଷିଗଣ ଭଗବାନଙ୍କୁ ବିଜ୍ଞାନମୟ ବୋଲି କହିଛନ୍ତି। ଭଗବାନ ହେଉଛନ୍ତି ସଂସାରର ମୂଳଭୂତ। ସେ କାରଣର କାରଣ ଓ ଜଗତର ହେତୁ। କିନ୍ତୁ ଆଜିର ଦୁନିଆରେ ଭଗବାନଙ୍କର ସେପରି କିଛି ଅସ୍ତିତ୍ୱ ନାହିଁ ବୋଲି ହେତୁବାଦୀ ମାନେ ମତ ଦେଇଥାନ୍ତି। 'ବିଜ୍ଞାନ' ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି ବିଶେଷ ଜ୍ଞାନ। 'ବୈଦେହୀଶ ବିଳାସ' ରେ କବି ଉପେନ୍ଦ୍ର ଭଞ୍ଜ ଭକ୍ତ କୈବର୍ତ୍ତକୁ ବିଜ୍ଞାନୀ ବୋଲି କହିଛନ୍ତି। " ବିଜ୍ଞାନୀ କୈବର୍ତ୍ତ ଧୋଇଲା / ବିଶ୍ୱେ ପତିତପାବନ ନାମ ରହିଲା"। ଅର୍ଥାତ ବନବାସୀ ରାମଙ୍କୁ ବ୍ରହ୍ମ ବୋଲି ଚିହ୍ନିପାରି ତାଙ୍କ ପାଦ ଧୌତ ବିନା ସେ ତାଙ୍କୁ ନାବରେ ବସାଇବନି ବୋଲି ସଫା ସଫା କହି ଦେଇଥିଲା। ତେଣୁ ଉପେନ୍ଦ୍ର ଭଞ୍ଜଙ୍କ ଦୃଷ୍ଟିରେ ସେ ଜଣେ ବିଜ୍ଞାନୀ କାରଣ ଯେଉଁ ଭଗବାନଙ୍କର ରହସ୍ୟ ଭେଦ କରିବା ଦୁଷ୍କର ତାଙ୍କୁ ଚିହ୍ନିପାରିବାର ଜ୍ଞାନ ରଖିଥିବାରୁ ସେ ବିଜ୍ଞାନୀ। କିନ୍ତୁ ଆଜିର ଆଧୁନିକ ଯୁଗରେ ଭଗବାନ ଓ ବିଜ୍ଞାନ ମଧ୍ୟରେ ସୃଷ୍ଟି ହୋଇଛି ଏକ ବିରାଟ ବ୍ୟବଧାନ। ଭଗବାନଙ୍କୁ ଅସ୍ୱୀକାର କରି ମନୁଷ୍ୟ କ୍ରମେ ନାସ୍ତିକତାର ଦିଗକୁ ଆଗେଇ ଚାଲିଛି। ତେଣୁ ଭଗବାନ ଆଜି ବିତର୍କର ବଳୟ ଭିତରେକୁ ଆସିଛନ୍ତି। କାଳ କାଳକୁ ମନୁଷ୍ୟ ସ୍ୱଭାବତଃ ଅନିସନ୍ଧିତ୍ସୁ। ଚିର ରହସ୍ୟମୟ ଏହି ବିରାଟ ବିଶ୍ୱର ବୈଚିତ୍ର୍ୟରେ ସେ ବିମୁଗ୍ଧ ହୋଇ ତା'ର ରହସ୍ୟ ଭେଦ କରିବା ପାଇଁ ସତତ ବ୍ୟାକୁଳ। ଅଜ୍ଞାତକୁ ଜ୍ଞାତ ହେବା, ଅଦୃଷ୍ଟକୁ ଦର୍ଶନ କରିବା, ଅଭେଦ୍ୟକୁ ଭେଦ କରିବା ଓ ସୁଦୂରକୁ ନିକଟ କରିବା ହେଉଛି ମନୁଷ୍ୟର ଲକ୍ଷ୍ୟ।

ଜଣେ ବୈଜ୍ଞାନିକ କାର୍ଯ୍ୟ କାରଣର ( Cause & effect)ର ସମନ୍ୱୟ ଉପରେ ବିଶ୍ୱାସୀ ଅଟେ। ସେ କୌଣସି ସତ୍ୟକୁ ଅନ୍ଧ ଭାବରେ ଗ୍ରହଣ କରେନାହିଁ। ସେ କଳ୍ପନା ଓ ଅନୁମାନକୁ ସତ୍ୟ ବୋଲି ମାନେନାହିଁ। ଯାହା ଯୁକ୍ତି ନିଷ୍ଠ ନୁହେଁ, ଯାହା ପ୍ରମାଣ ସିଦ୍ଧ ନୁହେଁ, ଯାହା ଅନୁଭୂତିର ପରିସରଭୁକ୍ତ ନୁହେଁ ତାହାକୁ ବୈଜ୍ଞାନିକ ତ୍ୟାଗ କରିଥାଏ। ତାହା ନହେଲେ ଅତିତର ଗିରିଗହ୍ୱର ନିବାସୀ ମାନବ ଆଜି ଗ୍ରହ ଗ୍ରହାନ୍ତରରେ ବସତି ସ୍ଥାପନ କରିବାର ଆସ୍ପର୍ଦ୍ଧା କରିନ'ଥାନ୍ତା। ବନରେ ଅଗ୍ନିଜାତ ହେଲେ ସେ ଭୟଭୀତ ହୋଇ ଦୂରକୁ ପଳାୟନ କରୁଥିଲା। ନଦୀରେ ବନ୍ୟା ଆସିଲେ ସେ ଅଜଣା ଆତଙ୍କରେ ଆତଙ୍କିତ ହୋଇ ପଡୁଥିଲା। ଆକାଶରେ ବଜ୍ରପାତକୁ ସେ 'ରାଧା ଚଡକ' ବୋଲି ଭାବୁଥିଲା। ହଇଜା, ମହାମାରୀ, ବସନ୍ତକୁ ଠାକୁରାଣୀ ବୋଲି ଜ୍ଞାନକରି ପଣା ପାଣି ଅର୍ପଣ କରୁଥିଲା। ବହୁ ଦୁରାରୋଗର ଚିକିତ୍ସା ବା ପ୍ରତିଷେଧକ ଆବିଷ୍କୃତ ହୋଇପାରିନଥିଲା। ମୁକ୍ତି ଆଶାରେ ମନୁଷ୍ୟ ଜଗନ୍ନାଥଙ୍କ ରଥ ଚକ ତଳେ ଆତ୍ମହତ୍ୟା କରୁଥିଲା। ଆଜି ସେ ଭ୍ରାନ୍ତ ଧାରଣା ଦୂରେଇ ଯାଇଛି। ଆମ ବିଶ୍ୱ ପ୍ରକୃତି ହେଉଛି ଅନନ୍ତ ରହସ୍ୟର ଗନ୍ତାଘର। ମାଟି, ଜଳ, ଆକାଶ ଓ ବାୟୁ ଏହି ପାଞ୍ଚୋଟି ପଞ୍ଚମହାଭୂତ ଭାବେ ପରିଚିତ। ସାଧାରଣ ଦୃଷ୍ଟିରେ ସ୍ଥୁଳ ଚକ୍ଷୁରେ ମନୁଷ୍ୟ ଏସବୁର ଅସଲି ସ୍ୱରୂପକୁ ଦର୍ଶନ କରିପାରେ ନାହିଁ। ତେଣୁ ଏମାନଙ୍କ ସମ୍ପର୍କରେ ତାହାର ବହୁ ପ୍ରମାଦପୂର୍ଣ୍ଣ ଧାରଣା ଜାତ ହୋଇଥାଏ। ପ୍ରସ୍ଫୁଟିତ ପୁଷ୍ପର ସୌନ୍ଦର୍ଯ୍ୟ ଯେ କୌଣସି ସୌନ୍ଦର୍ଯ୍ୟ ପିପାସୁ ମାନବର ପ୍ରାଣକୁ ଆନନ୍ଦିତ କରିଥାଏ। ତାର ରୂପ ଓ ଗନ୍ଧ ତାକୁ ଆତ୍ମହରା କରିଥାଏ; ମାତ୍ର ରୂପ ଓ ଗନ୍ଧର ଅସଲ ସ୍ୱରୁପକୁ କେବେ ଉଦ୍‌ଘାଟନ କରିପାରେ ନାହିଁ। ତା'ର ଆଗମନ ଓ ପ୍ରତ୍ୟାଗମନର କାରଣ ସମ୍ପର୍କରେ ସେ ଅଜ୍ଞ ହୋଇ ରହିଥାଏ। ଅପର ପକ୍ଷରେ ଜଣେ ବିଜ୍ଞାନୀ ପ୍ରାକୃତିକ ଉପାଦାନର ବିଶ୍ଳେଷଣ କରି, ଯୁକ୍ତିନିଷ୍ଠ ଭାବରେ ଓ ପ୍ରମାଣସିଦ୍ଧ ଉପାୟରେ ତା'ର ଅସଲ ସ୍ୱରୂପକୁ ସାଧାରଣ ମନୁଷ୍ୟ ଆଗରେ ଉପସ୍ଥାପନ କରେ। ଏହି ସୁକ୍ଷ୍ମାତିସୂକ୍ଷ୍ମ ଦୃଷ୍ଟିକୋଣ, ଆତ୍ମନିବିଷ୍ଟ ଅନୁଶୀଳନ ଏବଂ ପ୍ରକୃତ ସତ୍ୟର ଉଦ୍ଘାଟନ ହେଉଛି 'ବିଜ୍ଞାନ'। ବର୍ତ୍ତମାନ ମନୁଷ୍ୟ ପଞ୍ଚମହାଭୂତ ମଧ୍ୟରେ ଲୁକାୟିତ ରହୁଥିବା ଉପାଦାନ ବିଜ୍ଞାନ ବଳରେ ସୁନିୟନ୍ତ୍ରିତ କରି ଆପଣାର ସେବାରେ ନିୟୋଜିତ କରିଛି। ବିଜ୍ଞାନ ଏକ ବସ୍ତୁବାଦୀ ଦର୍ଶନ ଏବଂ ତାହା ପାଶ୍ଚାତ୍ୟ ଚିନ୍ତାଧାରା ଉପରେ ଆଧାରିତ ହୋଇଥିବା ବେଳେ ଈଶ୍ୱରବିଶ୍ୱାସ ହେଉଛି ଏକ ଆଧ୍ୟାତ୍ମିକ ଦର୍ଶନ ଯାହା ପ୍ରାଚ୍ୟ ଚିନ୍ତାଧାରା ଉପରେ ଆଧାରିତ। ଆର୍ଯ୍ୟ ଋଷିମାନେ ଥିଲେ ଦିବ୍ୟଦ୍ରଷ୍ଟା। ସେମାନେ ଭଗବାନଙ୍କ ସ୍ୱରୁପକୁ ପଞ୍ଚମହାଭୂତ ମଧ୍ୟରେ ଦର୍ଶନ କରିବାସହ ସ୍ଥାବର ଜଙ୍ଗମ, କୀଟ, ପତଙ୍ଗ ସର୍ବତ୍ର ସେହି ପରମ ପୁରୁଷଙ୍କ ଅଖଣ୍ଡ ସତ୍ତା ବିଦ୍ୟମାନ ବୋଲି ହୃଦୟଙ୍ଗମ କରିଥିଲେ। ତେଣୁ ଭୀମଭୋଇ ଉଦାତ୍ତ କଣ୍ଠରେ କହିଥିଲେ "ସ୍ଥାବରୁ ଜଙ୍ଗମ କୀଟରୁ ପତଙ୍ଗ ଚାହିଁଦେଲେ ଅନୁସରି, ସକଳ ଘଟରେ ପୁରି ସମାନରେ ନୋହେ ସାନବଡ କରି"। ଅନନ୍ତ ରହସ୍ୟର କୁହେଳି ମଧ୍ୟରେ ସେ ମାୟାଚ୍ଛନ୍ନ। ତାଙ୍କର ପ୍ରକୃତ ସ୍ୱରୂପକୁ ଉଦ୍‌ଘାଟନ କରିବା କ୍ଷୁଦ୍ରମାନବ ପକ୍ଷରେ ସମ୍ଭବ ନୁହେଁ। ମନୁଷ୍ୟ ତାଙ୍କର ବିରାଟ ରୂପକୁ ନିଜ କ୍ଷୁଦ୍ର ପ୍ରାଣ ମଧ୍ୟରେ ଉପଲବ୍ଧି କରିବା ସହଜ ହୋଇ ନଥିବାରୁ ଭଗବାନ ନର ରୂପୀ ଅର୍ଜୁନକୁ ଦିବ୍ୟ ଚକ୍ଷୁ ପ୍ରଦାନ କରିବାରୁ ସେ ତାଙ୍କର ବିଶ୍ୱରୂପକୁ ଦେଖିପାରିଥିଲେ । ସେହିପରି ମନୁଷ୍ୟ ମଧ୍ୟ ନାନାଦି ପ୍ରକାର କାଳ୍ପନିକ ରୂପ ସୃଷ୍ଟିକରି ତାହାରି ମଧ୍ୟରେ ବିଶ୍ୱପୁରୁଷଙ୍କୁ ଦର୍ଶନ କରିବା ପାଇଁ ଉଦ୍ୟମ କରିଥାଏ।

"ଯେଉଁ ରହସ୍ୟର ଉଦ୍‌ଘାଟନ ଦିଗରେ ଜଣେ ବୈଜ୍ଞାନିକ ସତତ ଆକାଂକ୍ଷିତ, ସେହି ରହସ୍ୟ ହେଉଛନ୍ତି ନିଜେ ଭଗବାନ"। ଏ ସୃଷ୍ଟିର ସର୍ବଶ୍ରେଷ୍ଠ ମଣିଷ ଏକ ଚିତ୍‌ଶକ୍ତିର ଅଧିକାରୀ, ଯାହା ଅନ୍ୟ କୌଣସି ଜୀବଙ୍କଠାରେ ପରିଲକ୍ଷିତ ହୁଏନାହିଁ। ଯେଉଁ ପଞ୍ଚ ମହାଭୂତ କ୍ଷିତ୍, ଆପ୍, ତେଜ୍, ମରୁତ ଓ ବ୍ୟୋମରୁ ଗଢା ଜୀବଜଗତ, ମନୁଷ୍ୟ ତାର ଅସାଧାରଣ ଚେତନା ବଳରେ ଏହି ନିଖିଳ ବିଶ୍ୱରେ ସବୁକିଛି ଆକଳନ କରିବାକୁ ପ୍ରୟାସ କରିଥାଏ ଈଶ୍ୱର ଅହରହ ତା ସହିତ ଖେଳୁଥାନ୍ତି। କିନ୍ତୁ ତାଙ୍କର ପ୍ରିୟ ସନ୍ତାନ ମଣିଷ ନିଜର ପ୍ରଜ୍ଞା ଓ ସାଧନା ବଳରେ ଏହି ନିଖିଳ ବିଶ୍ୱରେ ଅନ୍ୟ କେଉଁ ଗ୍ରହ ଗ୍ରହାନ୍ତରରେ ଜୀବ ଜଗତ ଅଛି କି ନାହିଁ ତା'ର ରହସ୍ୟ ଉନ୍ମୋଚନ ପାଇଁ ଗବେଷଣାରତ, ଗ୍ରହରୁ ଗ୍ରହାନ୍ତରକୁ ତା'ର ଯାତ୍ରା। ସୃଷ୍ଟି ଖୋଜୁଛି ସ୍ରଷ୍ଟାଙ୍କୁ। କେତେବେଳେ ସେ ଭାବୁଛି ଭଗବାନ ତା ହୃଦୟରେ ପରମାତ୍ମା ରୂପରେ ଅଧିଷ୍ଠିତ। ଆଉ କେତେବେଳେ ଭାବୁଛି ଅଣୁ ପରମାଣୁ ଠାରୁ ଆରମ୍ଭ କରି ଏ ଅନନ୍ତ କୋଟି ବିଶ୍ୱ ବ୍ରହ୍ମାଣ୍ଡରେ ସେ ବ୍ରହ୍ମ ସ୍ୱରୂପ ବିଦ୍ୟମାନ। ବିଶ୍ୱ ପ୍ରକୃତି ମଧ୍ୟରେ ସେହି ବିଶ୍ୱାତ୍ମା ଏଭଳି ଶକ୍ତି ଓ ସମ୍ପତ୍ତି ସାଇତି ରଖିଛନ୍ତି ଯାହାର କୋଟି କୋଟି ବର୍ଷର ଗବେଷଣା ଫଳରେ ମଧ୍ୟ ଏ ମଣିଷ ଓ ବିଜ୍ଞାନ ତାହାର ସନ୍ଧାନ ପାଇପାରୁନାହିଁ। ଆଜି ମନୁଷ୍ୟ ନିଜର ବୁଦ୍ଧି ବଳରେ ବିଶ୍ୱବିଜୟୀ ହେବାର ଆସ୍ପର୍ଦ୍ଧା ପୋଷଣକରି ଭଗବାନଙ୍କୁ ମିଥ୍ୟା, ଅଳିକ ଓ ଅବାସ୍ତବ ବୋଲି ପରିକଳ୍ପନା ବୋଲି କହୁଛି; କିନ୍ତୁ ମନୁଷ୍ୟର ଏହି ବୌଦ୍ଧିକତା ଓ ବିଚାରଶୀଳତା ଯେ ଈଶ୍ୱରଙ୍କର ଦାନ!। ମନୁଷ୍ୟ ନିଜର ସୃଷ୍ଟି ରହସ୍ୟକୁ ନିଜେ ଭେଦ କରିବାକୁ ଅସମର୍ଥ। ସେ ନିଜେ ନିଜର ସ୍ରଷ୍ଟା ହୋଇନପାରେ। ସେ ଏଭଳି ଏକ ଉପାଦାନ ବା ବସ୍ତୁ (matter) ନିର୍ମାଣ କରିନପାରେ, ଯାହା ପୂର୍ବରୁ ଏ ବିଶ୍ୱଜଗତରେ ନାହିଁ। ବିଜ୍ଞାନ ଓ ମଣିଷ ବହୁ ଶ୍ରମ ଓ ସାଧନା ବଳରେ ସେ ଏଯାବତ ମାତ୍ର ୧୦୫ ଟି ମୌଳିକ ବସ୍ତୁର ସନ୍ଧାନ ଲାଭ କରିଛି; କିନ୍ତୁ ଏହା ବାହାରେ ଯେ କେତେ ମୌଳିକ ବସ୍ତୁ ପୂର୍ଣ୍ଣ ହୋଇ ରହିଛି ତାହା ତା'ର କଳ୍ପନାର ବହିର୍ଭୂତ ଅଟେ। ଜଣେ ବୈଜ୍ଞାନିକ ଓ ଜଣେ ଦାର୍ଶନିକ ଉଭୟଙ୍କର ଆଭିମୁଖ୍ୟ ଗୋଟିଏ ଦିଗରେ ହିଁ ଅଭିପ୍ରେତ। ଏ ଦୁହେଁ ହେଉଛନ୍ତି ଅଜଣାର ସନ୍ଧାନୀ ଓ ଦୁହିଁଙ୍କ ଦୃଷ୍ଟି ହେଉଛି ସୂକ୍ଷ୍ମ। ବିଶ୍ୱ ଜଗତର ରହସ୍ୟକୁ ଉଦ୍‌ଘାଟନ କରି ତାହାର ଅସଲ ସ୍ୱରୁପକୁ ସନ୍ଦର୍ଶନ କରିବା ଦିଗରେ ଉଭୟେ ଆଗ୍ରହୀ। ବିଜ୍ଞାନରେ ଉଚ୍ଚତର ଗବେଷଣା ପାଇଁ ଯେଉଁମାନଙ୍କୁ 'ଡକ୍ଟରେଟ' ଉପାଧି ପ୍ରଦାନ କରାଯାଇଥାଏ ସେମାନଙ୍କ ପ୍ରମାଣ ପତ୍ରରେ ଲେଖାଯାଏ 'ଡକ୍ଟର ଅଫ ଫିଲୋସଫି'। ଉଚ୍ଚତର ଗବେଷଣାରେ ଏହି 'ଫିଲୋସଫି'ବା ଦର୍ଶନ ଶବ୍ଦଟି ବ୍ୟବହାର ହୋଇଥାଏ। ତେଣୁ ବିଜ୍ଞାନ ଓ ଦର୍ଶନର ସମ୍ପର୍କ ନିବିଡ। ପ୍ରାଚୀନ ଆର୍ଯ୍ୟଋଷିମାନେ ନିଜ ମନଶ୍ଚକ୍ଷୁରେ ଏବଂ ଅପୂର୍ବ ଜ୍ଞାନ ବଳରେ ବିଶ୍ୱବ୍ରହ୍ମାଣ୍ଡର ଦୃଶ୍ୟ ଅବଲୋକନ କରି ଯେଉଁ ପଞ୍ଚ ମହାଭୂତର କଥା କହି ଯାଇଥିଲେ ତାହାକୁ ଆଧାର କରି ଆଧୁନିକ ବୈଜ୍ଞାନିକ ମାନେ ଗବେଷଣା ଚଳାଇଛନ୍ତି। ତେଣୁ ଆମର ପରମ ଭାଗବତର ସ୍ରଷ୍ଟା ଜଗନ୍ନାଥ ଦାସ ଭଗବାନଙ୍କ ପ୍ରତ୍ୟେକ ଲୋମ ମୂଳରେ ଅସଂଖ୍ୟ ବ୍ରହ୍ମାଣ୍ଡ ଦେଖି ଲେଖିଥିଲେ " ବ୍ରହ୍ମାଣ୍ଡ ମାଳ ମାଳ ହୋଇ ତୋ ଲୋମମୂଳେ ବିରାଜଇ"। ଆଗକାଳରେ ଶିବଙ୍କର ପାଶୁପାତ ଅସ୍ତ୍ର ବା ଇନ୍ଦ୍ରଙ୍କର ବଜ୍ର କୁ ଆଧାର କରି ଏ ଯୁଗରେ ପରମାଣୁ ବୋମା ଓ କ୍ଷେପଣାସ୍ତ୍ର ତିଆରି ହେଉଛି। ପୁରାଣରେ ଉଲ୍ଲିଖିତ ଥିବା ମୃତ-ସଞ୍ଜୀବନୀର ରହସ୍ୟ ଏବେ ମଧ୍ୟ ବୈଜ୍ଞାନିକଙ୍କ ପାଇଁ ଦୁର୍ଭେଦ୍ୟ!। ଦାର୍ଶନିକ ମାନେ ଆତ୍ମାର ଅମରତା ସମ୍ପର୍କରେ ଯେଉଁ ବାଖ୍ୟା କରିଛନ୍ତି ତାହାର ଗବେଷଣା କରି ସତ୍ୟ ଉପସ୍ଥାପିତ କରିବା ବିଜ୍ଞାନ ପକ୍ଷରେ ଅସମ୍ଭବ। ଜଗତର ରହସ୍ୟ ଯେପରି ଚିର କୁହେଳିକା ମୟ ଭଗବାନଙ୍କର ସ୍ଥିତି ମଧ୍ୟ ସେହିଭଳି ଚିର ମାୟାଚ୍ଛନ୍ନ। ଜଣେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ନିଜର ସାଧନାର ଫଳ ସଂପର୍କରେ ନମ୍ରତାର ସହିତ କହିଥିଲେ , " ମୁଁ ଜ୍ଞାନର ବିରାଟ ବେଳାଭୂମିରୁ ସାମାନ୍ୟ ଉପଲଖଣ୍ଡ ମାତ୍ର ସଂଗ୍ରହ କରିଅଛି।" ସେଇଭଳି ଆଧୁନିକ ବିଜ୍ଞାନ ଏହି ଅସୀମ ଓ ଅନନ୍ତ ବିଶ୍ୱ ଜଗତର ରହସ୍ୟରୁ ଉପଲଖଣ୍ଡ ମାତ୍ର ଭେଦ କରିଛି। କାରଣ ଈଶ୍ୱର ହେଉଛନ୍ତି ବିଜ୍ଞାନମୟ। ଅନେକ ସଂଘର୍ଷ ପରେ ଯେତେବେଳେ ବିଜ୍ଞାନ ଓ ବିଜ୍ଞାନୀ ହାରେ ସେତେବେଳେ ସେ ଈଶ୍ୱରଙ୍କୁ ବଡ ବୈଜ୍ଞାନିକ ବୋଲି ମାନିଥାଏ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

# କଳିକା

## ପଣା ସଂକରାନ୍ତି ଅଟେ ଆମ ନୂଆ ବରଷ

*ପ୍ରଦୀପ୍ତ କୁମାର ଦାସ*



ପଣା ସଂକରାନ୍ତି ଅଟେ ଆମ ନୂଆ ବରଷ
ବୈଶାଖ ତାତିରେ ସେତ ସୁଶୀତଳ ପରଶ,
ଦେବା ଦେବୀ ପୀଠେ ଆଜି ପାଳି ପ୍ରୀତି ପରବ
ନିଜକୁ ଓଡ଼ିଆ ଭାବେ କରିବା ତ ଗରବ,
ଭୁଲିଯାଇ ଭେଦଭାବ କୋଳା କୋଳି ହୋଇବା
ମିଳିମିଶି ଭୋଗ ଖାଇ ହାତ ଆମେ ଧୋଇବା,
ପରସ୍ପରକୁ ଶୁଭେଚ୍ଛା ଜଣାଇବା ଆମେତ
ମଇତ୍ରୀ ଗୀତିକା ଗାଇ ଲାଗିଯିବା କାମେତ,
ହନୁମାନଙ୍କୁ ପୂଜିବା ମନେ ଭରି ଭକତି
ଜନମଦିନରେ ପ୍ରଭୁ ଦେବେ ଦିବ୍ୟ ଶକତି,
ସକଳ ସଂକଟ ମନୁ କରିବେ ସେ ମୋଚନ
କୃପା କରିବେ ଆମକୁ ପ୍ରଭୁ ପଦ୍ମଲୋଚନ,
ସଭିଙ୍କୁ ଜଣାଉଅଛି ଶୁଭ ଅଭିନନ୍ଦନ
ଝରି ଯାଉ ପ୍ରତି ପ୍ରାଣେ ଫୁଲ ଆଉ ଚନ୍ଦନ

**କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର**
**ମୋ- ୮୫୯୪୮୮୫୮୯୮**




*ନିରଞ୍ଜନ ସାହୁ*

ପଣା ସଙ୍କରାନ୍ତି ଆସିଛି
ଓଡ଼ିଆ ନବବର୍ଷ
ପାଳନ କରନ୍ତି ସଭିଏଁ
ମନରେ ଆଣି ହର୍ଷ
ବିଷୁବ ରେଖାର ଉପରେ
ସୂର୍ଯ୍ୟଙ୍କ ଅବସ୍ଥାନ
ଆଜିଠାରୁ ମେଷରାଶି ଯେ
ପକାଏ ଉପସ୍ଥାନ
ନୂତନ ପଞ୍ଜିକା ଆଜିଠୁଁ
କାର୍ଯ୍ୟକାରୀ ହୋଇବ
ଗ୍ରୀଷ୍ମ ଋତୁର ଆରମ୍ଭ
ଝାଳ ଦେହ ଧୋଇବ
ବଇଶାଖ ମାସ ପ୍ରବେଶ
ଆଜିଠାରୁ ହୋଇଲା
ପଣା ସଙ୍କରାନ୍ତି ସଭିଙ୍କୁ
ଖୁସି ଆଣି ଥୋଇଲା
ତୁଳସୀ ଚଉରା ଉପରେ
ଛାମୁଣ୍ଡିଆ ହୋଇବ
ଜାମୁକୋଳି ଗଛ ଝାଟି ଯେ
ତହିଁପରେ ଥୋଇବ
ବସୁନ୍ଧରା ଠେକି ତହିଁରେ
ଓହଳାଇବ ଆଣି
ଠେକି ତଳେ କଣା କରିଲେ
ତହୁଁ ଝରିବ ପାଣି
ମାସ ସାରା ଠେକି ଦେହରେ
ଜଳ ଭର୍ତ୍ତି କରିବ
ଥପ ଥପ ଥପ ହୋଇକି
ଜଳ ତହୁଁ ଝରିବ
ଝାମୁଯାତ୍ରା ଶକ୍ତିପୀଠରେ
ପାଳନ ହେବ ଆଜି
କାଳିସୀ ଚାଲିବ ନିଆଁରେ
ସ୍ୱତନ୍ତ୍ର ବେଶ ସାଜି
ହନୁମାନଙ୍କର ଜୟନ୍ତୀ
ଆଜି ପାଳନ ହେବ
ଆଜିଠାରୁ ଜଳଛତ୍ର ଯେ
ମାସେ ଯାଏ କେ' ଦେବ
ପଣା ପିଉଥିବେ ସଭିଏଁ
ଆନନ୍ଦ କରି ମନ
ଛତୁଆ ଖାଇବେ ଖୁସିରେ
ଏହା ଜାଣିଥା' ଧନ
ପଣା ସଙ୍କରାନ୍ତି ପାଳନ
କରିଥାନ୍ତି ସରବ
ଓଡ଼ିଆ ଜାତିର ପରବ
ମନେ ଭରେ ଗରବ ।

**ନିହଲ ପ୍ରସାଦ, ଗଁଡିଆ ପାଟଣା, ଢେଙ୍କାନାଳ-୭୫୯୦୧୬**
**ମୋ- ୯୯୩୮୭୪୧୫୮୩**

## ପଣାରେ ପଣା

*ନୀଳମଣି ଋନ୍ଦ*

ହଣ୍ଡାରେ ହଣ୍ଡାଏ ପଣା
ଆରବ ଋହିଁଛି ଆହାନ ଛୁଏଁ
ନାଆଁଟା ତାଙ୍କୁ ଅଜଣା

ବସା ଦହି ଥଲଥଲ
ବେଲ, ଛେନା, ରସଗୋଲା ପଡ଼ିଛି
ଆସୁଛି ବାସନା ଭଲ

ଗୋଲମରିଚର ଗୁଣ୍ଡ
ରାଗ ରୁଗୁ ରୁଗୁ ହେଲେ ସୁଆଦ
ଆରବ ହଲାଏ ମୁଣ୍ଡ

ନବାତ, କଦଳୀ ଆଣି
ଭଲକରି ଗୋଳାଗୋଳି ହୋଇଛି
ହେଉନାହିଁ ତେଣୁ ଜାଣି

ଦେହକୁ ଏ ଉପକାରୀ
ସ୍ପ୍ରାଇଟ, ମିରିଣ୍ଡା ଜମା ଛୁଅଁନା
ସତରେ ଅହିତ ଭାରି

ମହାବିଷୁବ ସଂକ୍ରାନ୍ତି
ଆସୁଛି ଆଗକୁ ହେବରେ ପଣା
ଜୁଟିଯିବେ ସାଙ୍ଗସାଥୀ

ଓଡ଼ିଆ ପୁଅକୁ ଜଣା
ଖୁସିରେ ସେ କହେ ପିଇବା ଆମେ
ଖରା ହେବ ବାଟବଣା ।

**ଭୁବନେଶ୍ୱର**
**ମୋ- ୯୫୮୩୨୦୨୩୫୭**





ଶିବ ପ୍ରସାଦ ରାଉତ




ଖରାଦିନ ଆସିଯାଇଛି । ସ୍କୁଲ ସକାଳୁଆ ହୋଇଗଲାଣି । ଦିନରେ ଖରା ତାତି ଅସହ୍ୟ । ବନ୍ଦିତା ଏବେ ପଞ୍ଚମ ପାସ୍ କରି ଷଷ୍ଠକୁ ଗଲାଣି । ସକାଳୁ ବନ୍ଦିତାକୁ ସଜ କରି ସ୍କୁଲ ପଠାଇଲା ବେଳେ ବାରମ୍ବାର ମା' ତାଗିଦ୍ କରନ୍ତି- ସ୍କୁଲ୍ ଟିକେ ଦୂର ହେଇଗଲାଣି । ତୁ ବି ଋଲିକରି ଯିବୁ। ଏ ପାଣି ବୋତଲ ସାଥିରେ ରଖିଥିବୁ । ଛାଇରେ ରହିବାକୁ ଚେଷ୍ଟା କରିବୁ । ସବୁବେଳେ ଛତା ଧରି ଯିବା ଆସିବା କରିବୁ । ଆସିଲାବେଳେ ବାଟରେ ଜମା ଅଟକିବୁନି କି ଡେରି କରିବୁନି । ଛତା କୁଆଡେ ଛାଡ଼ିବୁନି । ମା'ଙ୍କ ଏକା କଥା ସବୁବେଳେ । ସବୁଦିନ ସ୍କୁଲ୍ ଛୁଟି ସାଢେ ଦଶ କି ଏଗାରଟା ବେଳ ହେବା ବେଳକୁ ପୂରା ଦ୍ୱିପ୍ରହର ଭଳି ଲାଗୁଛି । ଝାଞ୍ଜି ବହୁଛି । ବନ୍ଦିତା ମା'ଙ୍କ କଥାନୁସାରେ ଯିବା ଆସିବା କରେ ।

ସେଦିନ ସ୍କୁଲ୍ ଛୁଟି ହୋଇଯାଇଛି, ବନ୍ଦିତା ଛତାଟା ଧରି ଫେରୁଛି । ତାତିଲା ଝାଞ୍ଜିରେ ମୁହଁ ପୋଡିଗଲା ଭଳି ଲାଗୁଛି । ନାକରେ ଗରମ ପବନ ନେଇହେଉନି । ବାଟରେ ଆସୁ ଆସୁ ଟିପି ଟିପିକା ରଙ୍ଗରେ ଚଢେଇଟାଏ ତତଲା ଭୂଇଁରେ ପଡ଼ି ଛଟ ପଟ ହେଉଛି । ବନ୍ଦିତା ଉଠାଇନେଲା ତାକୁ । ପାଣି ବୋତଲ ଖାଲି ହୋଇଯାଇଛି; ତଥାପି ସେ ଚଢେଇଟାକୁ ଧରି ଘରକୁ ଫେରିଲା । ମା' କହିଲେ- ଡେରି କଲୁ ଯେ ? ବନ୍ଦିତା ମା'ଙ୍କୁ ଚଢେଇଟିକୁ ଦେଖାଇଲା । ମା' ବୁଝିଗଲେ ଜଳ ଅଭାବ ଓ ଅଂଶୁଘାତରେ ଚଢେଇଟାର ଏ ଅବସ୍ଥା । ସଙ୍ଗେ ସଙ୍ଗେ ପାଣି ପିଆଇଲେ । ସ୍କୁଲ ଜାମା ବଦଳାଇ ସାରି ବନ୍ଦିତା ଲାଗିଥାଏ ଚଢେଇଟି ସହିତ । ମା' କହିଲେ- ରହ ଲାଗନା, ଆଉ ଟିକେ ପାଣି ପିଇବାକୁ ଦେ' ତାକୁ । ବନ୍ଦିତା ମଧ୍ୟ ଖିଆପିଆ କଲା । ଲାଗିଲା ଚଢେଇଟି ସୁସ୍ଥ ହେଲାପରି; ତଥାପି ଥରୁଥାଏ ।

ଦ୍ୱିପ୍ରହର ଗଡିଛି ବନ୍ଦିତା ଲକ୍ଷ୍ୟକଲା, ଚଢେଇଟି ଏବେ ଘରସାରା ଖପ ଖପ ଡେଉଁଛି । ଖୁସିହେଲା ସେ । ମା' କହିଲେ - ଦେଖୁଛୁ , ତା'ର କେବଳ ପାଣିର ଅଭାବ ଥିଲା ଓ ଉତ୍ତାପ ବାଧୁଥିଲା । ତୁ ତାକୁ ଯଦି ଆଣି ନଥାନ୍ତୁ, ସେ ଏଯାବତ ମରିସାରନ୍ତାଣି । ଖାଲି ପକ୍ଷୀ ନୁହନ୍ତି, କେତେ ମଣିଷ, ଜୀବଜନ୍ତୁ ମଲେଣି ଅଂଶୁଘାତରେ- ଟି.ଭି.ରେ କହୁଛି ଅନେକ ପକ୍ଷୀ ଏମିତି ମରୁଛନ୍ତି, ତା'ର ହିସାବ ରଖୁଛି କିଏ ? ଖରାଦିନ ବୋଲି ସବୁ ଗାଡ଼ିଆ, ପୋଖରୀ, ଜୋର, ନାଳ ଶୁଖିଗଲାଣି । ଏହି ପକ୍ଷୀମାନେ ସବୁଠି ପାଣି ପିଅନ୍ତି, ବଞ୍ଚନ୍ତି ଏବେ ସେମାନେ କେଉଁଠୁ ପାଣି ପାଇବେ ? ବର୍ଷାଦିନ ଆସିବା ପୂର୍ବରୁ ସବୁ ପକ୍ଷୀ ମରିଯିବେ । ପରିବେଶର ସନ୍ତୁଳନ ଘୋର ବାଧା ସୃଷ୍ଟି ହେବାକୁ ଯାଉଛି । ଆରେ ସବୁ ଜୀବଜନ୍ତୁଙ୍କୁ ନେଇ ତ ପରିବେଶ ନା !

ମା' ପୁଣି କହିଲେ- ତୁ ପାଠପଢ଼ା ସହିତ ଏହି ପକ୍ଷୀମାନଙ୍କୁ ଟିକେ ଧ୍ୟାନ ଦେବା ଉଚିତ୍ । ତୁ ଆମ ଛାତ ଉପରେ କେତୋଟି ପାତ୍ର ନେଇ ପାଣି ଭରିଦେଇ ଆସୁନୁ । ଦେଖିବୁ କିଛି ଚଢେଇ ପାଣି ପିଇ ପାରନ୍ତି । ମା'ଙ୍କର ଏହି କଥା ବନ୍ଦିତାର ମନକୁ ଛୁଇଁଲା । ଏଣୁ ସେ କେତେକ ଗହୀରିଆ ଓ ଚଟକା ପାତ୍ରରେ ପାଣି ଭରିଦେଇ ଆସୁଥାଏ । ସତକୁ ସତ ପ୍ରଥମେ ପାରା, କାଉ ଭଳି ପକ୍ଷୀ ଆସି ପାଣି ପିଇଲେ । ତା'ପରେ ଅନ୍ୟ ଜାତିର ପକ୍ଷୀମାନେ କିପରି ଖବର ପାଇଲେ କେଜାଣି, ଦଳ ଦଳ ନୂଆ ନୂଆ ପକ୍ଷୀଙ୍କର ସକାଳୁ ସଞ୍ଜଯାଏ ଭିଡ଼ ଲାଗିଲା ।

ବନ୍ଦିତା ମା'ଙ୍କୁ ପଋରିଲା- ଜଳଛତ୍ର ହେଉ କି, ଜଳଦାନ ହେଉ, ଏହା କଲେ କ'ଣ ଫଳ ହୋଇଥାଏ ? ମା' କହିଲେ- ଧର୍ମ କରିବାର ଅନେକ ମାର୍ଗ ଅଛି, ଏହି ଜଳଦାନ ଗୋଟିଏ ମାର୍ଗ । ଆଚ୍ଛା ଭାବିଛୁ ନା ନିଛାଟିଆ ରାସ୍ତାରେ ଅତି ଗରମରେ କେହି ବାଟୋଇ ଗଲାବେଳେ ଥରେ ଥରେ ଅତି ଶୋଷରେ ତା'ର ପ୍ରାଣବାୟୁ ଉଡିଯିବାର କଥା କ'ଣ ଆମେ ଶୁଣୁନେ ? ଏହିଭଳି ସ୍ଥଳେ ତାକୁ ଯଦି ପାଣି ଟିକେ ଦେଇ ତା'ର ପ୍ରାଣରକ୍ଷା କରାଯାଇ ପାରିଲା, ଏହା ଭଲ କାମ କି ନୁହେଁ । କିଏ କେତେ ଧର୍ମ କରିବା ପାଇଁ ଗୋରୁଦାନ, ଭୂମିଦାନ, ସୁବର୍ଣ୍ଣ ବା ଟଙ୍କା-ପଇସା ଦାନ, ବସ୍ତ୍ରଦାନ, ଅନ୍ନଦାନ କରୁଛନ୍ତି । ଆଉ ଯିଏ ଦାନ ନେଉଛନ୍ତି ତାଙ୍କର ଅଭାବ ପୂରିଯାଉଛି ନା' କିଛି କିଛି ଏହି ଦାନକୁ ମଧ୍ୟ ସେବା କହନ୍ତି । ତେଣୁ ଜଳଦାନ ଏକ ସେବା ବୋଲି ଜାଣ ।

ଏହା ଶୁଣି ବନ୍ଦିତା ଉତ୍ସାହିତ ହୋଇ ଟ୍ରେ, ଡାଳ, ମାଟିପାତ୍ର ଇତ୍ୟାଦିରେ ଅନେକ ସ୍ଥାନରେ ପାଣି ଭରି ରଖୁଥାଏ ଏବଂ ଖରାଛୁଟି ସାରା ଏହି କାମରେ ସେ ଲାଗି ରହିଲା ।

**ବଛଦା, ବାସୁଦେବପୁର, ଭଦ୍ରକ**
**ମୋ- ୯୪୩୭୭୯୬୬୨୧**

## ଆସିଛି ଓଡ଼ିଆ ନୂଆବରଷ

*ଦେବେନ୍ଦ୍ର କୁମାର ରାଉଳ*



ଆସିଛି ଓଡ଼ିଆ ନୂଆବରଷ
ଅଭିନନ୍ଦନର ଛୁଟେ ସନ୍ଦେଶ

ଆଜିଠୁ ଚଳିବ ନୂତନ ପାଞ୍ଜି
ମନ ଲୋଡୁଥାଏ ତୋରାଣି, କାଞ୍ଜି

ଅନେକ ଜାଗାରେ ହୁଅଇ ଯାତ
ପଣା ସଂକରାନ୍ତି ନାମରେ ଖ୍ୟାତ

ବୀର ହନୁମାନ ଜନମ ଦିନ
ଏହି ଦିନ ପୁଣି ହୁଏ ପାଳନ

ସଂକରାନ୍ତି ଏହା ମହାବିଷୁବ
ସବୁଠୁ ନିଆରା ଚଡ଼କପର୍ବ

ଆଜିଠୁ ବଢ଼ିବ ଗ୍ରୀଷ୍ମ ତାତି
କିଏ କହେ ଏହା ଜଳ ସଂକ୍ରାନ୍ତି

ଆନନ୍ଦ ଉଲ୍ଲାସ ପରବ ଇଏ
ଆସ ପେଟେ ପଣା ପିଇବ କିଏ !

**କୁଣଗଡି, ରାଜନଗର, କେନ୍ଦ୍ରାପଡ଼ା**

## ବସନ୍ତରା ଠେକି ବାନ୍ଧିବା ଆସ

*ରାମଚନ୍ଦ୍ର ବେହେରା*



ଚଇତ ଯାଇଛି ବୈଶାଖ ଆସିଛି
ଆସିଛି ନୂଆ ବରଷ
ସାଥୀରେ ଆଣିଛି ପଣା ସଂକରାନ୍ତି
ଭରିଛି ପରାଣେ ହସ

ଗବଡ଼ାଳ ଆଣି ଛୋଟ ଛାମୁଡ଼ିଆ
ତୋଳିବା ଚଉଁରା ଶିରେ
ବସନ୍ତରା ଠେକି ବାନ୍ଧିବା ସରାଗେ
ତୁଳସୀ ଗଛ ଉପରେ

ଟାଣୁଆ ଖରାରୁ ତୁଳସୀ ଚଉଁରା
ରହିବ ନିରାପଦରେ
ବୁନ୍ଦା ବୁନ୍ଦା ପାଣି ଝରି ପଡୁଥିବ
ତୁଳସୀ ଗଛର ମୂଳେ

ଯଅ ଛତୁଆରେ ନଡ଼ିଆ କଦଳୀ
ଛେନା ଓ ଗୁଡ଼ ମିଶାଇ
ପଣା ଲଗାଇବା ଦେବା ଦେବୀ ପାଶେ
ପାଖ ମନ୍ଦିରକୁ ଯାଇଁ

ଝାମୁ ଯାତ ଯିବା ବୁଲିବାକୁ ଆମେ
ଦେଖିବା ପାଟୁଆ ନୃତ୍ୟ
ଜଳନ୍ତା ନିଆଁରେ ଋଲିବେ ସେମାନେ
ବ୍ରତ କରିବେ ସମାପ୍ତ

ହନୁମାନଙ୍କର ଜନମ ଦିବସ
ପଡ଼େ ଏହି ପୁଣ୍ୟ ଦିନେ
ତାପ ମୁକ୍ତି ପାଇଁ ଆସ ସର୍ବେ ମିଳି
ପୂଜିବା ତାହାଙ୍କୁ ଧ୍ୟାନେ ।

**ତେନ୍ତୁଳିପଦା, ଜଗତସିଂହପୁର**
**ମୋ- ୭୩୫୫୬୩୪୩୪୬**

## ଆମେ ହିନ୍ଦୁସ୍ଥାନୀ

*କବିରତ୍ନ ନୂତନ କୁମାର ବେହେରା*

ଆମେ ହିନ୍ଦୁସ୍ଥାନୀ ଆମେ ହିନ୍ଦୁସ୍ଥାନୀ
ଆର୍ଯ୍ୟ ସଂସ୍କୃତି ପରମ୍ପରାରେ ଆମେ ଅଗ୍ରଣୀ
ଆମ ବେଦ ଉପନିଷଦ ଗୀତା ଶାସ୍ତ୍ର ପୁରାଣ
ଦିଏ ତାର ସହସ୍ର ସହସ୍ର ପ୍ରମାଣ
ଜାତୀୟ ଏକତା ସଂହତିକୁ କରି ମୂଳମନ୍ତ୍ର
ସମୂହ କଲ୍ୟାଣ ଲାଗି ଋଲେ ଆମ ଗଣତନ୍ତ୍ର
ଦର୍ଶନରେ ଅଛି ଆଧ୍ୟାତ୍ମିକ ଚିନ୍ତାଧାରା
ସାରା ବିଶ୍ୱରେ ଆମ ଆଦର୍ଶ ରହିଛି ନିଆରା
ଦାୟିତ୍ୱ କର୍ତ୍ତବ୍ୟରେ ଭାରି ସ୍ୱାଭିମାନୀ
ଆମେ ହିନ୍ଦୁସ୍ଥାନୀ ଆମେ ହିନ୍ଦୁସ୍ଥାନୀ
ଅନ୍ୟାୟ ଅନୀତିକୁ କରୁନା କେବେ ସମର୍ଥନ
ସରଳ ସୁନ୍ଦର ଭାବରେ ଗଢ଼ା ଆମ ଜୀବନ
ପରିବାରରେ ମାଆ ବାପା ଦେବାଦେବୀ
ପୁଣ୍ୟ ଅର୍ଜନ କରୁ ଆମେ ତାଙ୍କୁ ସେବି
ଶ୍ରୀଜଗନ୍ନାଥ ଆମର ଆରାଧ୍ୟ ବଡ଼ ଠାକୁର
ତାଙ୍କର କରୁଣା ଅଛି ସଭିଙ୍କ ଉପରେ ନିରନ୍ତର
ସରସ ପ୍ରାଞ୍ଜଳ ଆମ ଭାଷା ସାହିତ୍ୟ ହିନ୍ଦୀ
ଜାତି ଧର୍ମ ବର୍ଣ୍ଣ ସମ୍ପ୍ରଦାୟକୁ ପ୍ରେମେ ରଖିଛି ଛନ୍ଦି
କୃଷି ଶିକ୍ଷା ସ୍ୱାସ୍ଥ୍ୟ ଦିଗରେ ଆମେ ପ୍ରଗତି ଆଣି
ବିଜ୍ଞାନ କଳା ବାଣିଜ୍ୟ ସ୍ଥାପତ୍ୟ ଶିଳ୍ପରେ ଗୁଣୀ
ଆମେ ହିନ୍ଦୁସ୍ଥାନୀ ଆମେ ହିନ୍ଦୁସ୍ଥାନୀ
ନୀଚ ସଂକୀର୍ଣ୍ଣ ମନୋଭାବ ନାହିଁ କିଛି ଆମର
ବସୁଧାକୁ ଏକ କୁଟୁମ୍ବ ବୋଲି କରୁ ବିଋର
ନିର୍ବିକାର ନିଷ୍ପାପ ପବିତ୍ର ଆମ ଅନୁଚିନ୍ତା
ଦେଶ ବିଦେଶରେ ବଜାଇ ରଖିଛୁ ମାନବିକତା
ଅତିଥିମାନଙ୍କୁ ସମ୍ମାନ ଦେଉ ଦେବ ରୂପେ
ତାଙ୍କୁ ଅଭ୍ୟର୍ଥନା କରୁ ଆମ ହୃଦୟରୁ ଅମାପେ
ଆଚରଣ ଉଚ୍ଚାରଣରେ ପାଳୁ ଅମୃତବାଣୀ
ମନ୍ତ୍ରମୁଗ୍ଧ ହୁଏ ଶ୍ରୋତା ତାହାକୁ ଶୁଣି
ଭ୍ରାତୃ ପ୍ରେମର ବୀଜ ସାରା ବିଶ୍ୱେ ଦେଉ ବୁଣି
ଐତିହ୍ୟ ଗୌରବ କୀର୍ତ୍ତିରାଜି ଆମ ରତ୍ନଖଣି
ଶତ୍ରୁକୁ କରୁ ପରାହତ ମିତ୍ରକୁ କରୁ ପରଶମଣି
ଆମେ ହିନ୍ଦୁସ୍ଥାନୀ ଆମେ ହିନ୍ଦୁସ୍ଥାନୀ....

**କୋହି, ବାରିପଦା, ମୟୂରଭଞ୍ଜ**
**ଦୂରଭାଷ- ୮୦୧୮୩୫୩୩୨୨**



## ଶିଶୁର ସଂସାର

*ଦିନବନ୍ଧୁ ବେଜ୍*



ଶିଶୁ ସାହିତ୍ୟରେ ଥାଏ ଶିଶୁଙ୍କ ଉଲ୍ଲାସ
ତହିଁ ଝରିଥାଏ ଶିଶୁ ଆନନ୍ଦର ହସ

ଶିଶୁଙ୍କ ପାଖରେ ଯେଉଁ ଅଛି ଗୁଣାବଳି
ଗୁଣାବଳି ନୁହେଁ ସେତ ଜ୍ଞାନର ଗଣ୍ଠିଳି

ଶିଶୁ ପାଇଁ ଖଞ୍ଜିଥାଏ ଯେଉଁ ସବୁ ମାର୍ଗ
ଉଦ୍ୟମରେ ଗଢ଼ିକରେ ତାକୁ ଯୋଗ୍ୟ

ଝୁଲଣ ଭିତରେ ଥାଏ ପିଲାଙ୍କର ଖୁସି
ପିଲାଙ୍କର ଖୁସିରେ ଯାଏ ପଞ୍ଚାମୃତ ମିଶି

ପିଲାଟି ଯେବେ ଖେଳ ପଡ଼ିଆକୁ ଯାଏ
ସେତେବେଳେ ଖୁସି ବେଶି ବଢ଼ିଯାଏ

ପିଲାଟି ଯେବେ ଆନନ୍ଦରେ ଗଛ ଚଢ଼େ
ଖୁସି ସବୁ ଆନନ୍ଦରେ ତଳକୁ ଉଜୁଡ଼େ

ପିଲାମାନେ ନୁହଁନ୍ତି ଗୋରୁ ଗାଈ ପରି
ପୁସ୍ତକ ଭିତରେ ତାକୁ ଦିଅନାହିଁ ମାରି

ଘୋଷାବିଦ୍ୟା ପୁସ୍ତକ ବସ୍ତାନିର ବୋଝ
ଦରୋଟି ଶିଶୁ ପାଇଁ ଋପ ବୋଲି ବୁଝ

ଚଳାଇବ ଚଲାଅ ଶିଶୁ ସାହିତ୍ୟ କଲମ
ଶିଶୁ ସାହିତ୍ୟରେ ଅଛି ଶିଶୁର ଜୀବନ

ଶିଶୁ ଲେଖା ବଢ଼ାଇବ ଶିଶୁର ପ୍ରତିଭା
ପ୍ରସାର କର ଶିଶୁ କିଶୋର ପତ୍ରିକା

ଶିଶୁ ଖିଲି ଖିଲି ହସିବ ଝରିବ ଅମୃତ
ଅମୃତ ଝରିଲେ ଜାଗିବ ନିଶ୍ଚଳ ଜଗତ

ଯହିଁ ଝରିଥାଏ ଶିଶୁଙ୍କ କଣ୍ଠରୁ କବିତା
ତହିଁ ଜାଗି ଉଠେ ଭାଷା ପ୍ରୀତିର ମମତା

ଶିଶୁଙ୍କୁ ଶିଶୁଙ୍କ ଭଳି ବଞ୍ଚିବାକୁ ଦିଅ
ତାହା ପାଇଁ ସମୟରେ କଞ୍ଜୁସ ନହୁଅ

ଜୀବନ୍ତ ଭିତରେ ସିଏ ମଧୁମୟ ହେଉ
ଯନ୍ତ୍ର ମାନବ ତାହାକୁ କେହି ତ ନକହୁ ।

**ସହକାରୀ ଶିକ୍ଷକ, ସହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ, ଶିଖପାଲ୍ଲୀ, ମାଲକାନଗିରି, ଓଡ଼ିଶା**
**ସଂପର୍କ- ୭୬୮୩୯୨୦୨୩୧**

## କହିଲ ଦେଖି

*ଜଗଦୀଶ ସାହୁ*

ପୂଣ୍ୟ ପଣା ସଙ୍କରାନ୍ତି ଦିନରେ
ଜନ୍ମ ହୋଇଥିଲେ ଏଇ ଧରାରେ
ମହାବଳଶାଳୀ ଚିର ଅମର
ହାତେ ବୋହିଥିଲେ ପର୍ବତ ଭାର
ଛାତି ଚିରି ରାମ ସୀତାଙ୍କୁ ସିଏ
ଦେଖାଇ ଥିଲେଟି କୁହ ସେ କିଏ ?

୨. ପାଣି ଗୁଡ଼ ବେଲ କୋରା ନଡ଼ିଆ
ମିଶାଇ ପିଇଲେ ଲାଗେ ବଢିଆ
ଛଣା ସେଉ ବୁନ୍ଦି କଦଳୀ ଛେନା
ମିଶିଲେ ସୁଆଦ ଭୁଲି ହୁଏ ନା
ପଣା ସଙ୍କରାନ୍ତି ଦିନ
ପିଇବାକୁ ଋହେଁ ମନ !

୩. ଚଇତି ତାତିକୁ ନ ଯାଇ ଡରି
ବିଶ୍ୱର ମଙ୍ଗଳ କାମନା କରି
କଳାରୁଦ୍ରମଣି ନାମ ଉଚ୍ଚାରି
ଦଣ୍ଡୁଆ ବୁଲନ୍ତି ଠାକୁର ଧରି
ଗ୍ରାମେ ଗ୍ରାମେ ଝୁଣା ମାରି
ବ୍ରତ ପାଳିଥାନ୍ତି ନିଷ୍ପାପର ଭାବେ
ଶିବକାଳୀ ନାମ ସ୍ମରି !

**ସଂଜପଡା, ହିନ୍ଦୋଳ, ଢେଙ୍କାନାଳ- ୭୫୯୧୨୮**
**ମୋ- ୯୦୭୮୧୮୫୬୧୬**

## ଗୋଲାପ

*ସୁଧାଂଶୁ ଶେଖର ଦ୍ୱିବେଦୀ*

ଫୁଲଙ୍କ ମଧ୍ୟରେ ମୁଁ ଅପୂର୍ବ
ଗୋଲାପ ନାମ ମୋ ପରିଚୟ
କଣ୍ଟାରେ ଆବୃତ ଅଧା ଦେହ
ଅନଭିଜ୍ଞ ନୁହେଁ ସାରା ବିଶ୍ୱ
କେତେ କେତେ ରୂପ ରଙ୍ଗ ମୋର
ଖେଳୁଥାଏ ନିତି ଉପବନେ
ଲାଲ, ଗୋଲାପୀ, ନୀଳ, ହଳଦୀ
ମହକୁଥାଏ ମୁଁ ମଧୁବନେ
ଭ୍ରମର, ପ୍ରଜାପତି ସାଙ୍ଗ-ସାଥୀ
ମୋଠାରେ ଲଭନ୍ତି ମନୋରମ
ସଭିଙ୍କ ମନରେ ପ୍ରଲୋଭନ
ସୁନ୍ଦର ସୁଢୋଳ ମୋ ଜୀବନ
ସ୍ଥାନ ବିଶେଷରେ ମିଳିଥାଏ
ସୁଗନ୍ଧରେ ଲୋକେ ଅଭିଭୂତ
ସଭିଙ୍କ କାମରେ ମୋର ଲୋଡ଼ା
ପୁଣ୍ୟକର୍ମ ତଥା ପୁଣ୍ୟବ୍ରତ ।

**ବିସି-୭୪, ସଲଟ ଲେକ, କଲକାତା-୬୪**
**ମୋ-୯୬୮୧୩୭୩୫୧୨**

## ତୁମ ତୂଳୀରୁ ...





ଉପମିତା ଦାସ
ଶ୍ରେଣୀ - ତୃତୀୟ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର

# ୩୦ରୁ ପ୍ରଥମ ଜାତୀୟ ମହିଳା ହକି ଲିଗ୍

**ନୂଆଦିଲ୍ଲୀ**

ହକିର ଉନ୍ନତି ପାଇଁ ହକି ଇଣ୍ଡିଆ ଆଉ ଏକ ନୂଆ ପଦକ୍ଷେପ ନେଇଛି। ଜାତୀୟ ହକି ମହିଳା ଲିଗ୍ ନାମରେ ଏକ ପ୍ରତିଯୋଗିତା ଆରମ୍ଭ କରିବାକୁ ଯାଉଛି। ଏହି ଲିଗ୍‌ର ପ୍ରଥମ ପର୍ଯ୍ୟାୟ ଲାଗି ସୂଚୀ ଘୋଷଣା କରିଛି ହକି ଇଣ୍ଡିଆ। ଚଳିତ ମାସ ୩୦ରୁ ମେ’ ୯ ତାରିଖ ପର୍ଯ୍ୟନ୍ତ ରାଞ୍ଚିରେ ଏହି ଲିଗ୍ ଖେଳାଯିବ। ଭାରତର ଏହା ପ୍ରଥମ ଘରୋଇ ମହିଳା ହକି ଲିଗ୍। ଏଥିରେ ଜାତୀୟ ବରିଷ୍ଠ ମହିଳା ହକି ପ୍ରତିଯୋଗିତାରେ ଶ୍ରେଷ୍ଠ ୮ରେ ଥିବା ଦଳ ହରିୟାଣା, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ବେଙ୍ଗଲ, ମିଜୋରାମ, ମଣିପୁର ଓ ଓଡ଼ିଶା ଭାଗ ନେଉଛନ୍ତି।

ଏହି ଲିଗ୍‌ରେ ୨୧ ବର୍ଷରୁ କମ୍ ବୟସ୍କ ଖେଳାଳିଙ୍କୁ ମଧ୍ୟ ସୁଯୋଗ ମିଳିବ। ଓଡ଼ିଶା ଉଦ୍‌ଘାଟନୀ ଦିବସରେ ହରିୟାଣା ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ମେ’ ୧ରେ ମଧ୍ୟପ୍ରଦେଶ, ୩ରେ ମଣିପୁର, ୪ରେ ଝାଡ଼ଖଣ୍ଡ, ୬ରେ ମହାରାଷ୍ଟ୍ର, ୭ରେ ବେଙ୍ଗଲ ଏବଂ ୯ରେ ମିଜୋରାମ ବିପକ୍ଷରେ ଖେଳିବ। ଲିଗ୍ ସୂଚୀ ଘୋଷଣା ଅବସରରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ସମ୍ପାଦକ ଭୋଳାନାଥ ଚୌହାନ କହିଛନ୍ତି ଯେ ଜାତୀୟ ମହିଳା ହକି ଲିଗ୍ ବିଶେଷ କରି ଆମ ମହିଳା ଖେଳାଳିଙ୍କ ସହ ଭାରତୀୟ ହକି ପାଇଁ ଏକ ସ୍ୱତନ୍ତ୍ର ମୁହୂର୍ତ୍ତ ହେବ। ଦେଶରେ ମହିଳା ହକିର ବିକାଶ ଲାଗି ଆମର ଉଦ୍ୟମର ଏହା ଏକ ପ୍ରମାଣ।

# ଓଡ଼ିଶା କ୍ରୀଡ଼ାକୁ ଜାତିସଂଘର ପ୍ରଶଂସା: ପାଣ୍ଡିଆନଙ୍କୁ ଭେଟିଲେ ସୋମ୍ପି ଶାର୍ପ

**ଭୁବନେଶ୍ୱର**



ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମି ଓ ବ୍ୟବସ୍ଥା ବିଶ୍ୱବ୍ୟାପୀ ପ୍ରଶଂସା ସାଉଁଟି ସାରିଥିବା ବେଳେ ଶେଷରେ ଜାତିସଂଘର ଦୃଷ୍ଟି ଆକର୍ଷଣ କରିଛି। ଜାତିସଂଘର ଆବାସିକ ସଂଯୋଜକ ସୋମ୍ପି ଶାର୍ପ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟିବା ସହ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ବିଶ୍ୱସ୍ତରୀୟ ଭିତ୍ତିଭୂମି ବୁଲି ଦେଖିଥିଲେ। ଓଡ଼ିଶା ସରକାରଙ୍କ ପ୍ରୟାସ କାରଣରୁ ଏହି ରାଜ୍ୟ କିଭଳି କ୍ରୀଡ଼ା ହବ୍‌ରେ ପରିଣତ ହୋଇପାରିଛି। ସେଥିପାଇଁ ଉଚ୍ଚ ପ୍ରଶଂସା କରିଛନ୍ତି ଶାର୍ପ। ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଥିବା ଅନନ୍ୟ ବ୍ୟବସ୍ଥା ଯଥା- ଇଣ୍ଡୋର ଆଥଲେଟିକ୍ସ ସେଣ୍ଟର, କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ଓ ଆକ୍ୱାଟିକ ସେଣ୍ଟର ସମେତ ଅତ୍ୟାଧୁନିକ ସୁବିଧା ସୁଯୋଗ ପରିଦର୍ଶନ କରିଥିଲେ। ଏହିସବୁ ସୁବିଧାକୁ ପ୍ରଶଂସା କରି ଆବାସିକ ସଂଯୋଜକ କ୍ରୀଡ଼ା ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡ଼ାବିତ୍‌ଙ୍କ ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଇଦେବା ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ।

ଓଡ଼ିଶାରେ ବିଶ୍ୱସ୍ତରୀୟ କ୍ରୀଡ଼ା ସୁବିଧା ସୁଯୋଗ ଦେଖି ମୁଁ ଆଶ୍ଚର୍ଯ୍ୟ। ସେମାନେ ପ୍ରକୃତରେ ଚମତ୍କାର ଏବଂ ମୁଁ ପୂର୍ବରୁ ଦେଖିଥିବା କୌଣସି ଜିନିଷ ଠାରୁ ଏହା ଭିନ୍ନ ଏହା ମୋତେ ବଡ଼ ହେବା ସମୟରେ କଲରାଡୋର ଅଲିମ୍ପିକ ପ୍ରଶିକ୍ଷଣ କେନ୍ଦ୍ରରେ ବିତାଇଥିବା ସମୟକୁ ମନେ ପକାଇଦେଇଛି। ଓଡ଼ିଶାରେ ଯାହା ହାସଲ ହୋଇଛି ତାହା ପ୍ରକୃତରେ ଅବିଶ୍ୱସନୀୟ ଏବଂ ଏହା ରାଜ୍ୟରେ କ୍ରୀଡ଼ାର ଏକ ଉଜ୍ଜ୍ୱଳ ଭବିଷ୍ୟତର ସଙ୍କେତ ବୋଲି ମୁଁ ବିଶ୍ୱାସ କରେ ବୋଲି ଉଲ୍ଲେଖ କରିବା ସହିତ ତାଙ୍କର ଏହି ବକ୍ତବ୍ୟକୁ ସୋମ୍ପି ଶାର୍ପ ସେୟାର କରିଛନ୍ତି। ଶାର୍ପଙ୍କୁ ଧନ୍ୟବାଦ ଜଣାଇବା ସହ ଓଡ଼ିଶା ଓ ଭାରତୀୟ କ୍ରୀଡ଼ାକୁ ପରବର୍ତ୍ତୀ ସ୍ତରକୁ ନେବା ପାଇଁ ଜାତିସଂଘ ସହ ସହଯୋଗ କରିବାକୁ ଶ୍ରୀ ପାଣ୍ଡିଆନ ଆଗ୍ରହ ପ୍ରକାଶ କରିଛନ୍ତି। ସାମ୍ପ୍ରତିକ ସମୟରେ ଓଡ଼ିଶା, ଭାରତର ଏକ ପ୍ରମୁଖ କ୍ରୀଡ଼ାର ଗନ୍ତବ୍ୟସ୍ଥଳ ଭାବେ ଉଭା ହୋଇଛି। ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ କ୍ରୀଡ଼ା ପାଇଁ ୧୦୦୦ କୋଟିରୁ ଅଧିକ ଟଙ୍କାର ବଜେଟ ରହିଛି ଏବଂ ସାରା ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମି ଦ୍ରୁତ ଗତିରେ ନିର୍ମାଣ କରୁଛି। ଭୁବନେଶ୍ୱର ଓ ରାଉରକେଲା (ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡିୟମ)ରେ ଶ୍ରେଷ୍ଠ ଷ୍ଟାଡିୟମ ସହ ଓଡ଼ିଶା ହକିର ଗ୍ଲୋବାଲ ହବ୍ ପାଲଟିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁବପିଢ଼ିଙ୍କ ପାଇଁ କ୍ରୀଡ଼ା, ଭବିଷ୍ୟତ ପାଇଁ ଯୁବପିଢ଼ିର ପରିକଳ୍ପନା ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଛି।

# ରେଫରିଙ୍କ ଉପରକୁ ହାତ ଉଠାଇଲେ ରୋନାଲ୍ଡୋ



**ନୂଆଦିଲ୍ଲୀ**

ବିଶ୍ୱ ଫୁଟ୍‌ବଲ୍‌ରେ ଜଣେ ମହାନ୍ ଖେଳାଳିର ପରିଚୟ ବହନ କରୁଥିବା ପର୍ତ୍ତୁଗାଲ୍‌ର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଉପରେ ପ୍ରଶଂସକମାନେ ଖପ୍ପା ହୋଇଛନ୍ତି। ସାଉଦି ସୁପର କପ୍‌ରେ ଅଲ୍ ନାସର ପାଇଁ ଅଲ୍ ହିଲାଲ୍ ବିପକ୍ଷରେ ଖେଳୁଥିବା ବେଳେ ରୋନାଲ୍ଡୋ ପ୍ରତିପକ୍ଷର ଜଣେ ଖେଳାଳିଙ୍କୁ କହୁଣିରେ ମାରିଥିଲେ, ଯେଉଁଥିପାଇଁ ରେଫରି ସିଧାସଳଖ ତାଙ୍କୁ ରେଡ୍ କାର୍ଡ ଦେଇଥିଲେ। କିନ୍ତୁ ରୋନାଲ୍ଡୋ ଏହି କାର୍ଡ ପାଇବା ପରେ ରାଗିଯାଇ ରେଫରିଙ୍କୁ କହୁଣିରେ ମାରିବାକୁ ଉଦ୍ୟମ କରିଥିଲେ। ଏହି ମ୍ୟାଚ୍‌ରେ ଅଲ୍ ନାସର ୧-୨ ଗୋଲ୍‌ରେ ପରାସ୍ତ ହୋଇଥିଲା। ସୂଚନାଯୋଗ୍ୟ, ରୋନାଲ୍ଡୋ ତାଙ୍କ ଖେଳଜୀବନ ମଧ୍ୟରେ ଦ୍ୱାଦଶ ଥର ପାଇଁ ରେଡ୍ କାର୍ଡ ପାଇଛନ୍ତି।

# ଟି-୨୦ ବିଶ୍ୱକପ ସ୍କ୍ୱାଡ୍ : ମୟଙ୍କ ଯାଦବଙ୍କ ସମେତ ଏହି ୧୫ ଖେଳାଳିଙ୍କୁ ମିଳିବ ସୁଯୋଗ !

**ନୂଆଦିଲ୍ଲୀ**

ବର୍ତ୍ତମାନ ସାରା ଦେଶର ଆଇପିଏଲ ଫିଭର ଚାଲିଛି। ଭାରତୀୟ କ୍ରିକେଟରଙ୍କ ପ୍ରଦର୍ଶନ ଉପରେ ମଧ୍ୟ ସମସ୍ତଙ୍କର ନଜର ରହିଛି। କାରଣ ଆଇପିଏଲ ପରେ ହିଁ ଆରମ୍ଭ ହେବ ଟି-୨୦ ବିଶ୍ୱକପ।

ଜୁନ ୨ରୁ ଆମେରିକାର ଓ ୱେଷ୍ଟଇଣ୍ଡିଜରେ ଟି-୨୦ ବିଶ୍ୱକପ ଲଢ଼େଇ ଆରମ୍ଭ ହୋଇଯିବ। ୨୦୧୩ରୁ ଭାରତ କୌଣସି ଆଇସିସି ଟ୍ରଫି ଜିତି ନାହିଁ। ଏବେ ସମସ୍ତଙ୍କର ଆଶା ଦଳ ରୋହିତ ଶର୍ମାଙ୍କ କ୍ୟାପ୍ଟେନ୍ସିରେ ଟ୍ରଫି ହାତେଇବ। ଏପ୍ରିଲ ଶେଷ ସପ୍ତାହରେ ବିସିସିଆଇ ବିଶ୍ୱକପ ସ୍କ୍ୱାଡ୍ ଘୋଷଣା କରିବ। କାରଣ ସ୍କ୍ୱାଡ୍ ଘୋଷଣା ପାଇଁ ଶେଷ ତାରିଖ ହେଉଛି ମେ’ ୧। ଅବଶ୍ୟ ଅତି ଜରୁରୀ ପରିସ୍ଥିତିରେ ଗୋଟିଏ ଦଳ ମେ’ ୨୫ ମଧ୍ୟରେ ତା’ର ସ୍କ୍ୱାଡ୍‌ରେ ପରିବର୍ତ୍ତନ କରିପାରିବ।

ତେବେ ଭାରତର ୧୫ ଜଣିଆ ବିଶ୍ୱକପ ସ୍କ୍ୱାଡ୍‌ରେ କେଉଁମାନେ ରହିବେ, ତା’ର ଏକ ସମ୍ଭାବ୍ୟ ତାଲିକା ସାମ୍ନାକୁ ଆସିଛି। ଇଶାନ କିଶନ ପୂର୍ବଭଳି ଦଳରୁ ବାହାର ରହିବେ। କେଏଲ ରାହୁଲଙ୍କୁ ମଧ୍ୟ ବିଶ୍ୱକପରେ ସୁଯୋଗ ମିଳିବ ନାହିଁ। ଅର୍ଶଦୀପ ସିଂହଙ୍କୁ ମଧ୍ୟ ବିସିସିଆଇ ସ୍କ୍ୱାଡ୍‌ରେ ସାମିଲ କରିବାର ସମ୍ଭାବନା ନାହିଁ। କାରଣ ଏବେ ଯୁବ ଦ୍ରୁତ ବୋଲର ମୟଙ୍କ ଯାଦବ ସାମ୍ନାକୁ ଆସିଛନ୍ତି।

ସେ ଆଇପିଏଲରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସକୁ ପ୍ରତିନିଧିତ୍ୱ କରୁଛନ୍ତି। ଘଣ୍ଟା ପ୍ରତି ୧୫୫ରୁ ଅଧିକ ବେଗରେ ବୋଲିଂ କରୁଥିବା ମୟଙ୍କ ଟି-୨୦ରେ ଗେମ୍ ଚେଞ୍ଜର ହେବାର ସମ୍ଭାବନା ରହିଛି। ସେହିପରି ଯୁଜଭେନ୍ଦର ଚହଲ ଓ ରବି ବିଷ୍ଣୋଇଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ। ବର୍ତ୍ତମାନର ଫର୍ମକୁ ଦେଖିଲେ ବିଷ୍ଣୋଇଙ୍କ ଅପେକ୍ଷା ଚହଲ ସ୍କ୍ୱାଡ୍‌ରେ ରହିବାକୁ ଅଧିକ ଦାବିଦାର।

ସମ୍ଭାବ୍ୟ ୧୫ ଖେଳାଳି

ରୋହିତ ଶର୍ମା(ଅଧିନାୟକ): ଟି-୨୦ ବିଶ୍ୱକପରେ ଭାରତର ନେତୃତ୍ୱ ରୋହିତ ଶର୍ମା ନେବେ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହ ସ୍ପଷ୍ଟ କରିଛନ୍ତି। ୨୦୦୭ରେ ବିଶ୍ୱକପ ଜିତିଥିବା ଭାରତୀୟ ଟିମ୍‌ରେ ରୋହିତ ଶର୍ମା ରହିଥିଲେ। ୪୦୦ରୁ ଅଧିକ ଟି-୨୦ ଖେଳି ସାରିଥିବା ରୋହିତ ୧୧ ହଜାରରୁ ଅଧିକ ରନ କରିଛନ୍ତି।

ଯଶସ୍ୱୀ ଜୈସ୍ୱାଲ : ଜୁଲାଇ ୨୦୨୩ରେ ଡେବ୍ୟୁ କରିବା ଦିନ ଠାରୁ ଯଶସ୍ୱୀ ନିଜର ଜଲୱା ଦେଖାଇ ଚାଲିଛନ୍ତି। ସେ ୨ ହଜାରରୁ ଅଧିକ ରନ କରିବା ସହ ୨ଟି ଶତକ ଓ ୧୫ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ରୋହିତ ଶର୍ମାଙ୍କ ସହ ବିଶ୍ୱକପରେ ଓପନ କରିବେ।

ଶୁବମନ ଗିଲ: ଓପନିଂ ସ୍ଲଟ୍ ପାଇଁ ଆଉ ଜଣେ ପ୍ରତିଯୋଗୀ ହେଲେ ଶୁବମନ ଗିଲ। ବର୍ତ୍ତମାନ ଆଇପିଏଲରେ ସେ ନିଜର ଫର୍ମ ଦେଖାଇଛନ୍ତି। ସେ ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍‌ରେ ଅପରାଜିତ ୮୯ ରନର ଇନିଂସ ଖେଳିଥିଲେ। ଟି-୨୦ କ୍ରିକେଟରେ ସେ ୪ ହଜାର ରନ କରିଛନ୍ତି। ଏଥିରେ ୫ ଶତକ ଓ ୨୩ ଅର୍ଦ୍ଧଶତକ ରହିଛି।



ବିରାଟ କୋହଲି: ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ବିରାଟ କୋହଲି ଚଳିତ ଆଇପିଏଲରେ ଚମତ୍କାର ଫର୍ମରେ ଅଛନ୍ତି। ୨୦୨୪ ଆଇପିଏଲର ସେ ଲିଡିଂ ରନ ସ୍କୋରର ୫ ମ୍ୟାଚ୍‌ରେ ସେ ୧୦୫.୩୩ ହାରରେ ୩୧୬ ରନ କରିଛନ୍ତି। ତାଙ୍କ ଷ୍ଟ୍ରାଇକ୍ ରେଟ୍ ମଧ୍ୟ ୧୪୬.୨୯ ରହିଛି। ସେ ବିଶ୍ୱକପରେ ରୋହିତଙ୍କ ସହ ଓପନ କରିପାରିବେ।

ସୂର୍ଯ୍ୟ କୁମାର ଯାଦବ: ଆହତ ସମସ୍ୟାରୁ ମୁକୁଳିବା ପରେ ସୂର୍ଯ୍ୟ କୁମାର ଯାଦବ ମୁମ୍ବାଇ ଇଣ୍ଡିଆନ୍ସରେ ସାମିଲ ହୋଇଛନ୍ତି। ସେ ବର୍ତ୍ତମାନ ବିଶ୍ୱର ୧ ନଂ ଟି-୨୦ ବ୍ୟାଟର। ସେ ବିଶ୍ୱକପରେ ୩ନଂ କିମ୍ବା ୪ନଂରେ ଖେଳି ପାରନ୍ତି। ଅନ୍ତର୍ଜାତୀୟ ଟି-୨୦ରେ ସେ ୨ ହଜାରରୁ ଅଧିକ ରନ କରିଛନ୍ତି। ତାଙ୍କ ଷ୍ଟ୍ରାଇକ୍ ରେଟ୍ ୧୭୧.୫୫ ରହିଛି।

ରିଙ୍କୁ ସିଂହ: ହାର୍ଡ ହିଟିଂ ରିଙ୍କୁ ସିଂହ ବିଶ୍ୱକପରେ ଭାରତୀୟ ଟିମ୍‌ର ମଧ୍ୟକ୍ରମ ସମ୍ଭାଳିବେ। ଭାରତ ପାଇଁ ସେ ୭ଟି ମ୍ୟାଚ୍ ବିଜୟୀ ଇନିଂସ ଖେଳି ସାରିଛନ୍ତି। ଟି୨୦ରେ ସେ ୧୧୪ ମ୍ୟାଚ୍‌ରେ ପ୍ରାୟ ୨୫ଶହ ରନ କରିଛନ୍ତି। ସେ ଫିନିଶର ଭୂମିକାରେ ବି ରହିବେ।

ହାର୍ଦ୍ଦିକ ପାଣ୍ଡ୍ୟା: ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବିଶ୍ୱକପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ସେ ଟି-୨ରେ ୪୫୦୦ରୁ ଅଧିକ ରନ ଓ ୧୫୦ରୁ ଅଧିକ ୱିକେଟ ନେଇଛନ୍ତି।

ରଷଭ ପନ୍ତ: ୱିକେଟ କିପର ବ୍ୟାଟର ରଷଭ ପନ୍ତ ଆଇପିଏଲରେ କମ୍‌ବ୍ୟାକ୍ କରିଛନ୍ତି। କାର ଦୁର୍ଘଟଣାର ପ୍ରାୟ ୨ ବର୍ଷ ପରେ ସେ କ୍ରିକେଟକୁ ଫେରିବା ସହ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସର ନେତୃତ୍ୱ ନେଉଛନ୍ତି। ୫ ମ୍ୟାଚ୍‌ରେ ସେ ୧୫୩ ରନ କରିଛନ୍ତି। ତାଙ୍କ ଷ୍ଟ୍ରାଇକ୍ ରେଟ୍ ୧୫୦ ଉପରେ ରହିଛି। ସେ ଭାରତର ପ୍ରଥମ ୱିକେଟ କିପର ଭାବେ ବିଶ୍ୱକପ ଖେଳି ପାରନ୍ତି।

ରବୀନ୍ଦ୍ର ଜାଡ଼େଜା: ସ୍ପିନ ଅଲରାଉଣ୍ଡର ରବୀନ୍ଦ୍ର ଜାଡ଼େଜା ଟି-୨୦ରେ ୨୦୦ରୁ ଅଧିକ ୱିକେଟ ଓ ୩୫୦୦ରୁ ଅଧିକ ରନ କରିଛନ୍ତି।

କୁଲଦୀପ ଯାଦବ: ବାମହାତୀ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଏବେ ଭାରତ ପାଇଁ ୩ଟି ଯାକ ଫର୍ମାଟରେ ଜବରଦସ୍ତ ପ୍ରଦର୍ଶନ କରି ଚାଲିଛନ୍ତି। ସେ ଟି-୨୦ରେ ୧୭୭ଟି ୱିକେଟ ନେଇଛନ୍ତି। ତେଣୁ ସେ ଦଳ ପାଇଁ ଏକ୍ସ ଫ୍ୟାକ୍ଟର ହୋଇ ପାରନ୍ତି।

ଯଶପ୍ରୀତ ବୁମ୍‌ରା: ଭାରତୀୟ ଟିମ୍‌ର ବୋଲିଂ କମାଣ ଟି-୨୦ ବିଶ୍ୱକପରେ ବୁମ୍‌ରାଙ୍କ ଉପରେ ରହିବ। ଟି-୨୦ରେ ସେ ୨୫୦ରୁ ଅଧିକ ୱିକେଟ ନେଇଥିବା ବେଳେ ତାଙ୍କ ଇକୋନୋମି ୭ ତଳେ ରହିଛି। ୨୦୨୪ ଆଇପିଏଲରେ ମଧ୍ୟ ସେ ୫ ୱିକେଟ ନେଇ ସାରିଛନ୍ତି।

ମହମ୍ମଦ ସିରାଜ: ଆହତ ସମସ୍ୟା ଦେଇ ଗତି କରୁଥିବା ମହମ୍ମଦ ଶାମିଙ୍କ ସ୍ଥାନରେ ମହମ୍ମଦ ସିରାଜଙ୍କୁ ସୁଯୋଗ ମିଳିପାରେ। ସେ ରନ ଅଧିକ ଦେଉଥିଲେ ହେଁ ୱିକେଟ ଦଖଲ କରିବାର କଳା ତାଙ୍କ ପାଖରେ ରହିଛି। ୧୨୫ ମ୍ୟାଚ୍‌ରେ ସିରାଜ ୧୫୦ ୱିକେଟ ନେଇଛନ୍ତି।

ସଞ୍ଜୁ ସାମସନ: ବର୍ତ୍ତମାନ ଫର୍ମକୁ ଦେଖିଲେ କେଏଲ ରାହୁଲଙ୍କ ସ୍ଥାନ ନେବାକୁ ସଞ୍ଜୁ ଉପଯୁକ୍ତ ଖେଳାଳି। ଆଇପିଏଲ ୨୦୨୪ରେ ସାମସନ କ୍ରମାଗତ ରନ କରି ଚାଲିଛନ୍ତି। ୪ ମ୍ୟାଚ୍‌ରେ ସେ ୫୯.୩୩ ହାରରେ ୧୭୮ ରନ କରିଛନ୍ତି।

ଯୁଜି ଚହଲ : ଆଇପିଏଲ ୨୦୨୪ ପ୍ରଦର୍ଶନ ଆଧାରରେ ଚହଲ ହିଁ ଟି-୨୦ ବିଶ୍ୱକପ ଖେଳିବାକୁ ହକ୍‌ଦାର ଚହଲ ଟୁର୍ଣ୍ଣାମେଣ୍ଟର ଲିଡିଂ ୱିକେଟ ଟେକର ସେ ୪ ମ୍ୟାଚ୍‌ରେ ୮ ୱିକେଟ ନେଇଛନ୍ତି। ଏଥିସହ ତାଙ୍କ ଇକୋନୋମି ୬.୩୫ ରହିଛି।

ମୟଙ୍କ ଯାଦବ: ଯୁବ ଦ୍ରୁତ ବୋଲର ମୟଙ୍କ ଯାଦବ ନୂଆ ମୁହଁ ଭାବେ ଭାରତୀୟ ଟି-୨୦ ସ୍କ୍ୱାଡ୍‌ରେ ସୁଯୋଗ ପାଇ ପାରନ୍ତି। ଆଇପିଏଲ ୨୦୨୪ରେ ସେ ଦ୍ରୁତ ବୋଲିଂ ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ସେ ୩ ମ୍ୟାଚ୍‌ରେ ମାତ୍ର ୬ ରନ ହାରରେ ୬ ୱିକେଟ ଦଖଲ କରିଛନ୍ତି। ଚଳିତ ଆଇପିଏଲର ସବୁ ଠାରୁ ଦ୍ରୁତ ବଲ ମଧ୍ୟ ସେ ପକାଇଛନ୍ତି। ମୟଙ୍କ ନିୟମିତ ଭାବେ ୧୫୦ରୁ ଅଧିକ ବେଗରେ ବୋଲିଂ କରୁଥିବାରୁ ଟି-୨୦ ବିଶ୍ୱକପରେ ଭାରତ ପାଇଁ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇପାରନ୍ତି।

# ଇଞ୍ଜାମାମ-ଉଲ-ହକ୍‌ଙ୍କ ରେକର୍ଡ ଭାଙ୍ଗିବାକୁ ଚାହାନ୍ତି ବାବର



**ନୂଆଦିଲ୍ଲୀ**

ପାକିସ୍ତାନୀ କ୍ରିକେଟ ଟିମ୍‌ର ଅଧିନାୟକ ମହମ୍ମଦ ବାବର ଆଜମ ଅନେକ ସମୟରେ ଚର୍ଚ୍ଚାରେ ରହିଥାନ୍ତି। ବିଶେଷ କରି କ୍ରିକେଟକୁ ନେଇ ତାଙ୍କୁ ଅନେକ ଥର ସମାଲୋଚନା କରାଯାଏ। ଅନେକ ସମୟରେ ତାଙ୍କୁ ଭାରତୀୟ ଷ୍ଟାର କ୍ରିକେଟର ବିରାଟ କୋହଲିଙ୍କ ସହ ତୁଳନା କରାଯାଉଥିବା ବେଳେ ଏବେ ସେ କାହାର ରେକର୍ଡ ଭାଙ୍ଗିବାକୁ ଚାହାନ୍ତି ତାହା ଜଣାଇଛନ୍ତି। ଏକ ସାକ୍ଷାତକାରରେ ତାଙ୍କୁ ପଚରାଯାଇଥିଲା ଯେ, କୋହଲି ନା ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର; ସେ କାହାର ରେକର୍ଡ ଭାଙ୍ଗିବାକୁ ଚାହାନ୍ତି ? ଉତ୍ତରରେ ବାବର ଆଜମ କହିଥିଲେ ଯେ, ମୁଁ ପାକିସ୍ତାନ ପାଇଁ ସର୍ବାଧିକ ରନ ସ୍କୋରର ହେବାକୁ ଚାହୁଁଛି। ତେଣୁ ମୁଁ କୋହଲି କି ସଚିନ ନୁହନ୍ତି ବରଂ ଇଞ୍ଜାମାମ-ଉଲ-ହକ୍‌ଙ୍କ ରେକର୍ଡ ଭାଙ୍ଗିବାକୁ ଚାହୁଁଛି।

ଉଲ୍ଲେଖଯୋଗ୍ୟ, ଇଞ୍ଜାମାମ-ଉଲ-ହକ ତାଙ୍କ ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟରରେ ପାକିସ୍ତାନ ପାଇଁ ସର୍ବାଧିକ ରନ ସଂଗ୍ରହ କରିଛନ୍ତି। ପାକିସ୍ତାନ ପାଇଁ ଅନ୍ତର୍ଜାତୀୟ କ୍ରିକେଟରେ ଇଞ୍ଜରମାମ-ଉଲ-ହକ ମୋଟ୍ ୨୦୫୪୧ ରନ କରିଛନ୍ତି। ଏଥି ସହିତ ବାବର ଏପର୍ଯ୍ୟନ୍ତ ୨୭୮ଟି ଆନ୍ତର୍ଜାତୀୟ ମ୍ୟାଚରେ ମୋଟ ୧୩୩୨୫ ରନ ସଂଗ୍ରହ କରିଥିବା ଜଣାପଡ଼ିଛି।

# ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଇଷ୍ଟକୋଷ୍ଟ ରେଳ ସ୍ପୋର୍ଟସ ଆସୋସିଏସନ, ଖୋର୍ଦ୍ଧା ରୋଡ୍, ଦ୍ୱାରା, ରେଲୱେ ଷ୍ଟାଡିୟମଠାରେ ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ୨୧ ଏପ୍ରିଲ ୨୦୨୪ ପର୍ଯ୍ୟନ୍ତ ଜାରି ରହିବ। ଖୋର୍ଦ୍ଧା ରୋଡ୍ ମଣ୍ଡଳର ୧୨ଟି ବିଭାଗର ରେଳ କର୍ମଚାରୀ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଛନ୍ତି।

ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍.ଏସ୍. ବାଜୱା ଏବଂ ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡ଼ର ସଭାନେତ୍ରୀ ଗୁର ସିମ୍ରନ କୌର, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) କଲ୍ୟାଣ ପଟ୍ଟନାୟକ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ଶୁଭ୍ର ଜ୍ୟୋତି ମଣ୍ଡଳଙ୍କ ଉପସ୍ଥିତି ରେ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ଉଦ୍‌ବୋଧନ ଦେଇ, ଏଚ୍.ଏସ୍. ବାଜୱା, ଅଂଶଗ୍ରହଣକାରୀ ଦଳମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କୁ କ୍ରୀଡ଼ାବିତ୍ ଏବଂ ଦଳଗତ ମନୋଭାବ ବଜାୟ ରଖିବା ପରାମର୍ଶ ଦେଇଥିଲେ।

ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ବିଭିନ୍ନ ବିଭାଗ ହେଉଛି, ବିଦ୍ୟୁତ ବିଭାଗ, ରେଳ ସୁରକ୍ଷା ବଳ, ବିତ୍ତ ବିଭାଗ, ଅପରେଟିଂ, ମେଡିକାଲ, ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ ଲୋକୋ ସେଡ୍/ଅନୁଗୋଳ, ଇଲେକ୍ଟ୍ରିକାଲ (ଓପି), ବାଣିଜ୍ୟ ବିଭାଗ, ଦୂର ସଂଚାର ଏବଂ ସଙ୍କେତ, କାର୍ମିକ ବିଭାଗ ଏବଂ ମେକାନିକାଲ ବିଭାଗ। ସମସ୍ତ ବିଭାଗ ମଧ୍ୟରେ ସମୁଦାୟ ୩୦ଟି ଲିଗ୍ ମ୍ୟାଚ ହେବ। ପ୍ରଥମ ଦିନରେ ପ୍ରଥମ ମ୍ୟାଚ୍ ବିଦ୍ୟୁତ ବିଭାଗ ଏଂ ଇଞ୍ଜିନିୟରିଂ ବିଭାଗ ମଧ୍ୟରେ ଅନୁଷ୍ଠିତ ହେବ।

ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ, କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼, ହିମାଦ୍ରି ଭୂଷଣ ବିଶ୍ୱାଳଙ୍କ, ନେତୃତ୍ୱରେ ଆୟୋଜନ କରାଯାଉଛି। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍, କ୍ରୀଡ଼ା ସଚିବ ଏମ. ଡି.ଜାକିରୁଦ୍ଦିନ ଏବଂ ତାଙ୍କ ଟିମ୍ ଦ୍ୱାରା କରାଯାଉଛି।

# ହିନ୍ଦୁ ଜାଗୃତି ମଞ୍ଚ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳିତ

**କେନ୍ଦୁଝର, ନ୍ୟୁଜ୍**



କେନ୍ଦୁଝର ସହରର କାଳୀ ପଡିଆ ଠାରେ ହିନ୍ଦୁ ଜାଗୃତି ମଞ୍ଚ କେନ୍ଦୁଝର ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ଖୁବ୍ ଧୂମଧାମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ମାର୍କଣ୍ଡ ଗିରି, କାର୍ଯ୍ୟକ୍ରମର ସଭାପତି ଡ଼ଃ ଅରୁଣ ସାହୁ, ସମ୍ମାନିତ ଅତିଥି ଅଲ ଭାରତୀୟ ସନ୍ଥ ସମିତିର ମହାମନ୍ତ୍ରୀ ଦର୍ଶନ ବିଦ୍ୟାର୍ଥୀ ଏବଂ ମୁଖ୍ୟ ବକ୍ତା ରାଷ୍ଟ୍ରୀୟ ସ୍ତରର ଲେଖକ, ପତ୍ରକାର ତଥା ଚିନ୍ତାନାୟକ ରବିଶଙ୍କର ରାଷ୍ଟ୍ରୀୟ ନବବର୍ଷର ବିଶେଷତ ସମ୍ପର୍କରେ ମାର୍ଗଦର୍ଶନ ରଖିଥିଲେ। ସୁନାମ ଧନ୍ୟ କଳାକାର ମାନଙ୍କ ଦ୍ୱାରା ଉପସ୍ଥିତ ଦର୍ଶକ ମାନଙ୍କ ମନକୁ ମୋହିଲା ପରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବତନ ଜିଲ୍ଲା ସଂଘ ଚାଳକ କୈଳାଶଚନ୍ଦ୍ର ମହାପାତ୍ର, ପୂର୍ବତନ ସହ-ବିଭାଗ ସଂଘ ଚାଳକ ଯୋଗେନ୍ଦ୍ରନାଥ ସାହୁ, ପରିବେଶବିତ୍ ରମେଶଚନ୍ଦ୍ର ମିଶ୍ର, ଶିକ୍ଷାବିତ୍ ଅମରବର ଖଟୁଆ, ଗୋରକ୍ଷକ ରଙ୍ଗାଧର ନାଥ, କଳାକାର ଶ୍ୱେତପଦ୍ମା ମିଶ୍ରଙ୍କୁ ଅତିଥିମାନେ ମାନପତ୍ର ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମାଜସେବୀ ବବିତା ରାମ, ପ୍ରବଚିକା ବିଦୂଷୀ କଳ୍ପନା ତ୍ରିପାଠୀ ହିନ୍ଦୁ ଜାଗୃତି ମଞ୍ଚର ଉପଦେଷ୍ଟା ଦେବରାଜ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ କରିଥିଲେ। ଅବିନାଶ ଦାଶ, ପ୍ରତାପ ଝରା, ପ୍ରସାଦ ସାହୁ, ମିଳନ ନାଏକ, ବିରଞ୍ଚି ନାରାୟଣ ମହାନ୍ତ, ଲକ୍ଷ୍ମୀଧର ନାଏକ, ପ୍ରଣବ ବେହେରା, ସୁଶୀଲ ନାଏକ, କାମଳ ଲୋଚନ ମହାନ୍ତ, ସୁମନ୍ତ ସୋରେନ, ରଙ୍ଗାଧର ନାଥ, ରଞ୍ଜିତ ସାହୁ ଏବଂ ତାଙ୍କ ସହଯୋଗୀ ତଥା ପ୍ରମୁଖ ସଦସ୍ୟମାନଙ୍କ ସହଯୋଗରେ ଭବ୍ୟ ରାଷ୍ଟ୍ରୀୟ ନବବର୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସମ୍‌ରେ ବୋନ୍ ଟ୍ୟୁମର ସମ୍ପର୍କିତ ସିଏମ୍‌ଇ ଆୟୋଜିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ବୋନ୍ ଟ୍ୟୁମର ସମସ୍ୟା ଓ ଏ ସମ୍ପର୍କିତ ଚିକିତ୍ସାକୁ ନେଇ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ମସ୍କୁଲୋସ୍କେଲିଟାଲ୍ ସୋସାଇଟି ଅଫ୍ ଇଣ୍ଡିଆ (ଏମ୍‌ଏସ୍‌ଏସ୍) ପକ୍ଷରୁ ଏକ କଣ୍ଟିନୁଇଙ୍ଗ୍ ମେଡିକାଲ୍ ଏଜୁକେସନ୍ (ସିଏମ୍‌ଇ) ଆୟୋଜିତ ହୋଇଯାଇଛି। ଏହି ଏକ ଦିବସୀୟ କର୍ମଶାଳାରେ ଯୋଗ ଦେଇଥିବା ବିଶେଷଜ୍ଞମାନେ ଅତ୍ୟାଧୁନିକ ଇମେଜିଂ ଟେକ୍ନୋଲୋଜି ଓ ବୋନ୍ ଟ୍ୟୁମରର ଚିକିତ୍ସା ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା ରେଡିଓଲଜିକାଲ୍ ଆଣ୍ଡ ଇମେଜିଂ ଆସୋସିଏସନ୍ (ଓରିଆ) ଏବଂ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ସହଭାଗିତାରେ ଆୟୋଜିତ ଏହି ସିଏମ୍‌ଇର ପ୍ରସଙ୍ଗ ଥିଲା ‘ଏମ୍‌ଏସ୍‌କେ ଟ୍ୟୁମର୍ସ ଇମେଜିଂ ଆଣ୍ଡ ଇଣ୍ଟରଭେନ୍‌ସନ୍ସ’। ଏହି କାର୍ଯ୍ୟକ୍ରମରେ ମସ୍କୁଲୋସ୍କେଲିଟାଲ୍ ସୋସାଇଟିର ସଭାପତି ତଥା କାର୍ଯ୍ୟକ୍ରମର କାର୍ଯ୍ୟକାରୀ ଅଧକ୍ଷ ଡାକ୍ତର ଜୟରାଜ ଗୋବିନ୍ଦରାଜ ଯୋଗ ଦେଇ ବୋନ୍ ଟ୍ୟୁମର ଚିକିତ୍ସାରେ ନ୍ୟୁକ୍ଲିୟର ସ୍କାନ୍‌କୁ ଏକ ଗେମ୍ ଚେର ଭାବେ ଅବିହିତ କରିଥିଲେ। ନିଜ ଜ୍ଞାନକୁ ବିସ୍ତାରିତ କରିବା ଉପରେ ଗୁରୁତ୍ୱ ଦେଇ ବୈଷୟିକ ଜ୍ଞାନକୌଶଳକୁ ଅଧିକ ଜାଣିବା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ଇର କାର୍ଯ୍ୟକାରୀ ଅଧକ୍ଷ ଡାକ୍ତର ସତ୍ୟ ଏସ୍.ଜି. ମହାପାତ୍ର ବୋନ୍ ଟ୍ୟୁମରର ବିଭିନ୍ନ ପରୀକ୍ଷା ଓ ଇମେଜିଂ ମୋଡାଲିଟି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ଆୟୋଜକ ସମ୍ପାଦକ ଡାକ୍ତର ଆଦ୍ୟ କିଙ୍କର ପଣ୍ଡା ଓ ଏମ୍‌ଏସ୍‌ଏସ୍ ସଚିବ ତଥା କାର୍ଯ୍ୟକ୍ରମର ସହ-ଆୟୋଜକ ସମ୍ପାଦକ ଡାକ୍ତର ଧର୍ମେନ୍ଦ୍ର କେ. ସିଂହ ମଧ୍ୟ ବକ୍ତବ୍ୟ ରଖିଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ବିଶେଷଜ୍ଞମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଡାକ୍ତର ପଣ୍ଡା କହିଥିଲେ ଯେ ଶିଶୁମାନଙ୍କ କ୍ଷେତ୍ରରେ ବୋନ୍ ଟ୍ୟୁମର ଅଧିକ ଦେଖାଦେଉଥିବା ବେଳେ ଉଚିତ୍ ସମୟରେ ରୋଗ ନିରୂପଣ ଓ ଉପଯୁକ୍ତ ଚିକିତ୍ସା ଦ୍ୱାରା ରୋଗୀ ସମ୍ପୂର୍ଣ୍ଣ ରୋଗମୁକ୍ତ ହୋଇପାରିବେ। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଶିଶୁମାନଙ୍କ ଚିକିତ୍ସା ନିମନ୍ତେ ଏକ ପେଡିଆଟ୍ରିକ୍ ଅଙ୍କୋଲୋଜି ବିଭାଗ ରହିଛି ବୋଲି ସେ କହିଥିଲେ।

# ସହିଦଙ୍କୁ ଝୁରି କାନ୍ଦୁଛି ଗାଁ ମାଟି

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ଗାଁ ରାସ୍ତାରେ ଚାଲିଛି ଲମ୍ବା ଶୋଭାଯାତ୍ରା। ସମସ୍ତଙ୍କ ମୁହଁରେ ଭାରତ ମାତାର ଜୟଗାନ। ଏହି ଶୋଭାଯାତ୍ରାକୁ ଦେଖିଲେ ଆପଣ ବି ଭ୍ରମରେ ପଡିବେ। ହେଲେ ସହିଦ୍ ହୋଇଥିବା ଗ୍ରାମର ଯୁବକଙ୍କ ମରଶରୀରକୁ ସ୍ୱାଗତ କରି ନେଉଛନ୍ତି ଅଞ୍ଚଳବାସୀ।

କାନ୍ଦୁଛି ଗାଁ ମାଟି, କାନ୍ଦୁଛନ୍ତି ସମ୍ପର୍କୀୟ। ପରିବାର ଲୋକଙ୍କ ଠାରୁ ଆରମ୍ଭ କରି ସାହିପଡିଶା ସମସ୍ତଙ୍କ ଆଖିରେ ଲୁହ। କାହିଁକି ନା ସମସ୍ତଙ୍କର ଅତି ପ୍ରିୟ ମଣିଷ ଆଜି ଆରପାରିରେ। ଦେଶ ସେବା କରିବାକୁ ଯାଇଥିବା ପୁଅର ମୃତଦେହ ସୋମବାର ଫେରିଛି ଗ୍ରାମକୁ। ଆଉ ସେହି ମୃତଦେହକୁ ସ୍ୱାଗତ କରିବା ସହିତ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଏବଂ ଶେଷ ଦର୍ଶନ ନିମନ୍ତେ ହଜାର ହଜାର ଲୋକଙ୍କର ଭିଡ଼। ଏଭଳି ଚିତ୍ର ଦେଖିବାକୁ ମିଳିଛି କପ୍ତିପଦା ବ୍ଲକ ଧୂମକେତ ଗ୍ରାମରେ। ଧୂମକେତ ଗ୍ରାମର ଭଗୀରଥ ମହାନ୍ତ, ଯିଏ କି ୧୨ ବାଟାଲିୟନ ତଥା ସିଏଚଏମରେ ଯୋଗ ଦେଇଥିଲେ। ଲଦାଖ, ବିନାଗୁଡ଼ି, ଆସାମ ଶ୍ରୀନଗର, ଓଟିଏଗାତରେ କାର୍ଯ୍ୟ କରିବା ପରେ ରାଜସ୍ଥାନର ଗଙ୍ଗାନଗରରେ ସେ ଚାକିରି କରୁଥିଲେ। ତେବେ ଗତ ୫ ତାରିଖ ସକାଳେ ସେ କାର୍ଯ୍ୟ କରୁଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ପ୍ରଥମେ ଛତିଶଗଡ଼ କମାଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା, ଯାହାକି ସେ ଡ୍ୟୁଟିରେ ଥିବା ସମୟରେ ସହିଦ୍ ହୋଇଥିଲେ। ଏହି ଖବର ଜଣାପଡିବା ପରେ ଗ୍ରାମରେ ଶୋକର ଛାୟା। ପୁଅର ମୃତ୍ୟୁ ଖବର ପାଇବା ପର ଠାରୁ ମା’ ଆଖିର ଲୁହ ଶୁଖୁନାହିଁ। ତେଣେ ସ୍ତ୍ରୀ ୫ ବର୍ଷର ପୁଅ ଏବଂ ଦେଢ ବର୍ଷର ଝିଅର ମୁହଁକୁ ଚାହିଁ ନିଜର କୋହକୁ ସମ୍ଭାଳି ରଖିପାରୁନାହିଁ। ତାଙ୍କର ମୃତଦେହ ଆସି କପ୍ତିପଦା ଠାରେ ପହଞ୍ଚିବା ପରେ ସେଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଇ ନେବା ସହିତ ସହିଦ୍ ଭଗୀରଥ ମହାନ୍ତ ଅମର ରହେ ନାରାରେ ପ୍ରକମ୍ପିତ ହୋଇଥିଲା ପୂରା ପରିବେଶ। ଏ ସବୁ ଭିତରେ ଘରେ ପହଞ୍ଚିବା ପରେ ମୃତଦେହ କାନ୍ଦ ବୋବାଳିରେ ଫାଟି ପଡିଥିଲା ଗାଁ ପରିବେଶ। ସେପଟେ ନିୟମ ଅନୁସାରେ ସହିଦ୍ ଯବାନଙ୍କ ଶେଷକୃତ୍ୟ ସମୟରେ ତାଙ୍କୁ ଗାର୍ଡ ଅଫ୍ ଅନର ବାଟାଲିୟନ ପକ୍ଷରୁ ପ୍ରଦାନ କରାଯାଇଥିଲା। ନିଜ ମାଆ ମାଟି ପାଇଁ କାମ କରିବାକୁ ଯାଇଥିବା ପୁଅ ସହିଦ୍ ହୋଇଥିବାରୁ ଉଭୟ ସହିଦ୍ ଭଗୀରଥଙ୍କ ମାଆ ଏବଂ ଶାଶୂ ନିଜକୁ ବେଶ୍ ଗର୍ବିତ ଅନୁଭବ କରୁଛନ୍ତି। ଏ ସବୁ ଭିତରେ କପ୍ତିପଦା ମାଟି ଆଜି ଭଗିରଥଙ୍କ ପାଇଁ ଗର୍ବିତ। ତାଙ୍କର ମର ଶରୀର ଗ୍ରାମରେ ପହଞ୍ଚିବା ଠାରୁ ଆରମ୍ଭ କରି ଶେଷକୃତ୍ୟ ପର୍ଯ୍ୟନ୍ତ ହଜାର ହଜାର ସ୍ଥାନୀୟ ଲୋକଙ୍କ ଉପସ୍ଥିତି ରହିଥିବା ଦେଖିବାକୁ ମିଳିଥିଲା।





# ରୁକୁଣା ରଥଯାତ୍ରା ପାଇଁ ଜାରି ହେଲା ଟ୍ରାଫିକ କଟକଣା




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ୧୬ ତାରିଖ ଦିନ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ଓ ରୁକୁଣା ରଥଯାତ୍ରା। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ବେଳେ ପୁଲିସ ପ୍ରଶାସନ ମଧ୍ୟ ତା'ର ପ୍ରସ୍ତୁତି ଚଳାଇଛି । ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ନଜରରେ ରଖି ପୁଲିସ ପକ୍ଷରୁ ଟ୍ରାଫିକ କଟକଣା ଜାରି କରାଯାଇଛି । କମିଶନରେଟ୍ ପୁଲିସ ପକ୍ଷରୁ ଜାରି ହୋଇଥିବା ଟ୍ରାଫିକ କଟକଣା ଅନୁସାରେ ଏପ୍ରିଲ ୧୬ ଓ ୧୭ ତାରିଖ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଏବଂ ଏପ୍ରିଲ ୨୦ ଓ ୨୧ ବାହୁଡ଼ା ଯାତ୍ରା ଉପଲକ୍ଷେ ଯାନ-ବାହାନର ସୁନିୟନ୍ତ୍ରିତ ଚଳାଚଳ ତଥା ଜନସାଧାରଣ ଓ ପଥଚାରୀଙ୍କ ସୁବିଧା ଉଦ୍ଦେଶ୍ୟରେ କଟକଣା ଲାଗୁ କରାଯାଇଛି । କୌଣସି ଯାନବାହାନକୁ ମାଉସୀ ମା' ଛକ ଠାରୁ ରଥ ରୋଡ୍‌ରେ ଯିବାକୁ ଅନୁମତି ଦିଆଯିବ ନାହିଁ । ସେହି ଗାଡ଼ିଗୁଡ଼ିକ ମାଉସୀ ମା' ଛକ ଠାରୁ ମ୍ୟୁଜିୟମ୍ ଛକ କିମ୍ବା ବିବେକାନନ୍ଦ ମାର୍ଗ ରାସ୍ତାରେ ଯିବା ଆସିବା କରିପାରିବେ। କୌଣସି ପ୍ରକାର ଯାନବାହାନ ବାରିକ ସାହି ଗଳି, ମହାରଣା ସାହି ଗଳି, ଗୋସାଗରେଶ୍ୱର ଛକ ଗଳି, ଶୀତଳ ଷଷ୍ଠୀ ଛକ ଗଳି, ତିନିମୁଣ୍ଡିଆ ଛକ ଗଳି, ହରଚଣ୍ଡୀ ଗଳି, ମୁନା ମେଡ଼ିକାଲ୍ ଗଳି, ପୁନମା ଗେଟ୍ ଗଳି ପଟୁ ଏବଂ ଅନ୍ୟ ସାହି ରାସ୍ତା ଅଥବା ଗଳି ରାସ୍ତା ଯାହାକି ରଥ ରୋଡ୍‌କୁ ସଂଯୋଗ କରୁଛି, ସେହି ରାସ୍ତା ଅଥବା ଗଳିରୁ କୌଣସି ଯାନବାହାନ ରଥ ରୋଡ୍‌ରେ ଯିବା ଆସିବା କରିପାରିବେ ନାହିଁ । ରଥ ଖଳା ଠାରୁ ରଥ ରୋଡ୍‌ରେ କୌଣସି ଯାନବାହାନ ଯିବାକୁ ଦିଆଯିବ ନାହିଁ । ସେମାନେ ରଥ ଖଳା ଠାରୁ ବାଟ ମହାଦେବ ମନ୍ଦିର ରାସ୍ତା ଦେଇ ଯାଇପାରିବେ । ଏହି ନିୟମକୁ ଖିଲାପ କଲେ ଓଡ଼ିଶା ଅର୍ବାନ୍ ପୁଲିସ ଆକ୍ଟ ୨୦୦୩ ଧାରା ୯୬ ଅନୁସାରେ ୫୦୦ ଟଙ୍କା କିମ୍ବା ସର୍ବାଧିକ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ ।

# ସାମ୍ବାଦିକଙ୍କୁ ଆକ୍ରମଣ : ୪ ଅଭିଯୁକ୍ତ ଗିରଫ



**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ସଦରରେ ସାମ୍ବାଦିକଙ୍କୁ ବାଲି ମାଫିଆଙ୍କ ଆକ୍ରମଣ ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି ସଦର ଥାନା ପୋଲିସ। ଅଭିଯୁକ୍ତ ହେଲେ ଚନ୍ଦନ ପାଲ୍, କ୍ଷୀରୋଦ ପାଲ୍, ନନ୍ଦନ ପାଲ୍, ପ୍ରେମାନନ୍ଦ ପାଲ। ସମସ୍ତଙ୍କ ଘର କାଜିପାଟଣା ଅଞ୍ଚଳରେ। କଟକ ସଦର ଥାନା ଅଞ୍ଚଳରେ ସାମ୍ବାଦିକ ଆରିତ ମାହାପାତ୍ରଙ୍କୁ ବାଲି ମାଫିଆମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ମଙ୍ଗଳବାର ରାତିରେ ଆରିତ ଘରକୁ ଫେରୁଥିବା ବେଳେ କାଜିପାଟଣା ଛକରେ ପାଞ୍ଚରୁ ଛଅ ଜଣ ବାଲି ମାଫିଆ ତାଙ୍କ ଉପରେ ଲୁହାରଡ଼ ଓ ପଥରରେ ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣରେ ସାମ୍ବାଦିକଙ୍କ ହାତ ଗୋଡ଼ ଭାଙ୍ଗିବା ସହ ମୁଣ୍ଡ ଫାଟିଯାଇଛି । ଏବେ ସେ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ପୂର୍ବରୁ କାଜିପାଟଣା ଅଞ୍ଚଳରେ ଚୋରା ବାଲି ଚାଲାଣ ହେଉଥିବା ନେଇ ଆରିତ ଖବର ସଂଗ୍ରହ କରିବା ପାଇଁ ଯାଇଥିଲେ। ବାଲି ଚୋରା ଚାଲାଣ ବେଳର ଭିଡ଼ିଓ ଉତ୍ତୋଳନ କରିବା ବେଳେ ବାଲି ମାଫିଆଙ୍କ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ଜୀବନରୁ ମାରିଦେବାକୁ ମଧ୍ୟ ଧମକ୍ ଦେଇଥିଲେ ବାଲି ମାଫିଆ।

# ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ବିଶ୍ୱ ହୋମିଓପାଥି ଦିବସ ପାଳିତ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଶିଷ୍ଟ ଜର୍ମାନ ଚିକିତ୍ସକ ଓ ହୋମିଓପାଥି ଚିକିତ୍ସାର ଜନକ ସାମୁଏଲ ହନେମନଙ୍କ ଜୟନ୍ତୀ ଉପଲକ୍ଷେ, ତା ୧୦ ଏପ୍ରିଲ ୨୦୨୪ ଦିନ, ସୁନାମଧନ୍ୟ ହୋମିଓପାଥି ଚିକିତ୍ସକ ଅକ୍ଷୟ କୁମାର ମିଶ୍ରଙ୍କୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ମନୋଜ କୁମାର ସିଂ, ଉପ-ମହାପ୍ରବନ୍ଧକ ଓ ମଣ୍ଡଳ ବିକାଶ ଅଧିକାରୀ, ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଠାରେ ସମ୍ବର୍ଦ୍ଧିତ କରିଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା : ୩ ମୃତ

**କୋରାପୁଟ, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅନ୍ତର୍ଗତ ଗାଗନାପୁର ଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ମୃତକମାନେ ଧନପୁର୍ ଓ ସାନପିଣ୍ଡାପଦର୍ ଅଞ୍ଚଳର ବୋଲି ଜଣାଯାଇଛି ।

ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ଗାଗନାପୁର ନିକଟରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା । ପରେ ଦୁଇଟି ବାଇକ୍ ଥିବା ଯୁବକମାନେ ଛିଟିକି ତଳେ ପଡ଼ିଯାଇଥିଲେ। ପୁଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ଏହାସହ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ରାତିରେ ଯାତ୍ରା ଦେଖି ଫେରୁଥିବା ବେଳେ ଏପରି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି । ଖବର ପାଇ ଜୟପୁର ସଦର ଥାନା ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇଟି ବାଇକ୍‌କୁ ଜବତ କରି ଘଟଣା ତଦନ୍ତ ଆରମ୍ଭ କରିଛି ।

# କଟକରେ ନିୟନ୍ତ୍ରଣକୁ ଆସୁଛି ଜଣ୍ଡିସ୍

**କଟକ, ନ୍ୟୁଜ୍‌ବ୍ୟୁରୋ**

ଜଣ୍ଡିସ ବ୍ୟାପିବାରେ ଲାଗିବ ରୋକ । କଟକରେ ଜଣ୍ଡିସ ରୋଗୀଙ୍କ ସଂଖ୍ୟା ବଢ଼ିବା ଏକ ଚିନ୍ତାର ବିଷୟ ପାଲଟିଥିଲା। ମଙ୍ଗଳା ମନ୍ଦିର ପାଖ ପୋଷ୍ଟ ଅଫିସ ଲେନରୁ ୧୧ ଜଣ ସ୍ଥାନୀୟବାସିନ୍ଦା ଜଣ୍ଡିସରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ଟ୍ୟାପ୍‌ରେ ଆସୁଥିବା ଦୂଷିତ ପାଣି ପିଇ ଜଣ୍ଡିସ ବ୍ୟାପିଥିବା ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଥିଲେ। ଏପର୍ଯ୍ୟନ୍ତ ସରକାରୀ ସ୍ତରରେ ୧୧ ଜଣ ଜଣ୍ଡିସ ରୋଗୀ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ତେବେ ଜଣ୍ଡିସକୁ ବ୍ୟାପିବାରୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି । ସିଏମ୍‌ସି ଅଧୀନରେ ଥିବା ୫୨ ନମ୍ବର ୱାର୍ଡ ରାଜେନ୍ଦ୍ର ନଗରରେ ଗତ କିଛି ଦିନ ହେବ ଜଣ୍ଡିସ ପ୍ରଭାବିତ ହୋଇଥିଲା। ପ୍ରଥମ ଦିନ ୩ ଜଣ ଚିହ୍ନଟ ହେବାପରେ ୪୮ ଜଣଙ୍କ ରକ୍ତ ନମୂନା ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଯାଇଥିଲା। ତେବେ ସେଥିରୁ ୮ ଜଣ ଜଣ୍ଡିସ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ମଙ୍ଗଳବାର ୮ ଜଣଙ୍କ ବ୍ଲଡ଼ ଟେଷ୍ଟ ପାଇଁ ଯାଇଛି । ତେବେ ଏଯାବତ୍ କୌଣସି ରିପୋର୍ଟ ହସ୍ତଗତ ହୋଇନଥିବା କହିଛନ୍ତି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ମକରନ୍ଦ ବେଉରା। ଅନ୍ୟପଟେ ଉକ୍ତ ୱାର୍ଡରେ ଅଧିକ ଜଣ୍ଡିସ ନବ୍ୟାପିବା ପାଇଁ ୱାଟ୍‌କୋ ବିଭାଗକୁ ପାନୀୟ ଜଳ ପାଇଁ ବିଛା ଯାଇଥିବା ପାଇପ୍ ପରିବର୍ତ୍ତନ କରିବା ପାଇଁ ନିର୍ଦ୍ଦେଶ ରହିଛି । ଆଉ ସେଠାରେ ମଧ୍ୟ ପାଇପ ପରିବର୍ତ୍ତନ କରାଯାଇଛି । ବର୍ତ୍ତମାନ ରାଜେନ୍ଦ୍ର ନଗରରେ ସର୍ଭିଲାନ୍ସ ଟିମ୍ ରହିଛି । ରକ୍ତ ନମୂନା ସଂଗ୍ରହ କରିବା ସହ ହାଲୋଜିନ ବଟିକା , ଓଆରଏସ ଓ ଅନ୍ୟାନ୍ୟ ଡାକ୍ତରୀ ସେବା ଜାରି ରଖିଛନ୍ତି । କିପରି ଜଣ୍ଡିସ ଶୀଘ୍ର କଣ୍ଟ୍ରୋଲକୁ ଆସିବ ସେନେଇ ସମସ୍ତ ବ୍ୟବସ୍ଥା କରାଯାଇଛି । ସିଏମ୍‌ସି ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୋଟିଏ ଲେଖାଏଁ ଟିମ୍ ଗଠନ କରାଯାଇଛି । ସଂକ୍ରମିତ ଅଞ୍ଚଳରେ ପ୍ରତିଦିନ ସର୍ଭିଲାନ୍ସ ଟିମ୍ ମଧ୍ୟ ରହିଛନ୍ତି ଯାହା ଅନୁମାନ କରାଯାଉଛି । ଏହି ସଂଖ୍ୟା ରୁ ଅଧିକ ସଂଖ୍ୟକ ଆକ୍ରାନ୍ତ ଆଉ ଚିହ୍ନଟ ହେବେନାହିଁ ବୋଲି କହିଛନ୍ତି ସିଡିଏମଓ। ଏହାସହ ଆଶା, ଅଙ୍ଗନବାଡି କର୍ମୀ ଓ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଘରକୁ ଘର ବୁଲି ବଟିକା ବାଣ୍ଟିବା ସହ ସଚେତନତା ପରାମର୍ଶ ଦେଉଛନ୍ତି । ପାଇପ ଲାଇନ୍‌କୁ ସଫା କରିବା ପାଇଁ ବିଭାଗକୁ କୁହାଯାଇଛି । ଏହାସହ ନଳ ସଫା କାର୍ଯ୍ୟ ଆରମ୍ଭ ହୋଇ ସାରିଛି । ଯେତିକି ବର୍ତ୍ତମାନ ସଂକ୍ରମିତ ଅଛନ୍ତି ଏହା ସେତିକିରେ ସୀମିତ ରହିବ ବୋଲି ଆକଳନ କରିଛି ସିଏମ୍‌ସି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୁଦ୍ରାକର ଏବଂ ପ୍ରକାଶକଙ୍କ ପରିଚୟ ବିନା...

ଖବରକାଗଜରେ ରାଜନୈତିକ ବିଜ୍ଞାପନ ପ୍ରକାଶ କରିବା ସମୟରେ ସମ୍ପାଦକମାନେ ସତର୍କ ରହିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ରାଜନୈତିକ ଦଳ ନିଜର ପ୍ରଚାର ପାଇଁ ବିଜ୍ଞାପନ ପ୍ରକାଶିତ କରିପାରିବେ କିନ୍ତୁ କୌଣସି ଦଳ କିମ୍ବା ପ୍ରାର୍ଥୀଙ୍କ ବିରୁଦ୍ଧରେ ବିଜ୍ଞାପନର ପ୍ରଚାର ଓ ପ୍ରସାର କରିବା ନିଷେଧ । କ୍ଷମତାରେ ଥିବା ଦଳ ସରକାରୀ ଖର୍ଚ୍ଚରେ କୌଣସି ରାଜନୈତିକ ବିଜ୍ଞାପନ ପ୍ରକାଶିତ କରିବା ନିଷେଧ । ସମସ୍ତ ରାଜନୈତିକ ବିଜ୍ଞାପନ ଉପଯୁକ୍ତ ସାର୍ଟିଫିକେଟ୍ ଓ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ହିଁ ପ୍ରଦର୍ଶିତ ହୋଇ ପାରିବ ।

## ପ୍ରଥମ ପର୍ଯ୍ୟାୟ ଲୋକସଭା...

ପ୍ରାର୍ଥୀଙ୍କ ସମ୍ପତ୍ତି ତଥ୍ୟକୁ ବିଶ୍ଳେଷଣ କରି ଜାଣିବାକୁ ପାଇଛି ଯେ ୩୩୨ ଜଣ ସେମାନଙ୍କ ସମ୍ପତ୍ତି ୨ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ବୋଲି ଘୋଷଣା କରିଛନ୍ତି। ଏମାନଙ୍କ ମଧ୍ୟରୁ ୧୯୩ ଜଣ ପ୍ରାର୍ଥୀଙ୍କ ପାଖରେ ୫ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ରହିଛି । ୧୬୧୮ ପ୍ରାର୍ଥୀଙ୍କ ମଧ୍ୟରୁ ୨୭୭ ଜଣଙ୍କ ସମ୍ପତ୍ତିର ମୂଲ୍ୟ ୫୦ ଲକ୍ଷରୁ ୨ କୋଟି ଟଙ୍କା ଏବଂ ଅନ୍ୟ ୪୩୬ ଜଣ ୧୦ ଲକ୍ଷରୁ ୫୦ ଲକ୍ଷ ଟଙ୍କାର ସମ୍ପତ୍ତି ଘୋଷଣା କରିଛନ୍ତି । ୫୭୩ ଜଣ ପ୍ରାର୍ଥୀଙ୍କ ସମ୍ପତ୍ତି ୧୦ ଲକ୍ଷ ଟଙ୍କାରୁ କମ୍ ରହିଛି । ରିପୋର୍ଟ ଅନୁଯାୟୀ, ବିଜେପିର ୭୭ ପ୍ରାର୍ଥୀଙ୍କ ମଧ୍ୟରୁ ୨୮, କଂଗ୍ରେସର ୫୬ ପ୍ରାର୍ଥୀଙ୍କ ମଧ୍ୟରୁ ୧୯, ତୃଣମୂଳ କଂଗ୍ରେସର ୫ ପ୍ରାର୍ଥୀଙ୍କ ମଧ୍ୟରୁ ୨ ଜଣଙ୍କ ନାମରେ ଅପରାଧିକ ମାମଲା ରହିଛି । ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି)ର ସମସ୍ତ ୪ ଜଣ ପ୍ରାର୍ଥୀ, ସମାଜବାଦୀ ପାର୍ଟିର ୭ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୩ ଜଣ, ବିଏସ୍‌ପିର ୮୬ ପ୍ରାର୍ଥୀଙ୍କ ମଧ୍ୟରୁ ୧୧ ଜଣ, ଡିଏମକେର ୨୨ ପ୍ରାର୍ଥୀଙ୍କ ମଧ୍ୟରୁ ୧୩ ଜଣ ଏବଂ ଏଆଇଏଡିଏମକେର ୩୬ ପ୍ରାର୍ଥୀଙ୍କ ମଧ୍ୟରୁ ୧୩ ଜଣଙ୍କ ନାମରେ ଅପରାଧିକ ମାମଲା ରହିଛି। ୧ କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ଘୋଷଣା କରିଥିବା ପ୍ରାର୍ଥୀଙ୍କ ମଧ୍ୟରେ ଆରଜେଡିର ସମସ୍ତ ୪ ଜଣ, ବିଜେପିର ୬୯ ଜଣ, କଂଗ୍ରେସର ୪୯ ଜଣ, ଟିଏମସିର ୪ ଜଣ, ବିଏସ୍‌ପିର ୧୮ ଜଣ, ଏଆଇଏଡିଏମକେର ୩୫ ଜଣ ଏବଂ ଡିଏମକେର ୨୨ ଜଣ ପ୍ରାର୍ଥୀ ଅଛନ୍ତି। ରିପୋର୍ଟ ଅନୁଯାୟୀ, ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୪.୫୧ କୋଟି ଟଙ୍କା। ଲୋକସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ମତଦାନ ଏପ୍ରିଲ ୧୯ ତାରିଖରେ ଅନୁଷ୍ଠିତ ହେବ।

## ୩୮ ଜଣିଆ ନିର୍ବାଚନୀ ଇସ୍ତାହାର...

ସ୍ନେହାଙ୍ଗିନୀ ଛୁରିଆ, ସୁଶାନ୍ତ ସିଂହ, ଦିବ୍ୟଶଙ୍କର ମିଶ୍ର, ଶ୍ରୀମତୀ ଶ୍ରୀମୟୀ ମିଶ୍ର, ଚିନ୍ମୟ ସାହୁ, ଚିରଞ୍ଜୀବ ବିଶ୍ୱାଳ, ସୁବାସ ସିଂହ, ବ୍ୟୋମକେଶ ରାୟ, ଦେବୀ ରଂଜନ ତ୍ରିପାଠୀ, ରମେଶ ଚନ୍ଦ୍ର ମାଝୀ, ଦିଲ୍ଲୀପ ତିର୍କୀ, ରବି ନାରାୟଣ ନନ୍ଦ, ଅମରେଶ ପତ୍ରୀ, ଶେଖ୍ ନିଜାମୁଦ୍ଦିନ୍, ତନ୍ମୟ ସ୍ୱାଇଁ, ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ଶ୍ରୀମତୀ ବିଷ୍ଣୁପ୍ରିୟା ଦାସ, ସଞ୍ଜିତ୍ ମହାନ୍ତି, ଶ୍ରୀମତୀ ପଙ୍କଜିନୀ ମଙ୍ଗରାଜ, ଶ୍ରୀମତୀ ମାମିନା ନାୟକ ଓ କିଶୋର ଦେବତା ନିଯୁକ୍ତି ପାଇଛନ୍ତି।

## ମୋଦିଜୀ କ୍ଷମତାକୁ...

ମୋଦି କରତାରପୁର ସାହିବର କରିଡର ଖୋଲିଥିଲେ। ମୋଦିଜୀ ସବୁ ଅସମ୍ଭବ କାମ କରିଛନ୍ତି। ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କର ଏକ ବଡ଼ ମନ୍ଦିର ନିର୍ମାଣ କରିବା ସହ ଶତ୍ରୁ ଦେଶ ପାକିସ୍ତାନକୁ ନିଜର ସ୍ଥାନ ଦେଖାଇଛନ୍ତି। ଏବେ ଏକ ବାଣ ଫୁଟିଲେ ବି ପାକିସ୍ତାନ ସ୍ପଷ୍ଟ କରୁଛି ଯେ, ଆମେ ବାଣ ଫୁଟାଇ ନାହୁଁ। ଏବେ ସେମାନଙ୍କ ମନରେ ଏତେ ଭୟ ରହୁଛି। ଏହା ହେଉଛି ନୂଆ ଭାରତ, ଘର ଭିତରେ ପଶି ଶତ୍ରୁକୁ ମାରିବାର କ୍ଷମତା ନୂଆ ଭାରତ ପାଖରେ ଅଛି।

## ଏବର୍ଷ ଓଡ଼ିଶାରେ...

ଓ ୯୬ ପ୍ରତିଶତରୁ ୧୦୪ ପ୍ରତିଶତ ବର୍ଷାକୁ ସ୍ୱାଭାବିକ ଭାବରେ ଗଣା ଯାଇଥାଏ। ଚାଷ ପାଇଁ ଏହା ଉତ୍ତମ ସଙ୍କେତ ବୋଲି କୁହାଯାଏ। ସ୍କାଏମେଟ୍ ସୂଚନା ଅନୁସାରେ ଜୁନରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଅବଧିରେ ୮୬୮.୬ ମି.ମି ବର୍ଷାକୁ ସ୍ୱାଭାବିକ କୁହାଯାଇଥାଏ। ଏହି ସମୟ ମଧ୍ୟରେ ଅନ୍ତତଃପକ୍ଷେ ଏତିକି ପରିମାଣର ବର୍ଷା ହେବାର ଆବଶ୍ୟକତା ରହିଛି । ମାତ୍ର ଚଳିତ ବର୍ଷ ଦେଶର ଅନ୍ୟାନ୍ୟ ଭାଗରେ ବର୍ଷାର ପରିମାଣ ସ୍ୱାଭାବିକ ଥିବାବେଳେ ପୂର୍ବ ଭାରତର ଓଡ଼ିଶା ସମେତ ୪ ରାଜ୍ୟ ସ୍ୱାଭାବିକ ବର୍ଷାରୁ ବଞ୍ଚିତ ହେବ। ସ୍କାଏମେଟ ପରିଚାଳନା ନିର୍ଦ୍ଦେଶକ ଅଜିତ୍ ସିଂହ କହିଛନ୍ତି ଯେ ଚଳିତ ବର୍ଷ ମୌସୁମୀ ଆଗମନର ପ୍ରାରମ୍ଭରେ ଏଲ୍ ନିନୋ ପ୍ରଭାବରେ ବର୍ଷା ପ୍ରଭାବିତ ହୋଇପାରେ। ତେବେ ପରବର୍ତ୍ତୀ ସମୟରେ ଏହା ସ୍ୱାଭାବିକ ହେବ। ତାଙ୍କ ସଂସ୍ଥା ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ଓଡ଼ିଶାରେ ଜୁନ୍ ମାସରେ ୩୦% କମ୍ ବର୍ଷା ହୋଇପାରେ। ସେହିପରି ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବରରେ ୨୦% କମ୍ ବର୍ଷା ହେବାର ସମ୍ଭାବନା ରହିଛି । କେନ୍ଦ୍ର ସରକାରଙ୍କ ଭୂ ବିଜ୍ଞାନ ମନ୍ତ୍ରଣାଳୟ ୨୦୨୨ରେ ମୌସୁମୀରେ ସ୍ୱାଭାବିକ ବର୍ଷାକୁ ନେଇ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ କରିଥିଲା। ଜୁନ୍ ମାସରୁ ସେପ୍ଟେମ୍ବର ମାସ ଅର୍ଥାତ୍ ଲଙ୍ଗ ପିରିୟଡ୍ ଆଭେରେଜ୍ (ଏଲପିଏ)ରେ ୮୭୦ମିମି ବର୍ଷାକୁ ସ୍ୱାଭାବିକ ବର୍ଷା ବୋଲି ଉଲ୍ଲେଖ କରିଛି। ପୂର୍ବରୁ ୨୦୧୮ ମସିହାର ରିପୋର୍ଟରେ ୮୮୦ ମିଲିମିଟର ବର୍ଷାକୁ ସ୍ୱାଭାବିକ ବୋଲି କୁହାଯାଇଥିଲା। ଦେଶର ଅର୍ଥନୀତି ନିମନ୍ତେ ବର୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସାରା ଦେଶରେ ହେଉଥିବା ମୋଟ ବର୍ଷାର ୭୦% ମୌସୁମୀରେ ହିଁ ହୋଇଥାଏ। ଦେଶର ପ୍ରାୟ ୮୦% କୃଷକ ଚାଷ ପାଇଁ ବର୍ଷା ଉପରେ ନିର୍ଭର କରିଥାଆନ୍ତି, ତେଣୁ କମ୍ ବର୍ଷା ହେଲେ ସ୍ୱାଭାବିକ ଭାବରେ ଫସଲ ଅମଳ ଉପରେ ଖରାପ ପ୍ରଭାବ ପଡ଼ିଥାଏ ଓ ଦରଦାମ ବୃଦ୍ଧି ଘଟିଥାଏ। ଦେଶର ଅର୍ଥ ବ୍ୟବସ୍ଥାରେ କୃଷି କ୍ଷେତ୍ରର ଅବଦାନ ପ୍ରାୟ ୨୦%। ଅନୁରୂପ ଭାବରେ ଦେଶର ଅର୍ଦ୍ଧାଧିକ ଲୋକ ଜୀବିକା ନିମନ୍ତେ କୃଷି ଉପରେ ନିର୍ଭର କରିଥାଆନ୍ତି। ତେଣୁ ଓଡ଼ିଶାରେ କମ୍ ବର୍ଷା ଆଶଙ୍କା କୃଷି କ୍ଷେତ୍ର ଉପରେ ନକରାତ୍ମକ ପ୍ରଭାବ ପକାଇବାର ଆଶଙ୍କା ରହିଥିବା କୁହାଯାଉଛି।

## ଆୟର୍ଲାଣ୍ଡର ସର୍ବ କନିଷ୍ଠ ପ୍ରଧାନମନ୍ତ୍ରୀ ହେଲେ...

ହୋଇପାରନ୍ତି ବୋଲି ଅନୁମାନ କରାଯାଉଥିଲା ଏବଂ ତାହା ହିଁ ହେଲା। ମଙ୍ଗଳବାର ଆୟର୍ଲାଣ୍ଡ ସଂସଦରେ ହାରିସଙ୍କ ସମର୍ଥନରେ ୮୮ଟି ଭୋଟ୍ ପଡ଼ିଥିଲା। ତାଙ୍କୁ ମେଣ୍ଟ ଦଳଗୁଡ଼ିକ ସହ ଅନେକ ନିର୍ଦ୍ଦଳୀୟ ସାଂସଦଙ୍କର ମଧ୍ୟ ସମର୍ଥନ ମିଳିଥିଲା। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆୟର୍ଲାଣ୍ଡର ସର୍ବ କନିଷ୍ଠ ପ୍ରଧାନମନ୍ତ୍ରୀ ହୋଇଥିବାରୁ ସାଇମନ୍ ହାରିସ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ଏକ୍ସରେ ଲେଖିଛନ୍ତି, ''ଆମେ ଆମର ଐତିହାସିକ ସମ୍ପର୍କକୁ ଅତ୍ୟଧିକ ଗୁରୁତ୍ୱ ଦେଉ, ଯାହା ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଏକ ସହଭାଗୀ ବିଶ୍ୱାସ ଉପରେ ଆଧାରିତ। ଭାରତ-ଆୟର୍ଲାଣ୍ଡ ଦ୍ୱିପାକ୍ଷିକ ଭାଗିଦାରୀକୁ ଆହୁରି ମଜଭୁତ କରିବା ପାଇଁ ମିଳିତ ଭାବରେ କାର୍ଯ୍ୟ କରିବାକୁ ଆଶାବାଦୀ ଅଛି''।

## ଗ୍ରହଣ ହେଲାନି ରାମଦେବଙ୍କ କ୍ଷମା...

ଏହାକୁ ଗଣମାଧ୍ୟମ ନିକଟକୁ ପଠାଇଲେ। ମଙ୍ଗଳବାର ରାତି ସାଢେ ୭ଟା ପର୍ଯ୍ୟନ୍ତ ଏହା ଆମ ପାଇଁ ଅପଲୋଡ ହୋଇ ନ ଥିଲା। ତେଣୁ ସେମାନେ ପ୍ରକୃତରେ ପ୍ରଚାର ଉପରେ ବିଶ୍ୱାସ କରୁଛନ୍ତି। ଏଥିପାଇଁ ଉଭୟ କ୍ଷମା ପ୍ରାର୍ଥନା କରି ସାରିଥିବା ସେମାନଙ୍କ ଓକିଲ ମୁକୁଲ ରୋହତଗୀ କୋର୍ଟଙ୍କୁ ଅବଗତ କରାଇଥିଲେ। ମାତ୍ର ସୁପ୍ରିମକୋର୍ଟ ଏହାକୁ ଗ୍ରହଣ କରି ନାହାନ୍ତି। ଜଷ୍ଟିସ ଅମାନୁଲ୍ଲା କହିଛନ୍ତି, କିଏ ଏହି ଆଫିଡେଭିଟ ପ୍ରସ୍ତୁତ କରିଛି, ଆପଣ ଏହା ସହ ବିଶ୍ୱାସଘାତକତା କରୁଛନ୍ତି। ଆମେ ଏହା ଦେଖି ଚକିତ ହୋଇ ଯାଉଛୁ। ଆପଣ ନିଜ ହୃଦୟରୁ କ୍ଷମା ପ୍ରାର୍ଥନା କରୁଛନ୍ତି କି ବୋଲି ବିଚାରପତି ପତଞ୍ଜଳି ଓକିଲଙ୍କୁ ପଚାରିଥିଲେ। ଆମର ତ୍ରୁଟି ହୋଇଛି, କିନ୍ତୁ ଆପଣଙ୍କର ଏଥିରେ ବିଶ୍ୱାସ ନ ଥିଲେ କ'ଣ କରିବାକୁ ପଡ଼ିବ କୁହନ୍ତୁ ବୋଲି ମୁକୁଲ ରୋହତଗୀ କହିଥିଲେ। ଏନେଇ ସୁପ୍ରିମକୋର୍ଟ କହିଲେ, 'ତ୍ରୁଟି ହୋଇଗଲା' ଖୁବ୍ ଛୋଟ ଶବ୍ଦ । ଜାଣିଶୁଣି କୋର୍ଟର ଅବମାନନା କରାଯାଇଛି। ଆମେ ଏହାକୁ ହାଲକା ଭାବେ ଗ୍ରହଣ କରି ପାରିବୁନି। ଆମେ ଏହି ମାମଲାରେ ଅଧିକ ଉଦାର ହୋଇ ପାରିବୁନି। ଆମେ ଏହାକୁ ଅଗ୍ରାହ୍ୟ କରୁଛୁ କାରଣ ଏହା କେବଳ ଏକ କାଗଜ ଖଣ୍ଡ । ଆମେ ଅନ୍ଧ ନୁହଁ । ଆମକୁ ସବୁ ଦେଖାଯାଉଛି। ମୋ' ମହକିଲ ପେସାଦାର ଅପରାଧୀ ନୁହନ୍ତି। ଲୋକଙ୍କ ଦ୍ୱାରା ତ୍ରୁଟି ହୋଇଥାଏ ବୋଲି ମୁକୁଲ ରୋହତଗୀ କହିଥିବା ବେଳେ ଏହି ମାମଲାରେ ଅଧିକ ଉଦାର ହେବାକୁ ଚାହୁଁନୁ । ଏହାର ପରିଣାମ ଭୋଗିବାକୁ ପ୍ରସ୍ତୁତ ରହିବାକୁ କହିଛନ୍ତି ସୁପ୍ରିମକୋର୍ଟ ।

## ମୋରମ ଖଣିକୁ ଖସିଲା...

ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ । ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଏହି ଘଟଣା ନେଇ ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କ ଚିକିତ୍ସା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଥିବା କହିଛନ୍ତି । ସେହିପରି ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦ ବୋଲି ଏକ୍ସରେ ଉଲ୍ଲେଖ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଏହି ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦାୟକ ବୋଲି ସୋସିଆଲ ମିଡିଆ ଏକ୍ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଲ୍ଲେଖ କରିଛନ୍ତି। ଯେଉଁମାନେ ନିଜର ପ୍ରିୟଜନଙ୍କୁ ହରାଇଛନ୍ତି, ସେମାନଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ପ୍ରଧାନମନ୍ତ୍ରୀ।

## ଚାଷୀ, ଶିକ୍ଷିତ ବେକାର ଯୁବକଙ୍କ...

ସରକାର ସ୍ୱତନ୍ତ୍ର ଭାବେ କୃଷି ବଜେଟ୍ ଦୀର୍ଘ ବର୍ଷ ଧରି କରିଆସୁଛନ୍ତି। ଓଡ଼ିଶାରେ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଜଳସେଚନ ବ୍ୟବସ୍ଥାର ସଂପ୍ରସାରଣ ଉପରେ ସରକାର ପ୍ରାଥମିକତା ଦେଇଛନ୍ତି। ଯାହା ଫଳରେ ଖାଦ୍ୟ ଶସ୍ୟ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟରେ ପରିଣତ ହୋଇଛି ଏବଂ କୃଷିର ଉନ୍ନତି ପାଇଁ ଓଡ଼ିଶାକୁ ଅନେକବାର କୃଷି କର୍ମଣ ପୁରସ୍କାର ପ୍ରାପ୍ତ ହୋଇଛି। ନବୀନ ସରକାରଙ୍କ ନିରନ୍ତର ଉଦ୍ୟମ ଫଳରେ ଓଡ଼ିଶାର ଚାଷୀ କୂଳ ଅନେକ ଭାବରେ ଉପକୃତ ହୋଇଥିବା ସମୀକ୍ଷକ ମତ ରଖିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରରେ ମୋଦି ସରକାର ମଧ୍ୟ ଚାଷୀମାନଙ୍କ ଉନ୍ନତି ପାଇଁ ବହୁବିଧ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ଏବଂ ତାହାର ଲାଭ ଯେପରି ଚାଷୀଙ୍କ ପାଖରେ ପହଞ୍ଚିବ ସେଥିପାଇଁ ଗୁରୁତ୍ୱ ଦେଇଛନ୍ତି। ଅନୁରୂପ ଭାବେ ଓଡ଼ିଶାରେ ଶିକ୍ଷିତ ବେକାର ଯୁବକମାନଙ୍କ ପାଇଁ ନବୀନ ସରକାର ବିଗତ କିଛି ବର୍ଷ ମଧ୍ୟରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଜରିଆରେ ଯେଉଁ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ସେଥିରେ ଓଡ଼ିଶାର ଯୁବକ ଯୁବତୀ ନିଯୁକ୍ତି ଓ ଆତ୍ମନିଯୁକ୍ତି ସୁବିଧା ପାଇପାରୁଛନ୍ତି। ସେହିପରି ଟେକ୍ନୋଲୋଜି (ଆଇଟି)ର ବିକାଶ କ୍ଷେତ୍ରରେ ଓଡ଼ିଶା ଦେଶରେ ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି। ନୂଆ ନୂଆ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଆଇଟି କମ୍ପାନୀ ଓଡ଼ିଶାରେ ସେମାନଙ୍କ ଦପ୍ତର ଖୋଲିଛନ୍ତି, ଯେଉଁଥିରେ ଓଡ଼ିଶାର ଶିକ୍ଷିତ ଦକ୍ଷତା ସମ୍ପନ୍ନ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇଛନ୍ତି। ଆଗକୁ ମଧ୍ୟ ଏକ୍ଷେତ୍ରରେ ଅଧିକ ସଂଖ୍ୟାରେ ଦକ୍ଷ ମାନବ ସମ୍ବଳ ସୃଷ୍ଟି ହୋଇପାରିବ ବୋଲି ଆଶା କରାଯାଉଛି। କେବଳ ଚାଷୀ କିମ୍ବା ସାଧାରଣ ଭୋଟର ନୁହଁନ୍ତି ଶିକ୍ଷିତ ବେକାର ଯୁବକ ଯୁବତୀ, ସଂଗଠିତ ଓ ଅସଂଗଠିତ ଶ୍ରମିକ କର୍ମଚାରୀ, ପ୍ରବାସୀ ଓଡ଼ିଆ, ମହିଳା, ଅନୁସୂଚିତ ଜାତି ଜନଜାତି, ସଂଖ୍ୟାଲଘୁ ଏବଂ ବିଭିନ୍ନ ବର୍ଗର ଭୋଟର ଆଗାମୀ ନିର୍ବାଚନ ପାଇଁ ମତଦାନରେ ଭାଗନେବେ। ତେବେ ଏଠି ପ୍ରଶ୍ନ ଉଠୁଛି ଏହି ଶ୍ରେଣୀର ଭୋଟରଙ୍କ ମଧ୍ୟରୁ କେଉଁ ଦଳ ଓ କେଉଁ ପ୍ରାର୍ଥୀ ଅଧିକ ଭୋଟ ହାତେଇବେ ତାହା ସେମାନଙ୍କ ନିର୍ବାଚନ ପ୍ରଚାର ଶୈଳିଉପରେ ନିର୍ଭର କରୁଛି। ଅବଶ୍ୟ ସବୁ ରାଜନୈତିକ ଦଳ ଏଥିପାଇଁ ସେମାନଙ୍କ ପ୍ରଚାର ବେଳେ ଭରପୁର ଉଦ୍ୟମ କରିବେ। ହେଲେ ଭୋଟର ଯାହାକୁ ଅଧିକ ସମର୍ଥନ ଦେବେ ସେହି ଦଳ ବା ପ୍ରାର୍ଥୀ ସଫଳତା ସାଉଁଟିବେ। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଲଢୁଥିବା ପ୍ରାର୍ଥୀମାନେ ଏବେ ସେମାନଙ୍କ ନିର୍ବାଚନ ମଣ୍ଡଳୀରେ ପଡିରହି ଭୋଟରଙ୍କୁ ମନେଇବା ଓ ନିଜ ନିଜ ସପକ୍ଷରେ ବାନ୍ଧିରଖିବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି।

## ହଜାରେ ଟଙ୍କା ଲାଞ୍ଚ ନେବା ମାମଲା

# ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକଙ୍କୁ ବର୍ଷେ ଜେଲ୍

**ସୁନ୍ଦରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଏକ ଲାଞ୍ଚ ମାମଲାର ଶୁଣାଣି କରି ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ରାଜଲକ୍ଷ୍ମୀ ପଟ୍ଟନାୟକ ଜଣେ ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଏକ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଏକ ହଜାର ଟଙ୍କା ଜରିମାନା କରିଥିବା ବେଳେ ଜରିମାନା ଅନାଦେୟ ହେଲେ ଅଧିକ ୨ ମାସ ଜେଲ ଦଣ୍ଡର ରାୟ ଶୁଣାଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ, ବିଗତ ୨୦୧୦ ମସିହାରେ ଲିଙ୍ଗରାଜ ଗୋପନା ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟରତ ସମୟରେ ଗୋପନା ହାତୀକୁଚା ଗ୍ରାମର ଦୀପକ ମହନ୍ତଙ୍କୁ ଇଟା ଗଡ଼ା ବାବଦକୁ ଆର.ଆଇ ଇନକ୍ୱାରୀ ରିପୋର୍ଟର ଆବଶ୍ୟକତା ପଡ଼ିଥିଲା। ଉକ୍ତ ଇନକ୍ୱାରୀ ରିପୋର୍ଟ ଦେବା ପାଇଁ ରାଜସ୍ୱ ନିରୀକ୍ଷକ ଲିଙ୍ଗରାଜ ତାଙ୍କୁ ଏକ ହଜାର ଲାଞ୍ଚ ମାଗିଥିଲେ। ଦୀପକ ଲାଞ୍ଚ ନ ଦେବାରୁ ସେ ବଣାଇ ତହସିଲଦାରଙ୍କ ପାଖକୁ ରିପୋର୍ଟ ପଠାଇବାରେ ଟାଳଟୁଳ କରିଥିଲେ। ଏଣୁ ଦୀପକ ଏହି ଲାଞ୍ଚୁଆ ରାଜସ୍ୱ ନିରୀକ୍ଷକଙ୍କୁ ପାନେ ଚଖାଇବାକୁ ଯୋଜନା କରି ସମ୍ବଲପୁର ଦୁର୍ନୀତି ନିବାରଣ ବିଭାଗର ଦ୍ୱାରସ୍ଥ ହୋଇଥିଲେ।

ଏହାପରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ତାଙ୍କୁ ଧରିବାକୁ ଯୋଜନା କରାଯାଇଥିଲା। ଯୋଜନା ମୁତାବକ ଉକ୍ତ ବର୍ଷ ଜାନୁଆରୀ ୧୦ ତାରିଖରେ ଦୀପକ ସଂପୃକ୍ତ ରାଜସ୍ୱ ନିରୀକ୍ଷକ ଲିଙ୍ଗରାଜଙ୍କୁ ଭିଜିଲାନ୍ସର ରସାୟନିକ ପ୍ରଲେପ ବୋଳା ଏକ ହଜାର ଟଙ୍କା ପ୍ରଦାନ କରୁଥିବା ବେଳେ ଘଟଣାସ୍ଥଳରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଲାଞ୍ଚ ଟଙ୍କା ଜବତ କରି ତାଙ୍କୁ ଗିରଫ କରିଥିଲେ। ଭିଜିଲାନ୍ସ ବିଭାଗ ରାଉରକେଲା ୟୁନିଟର ତତ୍କାଳୀନ ଇନ୍‌ସପେକ୍ଟର ହରେକୃଷ୍ଣ ମାଝୀ ଘଟଣାର ତଦନ୍ତ କରି ଦୁର୍ନୀତି ନିବାରଣ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିବା ବେଳେ ଅଦାଲତରେ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ଶ୍ୟାମ ସୁନ୍ଦର ମିଶ୍ର ମାମଲା ପରିଚାଳନା କରିଥିଲେ।

# ହାଇକୋର୍ଟଙ୍କ ରାୟକୁ ସମ୍ମାନ ଜଣାଇଲେ ମୋକିମ, ଏବେ ଏକମାତ୍ର ଭରସା ସୁପ୍ରିମକୋର୍ଟ




**କଟକ, ନ୍ୟୁଜ୍‌ବ୍ୟୁରୋ**

ମୋକିମଙ୍କ ପାଇଁ ବଢ଼ିଛି ଅଡୁଆ। 'ଓଡ଼ିଶା ରୁରାଲ ହାଉସିଂ ଆଣ୍ଡ ଡେଭଲପମେଣ୍ଟ କର୍ପୋରେସନ' ଋଣ ଦୁର୍ନୀତି ମାମଲାରେ ଆଇନ ଜାଲରେ ଛନ୍ଦି ହୋଇ ପଡ଼ିଛନ୍ତି ମୋକିମ୍। ଏହି ମାମଲାରେ ମୋକିମଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ ଭୁବନେଶ୍ୱର ଭିଜିଲାନ୍ସ କୋର୍ଟ । ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ମୋକିମ। ହେଲେ ନିମ୍ନ କୋର୍ଟଙ୍କ ରାୟକୁ ହାଇକୋର୍ଟ କାଏମ୍ ରଖିବା ମୋକିମଙ୍କ ପାଇଁ ଚିନ୍ତା ବଢାଇଛି । ଆଗାମୀ ନିର୍ବାଚନରେ ସେ ଲଢ଼ି ପାରିବେ କି ନାହିଁ ତାହାକୁ ନେଇ ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏନେଇ ପ୍ରତିକ୍ରିୟା ରଖିଛନ୍ତି ହାଇକୋର୍ଟର ଆଇନଜୀବୀ ମାନସ ରଥ। ସେ କହିଛନ୍ତି, ମୋକିମଙ୍କ ପାଇଁ କୌଣସି ଆଇନଗତ ସମସ୍ୟା ହେବ ନାହିଁ। ନିର୍ବାଚନ ବହୁତ ଦିନ ବାକି ଅଛି । ତାହା ମଧ୍ୟରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରନ୍ତି । ସୁପ୍ରିମକୋର୍ଟ ଏହି ମାମଲାରେ ଅନ୍ତରୀଣ ସୁରକ୍ଷା ପ୍ରଦାନ କଲେ ମୋକିମଙ୍କ ପାଇଁ ବାଟ ସଫା ହୋଇଯିବ। ଆଉ ଯଦି ସୁପ୍ରିମକୋର୍ଟ ଏହି ମାମଲାରେ ଅନ୍ତରୀଣ ସୁରକ୍ଷା ପ୍ରଦାନ ନକରନ୍ତି, ତେବେ ସେ ଆଉ ନିର୍ବାଚନ ଲଢ଼ି ପାରିବେ ନାହିଁ । ନିର୍ବାଚନ ନେଇ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ମୋକିମ। ସେ କହିଛନ୍ତି, ଆଇନ ଉପରେ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି ଓ ହାଇକୋର୍ଟଙ୍କ ରାୟକୁ ସମ୍ମାନ ଜଣାଉଛି । ଜଜ୍‌ମେଣ୍ଟ ନେଇ ଆଇନଜୀବୀଙ୍କ ସହ ଆଲୋଚନା କରିବା ପରେ ପଦକ୍ଷେପ ନେବି। ନିର୍ବାଚନକୁ ଆହୁରି ମାସେରୁ ଅଧିକ ସମୟ ଅଛି। ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ କି ପ୍ରଶ୍ନରେ ସେ କହିଛନ୍ତି, ଏଠାରେ ଚ୍ୟାଲେଞ୍ଜ କରିବା କଥା ପଡ଼ିନି । ନ୍ୟାୟିକ ପ୍ରକ୍ରିୟାରେ ଯାହା ହୋଇପାରିବ ଆଇନଜୀବୀଙ୍କ ସହ ଆଲୋଚନା ପରେ କରାଯିବ । ଓଆର୍‌ଏଚ୍‌ଡିସି ଦୁର୍ନୀତି ମାମଲାରେ ବାରବାଟୀ-କଟକ ବିଧାୟକ ମୋକିମ ଏବଂ ଅନ୍ୟମାନଙ୍କୁ ୩ ବର୍ଷ ଜେଲ୍ ଦଣ୍ଡ ଶୁଣାଇଥିଲେ ଭୁବନେଶ୍ୱର ଭିଜିଲାନ୍ସ କୋର୍ଟ । ଏହି ରାୟ ଆସିବା ପରେ ମୋକିମଙ୍କ ସଭ୍ୟ ପଦ ରଦ୍ଦ ହେବାର ସମ୍ଭାବନା ବଢ଼ିଥିଲା । ତେବେ ଭିଜିଲାନ୍ସ କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ୍ କରି ମୋକିମ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାର ପ୍ରାରମ୍ଭିକ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ ହାଇକୋର୍ଟ । ଚୂଡ଼ାନ୍ତ ରାୟ ଆସିବା ପର୍ଯ୍ୟନ୍ତ ଅନ୍ତରୀଣ ରହିତାଦେଶ ବଳବତ୍ତର ରହିବ ବୋଲି ନିର୍ଦ୍ଦେଶ ଦେଇଥିଲେ । ବୁଧବାର ହାଇକୋର୍ଟ ନିମ୍ନ ଅଦାଲତଙ୍କ ରାୟକୁ କାଏମ ରଖିଛନ୍ତି ।

## ଦିଲ୍ଲୀରେ କେଜ୍ରିୱାଲ ସରକାରଙ୍କୁ ବଡ ଝଟ୍‌କା

# ମନ୍ତ୍ରୀପଦ ସହ ଦଳରୁ ଇସ୍ତଫା ଦେଲେ ରାଜକୁମାର ଆନନ୍ଦ

**ନୂଆଦିଲ୍ଲୀ**

ଦିଲ୍ଲୀରେ କେଜ୍ରିୱାଲ ସରକାରରେ ମନ୍ତ୍ରୀ ଥିବା ରାଜକୁମାର ଆନନ୍ଦ ମନ୍ତ୍ରୀ ପଦ ସହ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ରାଜକୁମାର ଆନନ୍ଦ କେଜ୍ରିୱାଲ ସରକାରରେ ସମାଜ କଲ୍ୟାଣ ମନ୍ତ୍ରଣାଳୟ ସମ୍ଭାଳୁଥିଲେ। ଦଳ ଛାଡ଼ିବା ପରେ ରାଜକୁମାର କହିଛନ୍ତି କି, ଆମ୍ ଆଦ୍‌ମୀ ପାର୍ଟି ଦଳିତ ବିଧାୟକ ମାନଙ୍କୁ ସମ୍ମାନ ଦେଉନାହିଁ। ଏହାସହ ଦଳିତ ନେତାମାନଙ୍କୁ ପ୍ରମୁଖ ପଦ ମିଳୁନାହିଁ। ମୁଁ ବାବା ସାହେବ ଆମ୍ବେଦକରଙ୍କ ପଥ ଅନୁସରଣ କରେ, ହେଲେ ଦଳ ଭିତରେ ରହି ଯଦି ଦଳିତମାନଙ୍କ ବିକାଶ ପାଇଁ କାମ କରିବାର ସୁଯୋଗ ପାଇଲି ନାହିଁ ତେବେ ସେ ଦଳରେ ରହି ଲାଭ କ'ଣ ବୋଲି ରାଜକୁମାର ଆନନ୍ଦ ଗଣମାଧ୍ୟମକୁ କହିଛନ୍ତି । ସେପଟେ ଆମ୍ ଆଦ୍‌ମୀ ପାର୍ଟି ତରଫରୁ କୁହାଯାଇଛି ଯେ, ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରି ବିଜେପି ଆମ୍ ଆଦ୍‌ମୀ ପାର୍ଟିକୁ ଭାଙ୍ଗିବାକୁ ଚେଷ୍ଟା କରୁଛି । ଦିଲ୍ଲୀ ଅବକାରୀ ନୀତି ମାମଲାରେ ଇଡି ଏପର୍ଯ୍ୟନ୍ତ କୌଣସି ପ୍ରମାଣ ଯୋଗାଡ କରିପାରି ନାହିଁ । ଏସବୁ କାର୍ଯ୍ୟକଳାପ ଦେଖିବା ପରେ ବିଜେପି ଏକ ଅପରାଧୀକ ପାର୍ଟି ବୋଲି ଆପ୍ ପକ୍ଷରୁ କୁହାଯାଇଛି। ସୂଚନା ଥାଉ କି, କେଜ୍ରିୱାଲ ସରକାରରେ ମନ୍ତ୍ରୀ ଥିବା ରାଜେନ୍ଦ୍ର ପାଲ ଗୌତମଙ୍କ ଇସ୍ତଫା ପରେ ୨୦୨୨ ମସିହାରେ ରାଜକୁମାର ଆନନ୍ଦଙ୍କୁ ମନ୍ତ୍ରୀପଦ ମିଳିଥିଲା। ସେତେବେଳେ ସମାଜ କଲ୍ୟାଣ ବିଭାଗ ମନ୍ତ୍ରୀ ଥିବା ରାଜେନ୍ଦ୍ର ପାଲଙ୍କ ଉପରେ ଧାର୍ମିକ ଭାବନା ଉପରେ ଆଘାତ ଲାଗିବା ଭଳି ଅଭିଯୋଗ ଆସିବା ପରେ ସେ ମନ୍ତ୍ରୀପଦରୁ ଇସ୍ତଫା ଦେଇଥିଲେ ।

## ଜାଗୁଲେଇଙ୍କ ବାର୍ଷିକୋତ୍ସବ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ୯ ନମ୍ବର ୱାର୍ଡ଼ସ୍ଥିତ ମା' ଜାଗୁଲେଇ ମନ୍ଦିରରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସାରାଦିନ ବ୍ୟାପୀ ଦେବୀଙ୍କ ନାନାବିଧ ପୂଜାର୍ଚ୍ଚନା ରୀତି ନୀତିରେ ଅନୁଷ୍ଠିତ ହେବା ସହିତ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଂଖ୍ୟରେ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ପୂଜାର୍ଚ୍ଚନା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ । ଚୌଦ୍ୱାର କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦେବୀଙ୍କ ପୂଜାର୍ଚ୍ଚନା ଓ ଆଶୀର୍ବାଦ ଭିକ୍ଷା ସହିତ ସ୍ଥାନୀୟ ଜନତାଙ୍କ ସହିତ ଭାବର ଆଦାନ ପ୍ରଦାନ କରିଥିଲେ।

# ଜୟ ରାଷ୍ଟ୍ର ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ସାମାଜିକ ସଂଗଠନ 'ଜୟ ରାଷ୍ଟ୍ର' ପକ୍ଷରୁ କେନ୍ଦ୍ରାପଡା ବଡବାରଙ୍ଗ ସ୍ଥିତ ମା' ବାରଙ୍ଗେଇ ଠାକୁରାଣୀଙ୍କ ମନ୍ଦିରରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି । ଏହି ଅବସରରେ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ହୋମ କରାଯାଇଥିଲା । ଚୈତ୍ର ଶୁକ୍ଳ ପକ୍ଷ ପ୍ରତିପଦରେ ହିନ୍ଦୁ ନବବର୍ଷ ପାଳନ କରାଯିବା ସହ ଅନୁଷ୍ଠାନ ପକ୍ଷରୁ ବିଶ୍ୱ କଲ୍ୟାଣ ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା । ଏହି ପବିତ୍ର ତିଥିରେ ଭଗବାନ ବ୍ରହ୍ମା ସୃଷ୍ଟି ସର୍ଜନା କରିଥିବାର ବିଶ୍ୱାସ ରହିଛି । କେବଳ ସେତିକି ନୁହେଁ ଏହିଦିନ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକର ମଧ୍ୟ ହୋଇଥିଲା । ଜୟ ରାଷ୍ଟ୍ରର ସଦସ୍ୟ ମଳୟ ସାହୁଙ୍କ ପୌରୋହିତ୍ୟରେ ଅୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଜ୍ୟୋତି ନାୟକ, ଡାକ୍ତର ବିରେନ୍ଦ୍ର ଦାଶ, ନମିତା ଜେନା, ରିନାରାଣୀ ଦାସ, ଦୁର୍ଗାପ୍ରସାଦ ପତି ଓ ପ୍ରଶାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହିଦିନ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା କରାଯିବା ସହ ଲୋକେ ନିଜଘରେ ଶୁଭ କଳସ ସ୍ଥାପନ କରି ଏହିଦିନ ଟିକୁ ପାଳନ କରିଛନ୍ତି ।

**ପୂର୍ବ ତଟ ରେଳପଥ**

ଇ-କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ. Ref : SDMM/KUR/EP/ 2023-24/E-Procurement Tender Notice/1, ତା.05.04.2024ରିଖ

ଟେଣ୍ଡର ସଂ. 81245295

ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: GPS ସିଙ୍କ୍ରୋନାଇଜେସନ ସହିତ ଡିଜିଟାଲ ପ୍ଲାଟଫର୍ମ ଡବଲ ସାଇଡେଡ୍ କ୍ଲକ୍‌ର ଯୋଗାଣ ଏବଂ ସଂସ୍ଥାପନ । ପରିମାଣ : 84 ଗୋଟି ।

ବନ୍ଦ ହେବା ତାରିଖ ଓ ସମୟ : ତା.06.05.2024 ରିଖ 1500 ଘଟିକାରେ ।

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବସାଇଟ୍ : www. ireps.gov.in ରେ ଅପ୍‌ଲୋଡ୍ କରାଯାଇଛି ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-15/P/24-25

ଉତ୍କଳ ଦୀପିକା
ଭୁବନେଶ୍ୱର
୧୧ ଅପ୍ରେଲ
ଗୁରୁବାର, ୨୦୨୪
RNI Regd. No. : 52640/94
Postal Regd. No. : BN/60/22-24

# ବିଜେଡିରେ ସାମିଲ ହେଲେ ଦଶପଲ୍ଲା ଏନ୍ଏସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ

**ଭୁବନେଶ୍ୱର,୧୦।୪:ନ୍ୟୁଜ୍‌ବ୍ୟୁରୋ**

ବିଜୁ ଜନତା ଦଳରେ ସାମିଲ ହେଲେ ଦଶପଲ୍ଲା ଏନ୍ଏସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ। ଶଙ୍ଖ ଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର, ପୂର୍ବତନ ମନ୍ତ୍ରୀ ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝୀଙ୍କ ଉପସ୍ଥିତିରେ ପୁନମ ବିଜୁ ଜନତା ଦଳରେ ଯୋଗ ଦେବା ସହ ଏକାଧିକ ସମର୍ଥକ ସାମିଲ ହୋଇଛନ୍ତି।

ଶଙ୍ଖ ଭବନରେ ବିଜେଡିର ମିଶ୍ରଣ ପର୍ବରେ ସାଂସଦ ସସ୍ମିତ ପାତ୍ର ପୁନମଙ୍କୁ ଦଳକୁ ସ୍ୱାଗତ କରିଥିଲେ। ପୁନମ ପ୍ରିୟଦର୍ଶିନୀ ଦଳରେ ସାମିଲ ହେବା ପରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଏବଂ ସାଂଗଠନିକ



ସଂପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର, ବିଧାୟକ ଅରୁଣ ସାହୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ନେତୃତ୍ୱ ପ୍ରତି ଆକର୍ଷିତ ହୋଇ ବିଜେଡିରେ ପୁନମ ପ୍ରିୟଦର୍ଶୀ ଯୋଗ ଦେଇଛନ୍ତି। ସେ ସ୍ୱାଧୀନ ଭାବରେ ଦଶପଲ୍ଲା ଏନ୍ଏସିର ଚେୟାରମ୍ୟାନ୍ ଭାବେ ନିର୍ବାଚିତ ହୋଇ କାର୍ଯ୍ୟ କରୁଥିଲେ। ସମସ୍ତଙ୍କ ସହଯୋଗରେ ଦଶପଲ୍ଲାର ବିକାଶ ହେବ ବୋଲି ସେ କହିଛନ୍ତି। ଦିନକୁ ଦିନ ବିଜୁଜନତା ଦଳ ଶକ୍ତିଶାଳୀ ହେଉଛି। ଆଗକୁ ଏହି ଧାରା ଜାରି ରହିବ ବୋଲି ଅରୁଣ କୁମାର ସାହୁ ଦମ୍ଭୋକ୍ତି କରିଛନ୍ତି। ନିର୍ବାଚନରେ ନିୟୋଜିତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ନାଲି ଆଖି ଦେଖାଉଥିବା ନେଇ ବିଜେଡିର ଏକ ଟିମ୍ ସିଇଓଙ୍କୁ ଭେଟି ଫେରାଦ ହୋଇଛି।

ସେହିପରି ବ୍ରହ୍ମପୁର ଲୋକସଭା ଆସନରୁ ନିର୍ବାଚନ ଲଢୁଥିବା ବିଜେପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଫେରାଦ ହୋଇଛି ବିଜେଡି। ପ୍ରଦୀପଙ୍କ କଥା ନ ମାନିଲେ ତାଙ୍କୁ ବଦଳି କରିଦେବା ପାଇଁ ବ୍ରହ୍ମପୁରର ସରକାରୀ କର୍ମଚାରୀ ଓ ଅଧିକାରୀଙ୍କୁ ଧମକ ଦେଉଛନ୍ତି। ସେଥିପାଇଁ ପ୍ରଦୀପଙ୍କ ବିରୁଦ୍ଧରେ ସିଇଓଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ବିଜେଡି। ବିଜେଡି ସବୁବେଳେ ଗଣତନ୍ତ୍ରରେ ବିଶ୍ୱାସ କରିଆସିଛି। ନିର୍ବାଚନ କମିଶନଙ୍କ ଉପରେ ମଧ୍ୟ ବିଜେଡି ବିଶ୍ୱାସ ରଖିଆସିଛି। ତେଣୁ ଜନବିରୋଧୀ ନେତାଙ୍କ ନାଲି ଆଖି ବିରୋଧରେ ସିଇଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ବିଜେଡି ପ୍ରକାଶ କରିଛି।



ଭୁବନେଶ୍ୱର : ପାଖେଇ ଆସୁଛି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା। ରଥ ନିର୍ମାଣରେ ଲାଗିପଡ଼ିଛନ୍ତି ମହାରଣା ସେବକମାନେ। (ଫଟୋ : ସମ୍ବାଦ କଳିକା)

## ପରୀକ୍ଷା ଫଳ ପ୍ରକାଶରେ ଅବହେଳା ମାମଲା

# ଛାତ୍ରଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୧୦।୪:ନ୍ୟୁଜ୍‌ବ୍ୟୁରୋ**

ପରୀକ୍ଷା ଫଳ ପ୍ରକାଶରେ ଅବହେଳା କାରଣରୁ ଜଣେ ଛାତ୍ରଙ୍କର ୧୦ ବର୍ଷ ନଷ୍ଟ ହେବା ମାମଲାକୁ ଗୁରୁତ୍ୱର ସହ ନେଇ ଶୁଣାଣି କରିଛନ୍ତି ଓଡ଼ିଶା ହାଇକୋର୍ଟ। ସମ୍ପୃକ୍ତ ଛାତ୍ର ଜଣଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ୩ ମାସ ମଧ୍ୟରେ ଏହି କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି। ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ବିଭୁତି ଭୂଷଣ ବାରିକ ଏନେଇ କୋର୍ଟରେ ଆବେଦନ କରଥିଲେ। କୋର୍ଟ ଏହି ମାମଲାର ଶୁଣାଣି କରି ଯେଉଁ ରାୟ ପ୍ରଦାନ କରିଛନ୍ତି ସେଥିରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ପ୍ରତି ବିଶ୍ୱବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ପରୀକ୍ଷା କ୍ଷେତ୍ରରେ କାର୍ଯ୍ୟଦକ୍ଷତା, ସମୟରେ ପରୀକ୍ଷାଫଳ ପ୍ରକାଶ ହେଉଛି ବିଶ୍ୱବିଦ୍ୟାଳୟର ଦାୟିତ୍ୱ। ଛାତ୍ରଛାତ୍ରୀଙ୍କ ଶିକ୍ଷା ଯାତ୍ରା ପାଇଁ ଏହି ପ୍ରସଙ୍ଗ ମୌଳିକ ହୋଇଥିବା ବେଳେ ଏଥିରେ କୌଣସି ପ୍ରକାର ତ୍ରୁଟି ପିଲାମାନଙ୍କ ଏକାଡେମିକ ଅଗ୍ରଗତି ଓ କ୍ୟାରିୟର ପ୍ରସ୍‌ପେକ୍ଟ ଉପରେ ପ୍ରଭାବ ପକାଇବ। ଠିକ୍ ସମୟରେ ପରୀକ୍ଷାଫଳ ପ୍ରକାଶ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏଥିରେ ବିଳମ୍ବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଧୀରତା ଓ ଅନିଶ୍ଚିତତାର କାରଣ ହେବ। ଫଳ ପ୍ରକାଶରେ ବିଳମ୍ବ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ଉଚ୍ଚଶିକ୍ଷା ଓ ଚାକିରି ପାଇଁ ଆବେଦନ କରିବା କ୍ଷେତ୍ରରେ ବାଧା ସୃଷ୍ଟି କରେ। ଏଭଳି ମାମଲାରେ କ୍ଷତିପୂରଣ କିଛି ପରିମାଣରେ କ୍ଷତିଗ୍ରସ୍ତ ଛାତ୍ରଛାତ୍ରୀଙ୍କୁ ଆଶ୍ୱସ୍ତି ଦେଇପାରେ। କିନ୍ତୁ ବିଶ୍ୱବିଦ୍ୟାଳୟକୁ ଏହାର ଦୋଷରୁ ମୁକ୍ତ କରିବ ନାହିଁ। କେବଳ ସେତିକି ନୁହେଁ, ଆବେଦନକାରୀ ବହୁ କଠିନ ପରିସ୍ଥିତି ସହିଛନ୍ତି ଓ ପେଷାଗତ ଜୀବନର ୧୦ ବର୍ଷ ହରାଇଛନ୍ତି, ଏପରି କ୍ଷତିର ଭରଣା କୌଣସି ଉପାୟରେ ହୋଇ ପାରିବ ନାହିଁ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।






# ବିପର୍ଯ୍ୟୟ ପରିଚାଳନାରେ ବିଶ୍ୱ ପାଇଁ ଓଡ଼ିଶା ଆଲୋକବର୍ତ୍ତିକା

## ଓଡ଼ିଶା ସରକାରଙ୍କ ଜନକୈନ୍ଦ୍ରିକ ବିକାଶକୁ ଜାତିସଂଘର ପ୍ରଶଂସା

**ଭୁବନେଶ୍ୱର,୧୦।୪:ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ସରକାରକୁ ପୁଣି ପ୍ରଶଂସା କରିଛି ମିଳିତ ଜାତିସଂଘ। ଖାଦ୍ୟ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା, ମିଲେଟ ମିଶନ, '୫-ଟି' ଉପକ୍ରମ ଆଦି ସମଗ୍ର ବିଶ୍ୱ ପାଇଁ ଉଦାହରଣ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି ମିଳିତ ଜାତିସଂଘର ଆବାସିକ ସଂଯୋଜକ ଶୋମ୍ବି ଶାର୍ପ। ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଶୋମ୍ବି ଶାର୍ପ ଓଡ଼ିଶା ସହ ବିଭିନ୍ନ କ୍ଷେତ୍ରରେ ମିଳିତ ଭାବରେ କାର୍ଯ୍ୟକୁ ଗୌରବମୟ ବୋଲି ଉଲ୍ଲେଖ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କାଳରେ ଶୋମ୍ବି ଶାର୍ପ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ନୀତିକୁ ଭୂରିଭୂରି ପ୍ରଶଂସା କରିଛନ୍ତି। ୧୯୯୯ ମହାବାତ୍ୟାରେ ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ଓଡ଼ିଶାର ପୁନରୁଦ୍ଧାର ଓ ପୁନଃନିର୍ମାଣ, ଏକ ଶକ୍ତିଶାଳୀ ରାଜ୍ୟ ଭାବରେ ନିଜକୁ ପ୍ରତିଷ୍ଠା କରିବାକୁ ଶ୍ରୀ ଶାର୍ପ ଉଦାହରଣୀୟ ବୋଲି କହିଛନ୍ତି। ବିପର୍ଯ୍ୟୟ ପରିଚାଳନାରେ ଏକ ସମୟୋପଯୋଗୀ ରଣନୀତି ପ୍ରସ୍ତୁତ, ଗୋଷ୍ଠୀ ଆଧାରିତ



ବ୍ୟବସ୍ଥା କାର୍ଯ୍ୟକାରିତା ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିପାରିଛି। ଫାଇଲିନ୍ ବାତ୍ୟାର ସଫଳ ମୁକାବିଲା ପାଇଁ ୨୦୧୩ ମସିହାରେ ମିଳିତ ଜାତିସଂଘ ନବୀନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଛି। ସେହିପରି ୨୦୧୯ରେ ନ୍ୟୁୟର୍କ ଟାଇମ୍ସ ଖବରକାଗଜ ନିଜ ପ୍ରଥମ ପୃଷ୍ଠାରେ ଫନି ବାତ୍ୟା ମୁକାବିଲା ରଣନୀତି ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରକାଶ କରିବା ସହିତ ଓଡ଼ିଶା ଠାରୁ ଶିକ୍ଷାଗ୍ରହଣ କରିବା ଲାଗି ଦେଶମାନଙ୍କୁ ପରାମର୍ଶ ଦେଇଛି।

ଶ୍ରୀ ଶାର୍ପ କହିଛନ୍ତି ଯେ ଓଡ଼ିଶା ସରକାର ଓ ଜାତିସଂଘର ମିଳିତ ଉଦ୍ୟମ ଅନେକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି। ରାଜ୍ୟରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିଛି। ତେବେ ଓଡ଼ିଶା ସରକାରଙ୍କ ନିଜସ୍ୱ ଉପଲବ୍ଧୀ ଆମ ସମସ୍ତଙ୍କୁ ଚକିତ କରିଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ କାର୍ଯ୍ୟକାରୀ କରିବାରେ ଓଡ଼ିଶାର ପରାକାଷ୍ଠା ବିଶ୍ୱବାସୀଙ୍କ ପାଇଁ ଶିକ୍ଷଣୀୟ ହୋଇଛି। ଓଡ଼ିଶା କେବଳ ଏକ ଖାଦ୍ୟ ଅଭାବୀ ରାଜ୍ୟରୁ ଖାଦ୍ୟ ବଳକା ରାଜ୍ୟ ଭାବେ ଉଭା ହୋଇ ନାହିଁ ବରଂ ଜାତୀୟସ୍ତରରେ ଖାଦ୍ୟ ଶସ୍ୟ ଯୋଗାଣରେ ଶୀର୍ଷ ସ୍ଥାନ ହାସଲ କରିଛି। ମୁଖ୍ୟମନ୍ତ୍ରୀଙ୍କ ଦାରିଦ୍ର୍ୟ କୈନ୍ଦ୍ରିକ ନୀତି ଯୋଗୁଁ ଓଡ଼ିଶାର ବିସ୍ତୃତ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକ୍ରମେ ସବୁ ଲୋକଙ୍କୁ ପୁଷ୍ଟିଯୁକ୍ତ ଖାଦ୍ୟ ଯୋଗାଣ ସୁନିଶ୍ଚିତ ହୋଇପାରିଛି। ସେହିପରି 'ଆହାର' ଯୋଜନାରେ ମାତ୍ର ୫ ଟଙ୍କାରେ ଗରିବ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଣ ଆଉ ଏକ ଲୋକାଭିମୁଖୀ ପଦକ୍ଷେପ ବୋଲି ଶ୍ରୀ ଶାର୍ପ କହଛନ୍ତି।

ପାରମ୍ପରିକ ମିଲେଟ୍ ଖାଦ୍ୟକୁ ଲୋକପ୍ରିୟ କରାଇବା ଲାଗି ରାଜ୍ୟ ସରକାର ନେଇଥିବା ପଦକ୍ଷେପ ଅନନ୍ୟ ବୋଲି ଉଲ୍ଲେଖ କରି ଶ୍ରୀ ଶାର୍ପ ଏହାର ପ୍ରଶଂସା କରିଛନ୍ତି। ଏହି ପଦକ୍ଷେପ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବେଶ୍ ପ୍ରଶଂସା ଅର୍ଜନ କରିଛି। ଓଡ଼ିଶାର ମିଲେଟ୍ ମିଶନ୍ ଏହାର ଅଭିନବ ଏବଂ ଅନ୍ତର୍ଭୁକ୍ତିକରଣ ଆଭିମୁଖ୍ୟ ପାଇଁ ବିଶ୍ୱସ୍ତରରେ ସୁନାମ ଆଣିପାରିଛି। ସେଥିପାଇଁ ଓଡ଼ିଶାର ଖାଦ୍ୟ ସୁରକ୍ଷା ସମ୍ପର୍କରେ ଅଧିକ ସୂଚନା ପ୍ରଦାନ ପାଇଁ ୨୦୨୨ରେ ନବୀନ ପଟ୍ଟନାୟକଙ୍କୁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲୁଏଫ୍‌ପି)ର ମୁଖ୍ୟାଳୟକୁ ନିମନ୍ତ୍ରଣ କରାଯାଇ ଥିଲା ବୋଲି ଶ୍ରୀ ଶାର୍ପ କହିଛନ୍ତି।

ଅନୁରୂପ ଭାବରେ ଶ୍ରୀ ଶାର୍ପ ରାଜ୍ୟରେ ପ୍ରଚଳିତ '୫-ଟି' ଉପକ୍ରମକୁ ମଧ୍ୟ ପ୍ରଶଂସା କରିଛନ୍ତି। ୨୦୧୯ ମସିହାରୁ ପାରଦର୍ଶିତା, ଜ୍ଞାନକୌଶଳ, ମିଳିତ ଉଦ୍ୟମ, ସମୟ ଓ ରୂପାନ୍ତରଣକୁ ନେଇ ୫-ଟି ଉପକ୍ରମ ରାଜ୍ୟରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ୫-ଟି ଉପକ୍ରମ ଆଧାରିତ ଶାସନ ବ୍ୟବସ୍ଥା ସମଗ୍ର ରାଜ୍ୟରେ ରୂପାନ୍ତରିତ ପ୍ରଭାବ ପକାଇବା ସହ ଓଡ଼ିଶାର ବିକାଶ ପଥକୁ ଅଧିକ ପ୍ରଶସ୍ତ କରିଛି। ଜନତା, ରାଜ୍ୟ ଓ ପରିବେଶ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ପ୍ରତିବଦ୍ଧ ଓଡ଼ିଶା ଭଳି ଏକ ରାଜ୍ୟ ସହିତ ମିଳିତ ଜାତିସଂଘ ସହଭାଗୀ ହେବା ଗୌରବର ବିଷୟ ବୋଲି ଶ୍ରୀ ଶାର୍ପ ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟ ସରକାରଙ୍କ ଉଲ୍ଲେଖନୀୟ କାର୍ଯ୍ୟକୁ ପ୍ରଶଂସା ନିମନ୍ତେ ଶ୍ରୀ ଶାର୍ପଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଛନ୍ତି। ବିଶ୍ୱର ଶ୍ରେଷ୍ଠ କାର୍ଯ୍ୟଧାରାକୁ ଓଡ଼ିଶାରେ ଉପଯୋଗ ଲକ୍ଷ୍ୟରେ ଆଗକୁ ବିଭିନ୍ନ କ୍ଷେତ୍ରରେ ମିଳିତ ଜାତିସଂଘ ସହିତ କାମ କରିବା ପାଇଁ ଓଡ଼ିଶା ପ୍ରସ୍ତୁତ ଅଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଶାର୍ପଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ମିଳିତ ଜାତିସଂଘ ପ୍ରତିନିଧିଙ୍କ ସାକ୍ଷାତ୍ ଆଲୋଚନା ସମୟରେ ୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଉପସ୍ଥିତ ଥିଲେ।

## କ୍ରିଟିକାଲ ମିନେରାଲ କ୍ଷେତ୍ରରେ ଜ୍ଞାନ ଏବଂ ବୈଷୟିକ ସହଯୋଗ ନିମନ୍ତେ

# କାବିଲ୍ ଓ ସି.ଏସ୍.ଆଇ.ଆର-ଆଇ.ଏମ୍.ଏମ୍.ଟି ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

**ଭୁବନେଶ୍ୱର,୧୦।୪:ନ୍ୟୁଜ୍‌ବ୍ୟୁରୋ**

କ୍ରିଟିକାଲ ମିନେରାଲ କ୍ଷେତ୍ରରେ ଜ୍ଞାନ ଏବଂ ବୈଷୟିକ ସହଯୋଗ ନିମନ୍ତେ ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ୍ (କାବିଲ) ଓ ସି.ଏସ୍.ଆଇ.ଆର–ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇ.ଏମ୍.ଏମ୍.ଟି) ମଧ୍ୟରେ ବୁଧବାର ଏକ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱରସ୍ଥିତ ନାଲ୍‌କୋ କର୍ପୋରେଟ କାର୍ଯ୍ୟାଳୟରେ ସିଏମଡି ନାଲ୍‌କୋ ତଥା କାବିଲ୍ ଚେୟାରମ୍ୟାନ୍ ଶ୍ରୀଧର ପାତ୍ରଙ୍କ ଉପସ୍ଥିତିରେ ନାଲ୍‌କୋ ନିର୍ଦ୍ଦେଶକ (ବାଣିଜ୍ୟିକ) ତଥା କାବିଲ୍ ସିଇଓ, ସଦାଶିବ ସାମନ୍ତରାୟ ଏବଂ ସି.ଏସ୍.ଆଇ.ଆର-ଆଇ.ଏମ୍.ଏମ୍.ଟି ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣଙ୍କ ଦ୍ୱାରା ଏହି ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି।

ଏହି ଏମ୍ଓୟୁ ଦ୍ୱାରା କାବିଲ, ଆଇ.ଏମ୍.ଏମ୍.ଟି ର ବିଭିନ୍ନ ବୈଷୟିକ ଜ୍ଞାନ କୌଶଳ ଏବଂ ସେବା ସମୂହକୁ ଉପଯୋଗ କରିପାରିବ। ଧାତବ ପରୀକ୍ଷଣ କାର୍ଯ୍ୟ-ଯୋଜନାଗୁଡ଼ିକର ଡିଜାଇନ୍ ଏବଂ ବିଶ୍ଳେଷଣ, ପ୍ରସେସ ଫ୍ଲୋ ସିଟ୍‌ଗୁଡ଼ିକର ବିକାଶ ଏବଂ ସମୀକ୍ଷା, ଖଣିଜ ପଦାର୍ଥ




ପ୍ରକ୍ରିୟାକରଣ ନିମନ୍ତେ ପ୍ରକ୍ରିୟା ପ୍ରଯୁକ୍ତିର ଚୟନ, ବେନେଫିସିଏସନ ଏବଂ ଧାତୁ ଉତ୍ତୋଳନ କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯିବ।

ଏହି ଏମ୍ଓୟୁ ମାଧ୍ୟମରେ ଦୁଇ ଅନୁଷ୍ଠାନ ମିଳିତ ଗବେଷଣା ଆରମ୍ଭ କରିବା ସହ ବୈଜ୍ଞାନିକ ସୂଚନା ଆଦାନ-ପ୍ରଦାନ ଦିଗରେ ମଧ୍ୟ କାର୍ଯ୍ୟ କରିବେ। ଆଇ.ଏମ୍.ଏମ୍.ଟି ସହିତ ଯୋଡ଼ି ହୋଇଥିବାରୁ ସିଏମଡି, ନାଲ୍‌କୋ ତଥା ଚେୟାରମ୍ୟାନ କାବିଲ, ଶ୍ରୀଧର ପାତ୍ର ନିଜର ଖୁସିବ୍ୟକ୍ତ କରିବା ସହ କହିଛନ୍ତି ଯେ, ଏହି ସହଯୋଗ କ୍ରିଟିକାଲ ମିନେରାଲ ଅନୁସନ୍ଧାନ ପାଇଁ ଏକ ଉନ୍ନତ ପରିବେଶ ସୃଷ୍ଟି କରିବ। ଖଣିଜ ଏବଂ ଧାତବ କ୍ଷେତ୍ରଗୁଡ଼ିକରେ ବୈଜ୍ଞାନିକ ଅନୁସନ୍ଧାନ ଏବଂ ପ୍ରଯୁକ୍ତିବିଦ୍ୟା ବିକାଶ, ଭାରତୀୟ ଖଣି ଶିଳ୍ପର ଅଭିବୃଦ୍ଧି ତଥା ସ୍ଥିରତା ପାଇଁ ଅତ୍ୟନ୍ତ ଜରୁରୀ ଏବଂ ଦେଶର ଖଣିଜ ସୁରକ୍ଷା ତଥା ଘରୋଇ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ମତ ବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କାବିଲ୍ ହେଉଛି ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ତତ୍ତ୍ୱାବଧାନରେ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ), ହିନ୍ଦୁସ୍ତାନ କପର ଲିମିଟେଡ୍ (ଏଚ.ସି.ଏଲ) ଏବଂ ମିନେରାଲ୍ ଏକ୍ସପ୍ଲୋରେସନ୍ ଆଣ୍ଡ କନ୍‌ସଲଟାନ୍ସି ଲିମିଟେଡ୍ (ଏମ.ଇ.ସି.ଏଲ)ର ଏକ ମିଳିତ ଉଦ୍ୟମ ଅଟେ। କାବିଲର ମୁଖ୍ୟ କାର୍ଯ୍ୟଗୁଡ଼ିକ ମଧ୍ୟରେ କ୍ରିଟିକାଲ୍ ଏବଂ ଷ୍ଟ୍ରାଟେଜିକ ମିନେରାଲମାନଙ୍କର ଚିହ୍ନଟ, ଅନୁସନ୍ଧାନ, ଅଧିଗ୍ରହଣ, ବିକାଶ, ଉତ୍ତୋଳନ, ପ୍ରକ୍ରିୟକରଣ ଏବଂ କ୍ରୟ ଇତ୍ୟାଦି ଅନ୍ୟତମ ଅଟେ। ଏହା ଦେଶରେ ଖଣିଜ ଯୋଗାଣ ଓ ନିରାପତ୍ତା ସୁନିଶ୍ଚିତ କରିବା ତଥା ମେକ୍ ଇନ୍ ଇଣ୍ଡିଆ ସ୍ୱପ୍ନ ପୂରଣ ଦିଗରେ ମୁଖ୍ୟ ଭୂମିକା ନିର୍ବାହ କରିବ।

# ନକ୍ସଲ ଦମନ ନେଇ ଡିଜିପିଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

**ଭୁବନେଶ୍ୱର,୧୦।୪:ନ୍ୟୁଜ୍‌ବ୍ୟୁରୋ**

ନକ୍ସଲ ଓ ମାଓ ଦମନ ନେଇ ପୋଲିସ ଡିଜିଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ। ଡିଜିପିଙ୍କୁ ଭୁବନେଶ୍ୱର କ୍ୟାମ୍ପ ଅଫିସରେ ବୈଠକ ବସିଥିବା ବେଳେ ଗୁଇନ୍ଦା ବିଭାଗ ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି ଅପରେସନ ଦେବଦତ୍ତ ସିଂ ଓ ବହୁ ବରିଷ୍ଠ ଆଇପିଏସ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଗକୁ ନିର୍ବାଚନ ଥିବା ବେଳେ ମାଓବାଦୀ ଓ ନକ୍ସଲଙ୍କ କାର୍ଯ୍ୟକଳାପ ଉପରେ କିଭଳି ରୋକ୍ ଲଗାଇ ହେବ ସେନେଇ ଏହି ବୈଠକରେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ ହୋଇଛି। ରାଜ୍ୟର ମାଓପ୍ରବଣ ଜିଲ୍ଲାଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଓ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି।


ଏବେ ବଜାରରେ ଉପଲବ୍ଧ...

'କଥାକଳିକା'ର ଏପ୍ରିଲ ସଂଖ୍ୟା, ୨୦୨୪




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସଚ୍ଚିଦା ନନ୍ଦ କର,

**ସମକାଳର କଥା :** ଶୈଳେନ୍ଦ୍ର କୁମାର ଜେନା, ମନୋଜ ମହାନ୍ତି, ଭାଗିରଥୀ ବେହେରା, ସୁନୀତା କର, ନଗେନ୍ଦ୍ର କୁମାର ପ୍ରଧାନ, ସୁନନ୍ଦା ମହାନ୍ତି।

**ଅନ୍ୟଭାଷାର କଥା :** ଦେବସ୍ମିତା ବେହେରା।

**ଯୁବ ମାନସର କଥା :** ପଦ୍ମାଳୟା ପାଢ଼ୀ, ଶିବମ୍ ପଟ୍ଟନାୟକ, ସତ୍ୟ ରଂଜନ ସାହୁ, ଅଶୋକ କୁମାର ମିଶ୍ର, ପ୍ରକାଶ କୁମାର ସାହୁ, ମନୋରମା ସାହୁ ଏବଂ 'କଥାକଳିକା' ୧୦ମ ବାର୍ଷିକ ଜନ୍ମ ଉତ୍ସବ ସମାଚାର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

| ଯୋଗାଯୋଗ କରନ୍ତୁ | ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର । |
|---|---|
| ପ୍ରସାର ପରିଚାଳକ 'କଥାକଳିକା' କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬, ଫାକ୍ସ : ୨୫୪୫୬୬୮ E-mail: kathakalika@gmail.com | 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ) |


## ଷ୍ଟ୍ରଙ୍ଗରୁମ୍‌ରେ ପହଞ୍ଚିଲା ଇଭିଏମ୍ ଓ ଭିଭିପ୍ୟାଟ୍

# ୨୪ ଘଣ୍ଟିଆ ସୁରକ୍ଷା ସହ ସିସିଟିଭି ବ୍ୟବସ୍ଥା

**ଭୁବନେଶ୍ୱର,୧୦।୪:ନ୍ୟୁଜ୍‌ବ୍ୟୁରୋ**

ଚଳିତ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରିବା ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଏନେଇ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନିର୍ବାଚନରେ ବ୍ୟବହାର ହେବାକୁ ଥିବା ଇଭିଏମ ଖୋର୍ଦ୍ଧାସ୍ଥିତ ପଣ୍ୟାଗାରରୁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟସ୍ଥିତ ଷ୍ଟ୍ରଙ୍ଗରୁମ୍‌ରେ ପହଞ୍ଚିଛି। ଏହି ଇଭିଏମ ଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ଏଠାକୁ ଅଣାଯାଇଛି। ଏହାକୁ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯିବା ସହ ସଶସ୍ତ୍ର ପୋଲିସ କର୍ମଚାରୀ ଷ୍ଟ୍ରଙ୍ଗରୁମ୍ ସୁରକ୍ଷାରେ ମୁତୟନ ହୋଇଛନ୍ତି। ଏଥିସହ ସିସିଟିଭିର ମଧ୍ୟ ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟ ରାଣ୍ଡାମାଇଜେସନ ପରେ ଜୟଦେବ, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଭୁବନେଶ୍ୱର ଏକାମ୍ର ଏବଂ ଜଟଣୀ ନିର୍ବାଚନ ମଣ୍ଡଳୀ ପାଇଁ ଇଭିଏମଗୁଡ଼ିକୁ





ଏଠାକୁ ଅଣାଯାଇଥିବା ନେଇ ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରେ ଷଷ୍ଠ ପର୍ଯ୍ୟାୟ ଅର୍ଥାତ ମେ' ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲାରେ ମୋଟ ୧୯୦୭ଟି ବୁଥ୍ ଥିବାବେଳେ ୧୧୧- ଜୟଦେବ, ୧୧୨- ଭୁବନେଶ୍ୱର ମଧ୍ୟ, ୧୧୩- ଭୁବନେଶ୍ୱର ଉତ୍ତର, ୧୧୪- ଭୁବନେଶ୍ୱର ଏକାମ୍ର, ୧୧୫- ଜଟଣୀ ନିର୍ବାଚନମଣ୍ଡଳୀ ପାଇଁ ୧୧୬୬ ଟି ମତଦାନ କେନ୍ଦ୍ର ରହିଛି। ଏହି ୧୧୬୬ଟି ମତଦାନ କେନ୍ଦ୍ର ମଧ୍ୟରୁ ସହରାଞ୍ଚଳରେ ୬୫୮ଟି ଏବଂ ଗ୍ରାମାଞ୍ଚଳରେ ୫୦୮ଟି ବୁଥ୍ ରହିଛି। ଇଭିଏମ୍ ଓ ଭିଭିପ୍ୟାଟ୍ କଡା ସୁରକ୍ଷା ମଧ୍ୟରେ ରଖାଯାଇଛି। ୫ଟି ଫ୍ଲୋରରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ଦୁଇଟି ଲେଖାଏଁ ଷ୍ଟ୍ରଙ୍ଗ ରୁମ୍ ବ୍ୟବସ୍ଥା ହୋଇଛି। ଗୋଟିଏ ଲୋକସଭା ଓ ଅନ୍ୟଟି ବିଧାନସଭା କ୍ଷେତ୍ର ପାଇଁ ଷ୍ଟ୍ରଙ୍ଗରୁମ୍ ରହିଛି। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ମଧ୍ୟ ଏହି ଷ୍ଟ୍ରଙ୍ଗରୁମ୍ ନିକଟରେ ୨୪ ଘଣ୍ଟିଆ ଉପସ୍ଥିତ ରହିବା ନେଇ ମଧ୍ୟ ବ୍ୟବସ୍ଥା କରାଯାଇଛି। ବୁଧବାରଠାରୁ ଭୋଟ ଗଣତି ଯାଏ ସବୁ ଦିନର ଭିଡିଓ ରେକର୍ଡିଂ କରାଯିବ, ଯାହାକି ଆସନ୍ତା ୩ରୁ ୪ ମାସ ପର୍ଯ୍ୟନ୍ତ ଏହି ରେକର୍ଡିଂ ରହିବ। ଷ୍ଟ୍ରଙ୍ଗ ରୁମ୍‌ଗୁଡ଼ିକୁ ଡବଲ ଲକ୍ କରାଯିବ। ଆବଶ୍ୟକତା ଅନୁଯାୟୀ ଅତିରିକ୍ତ ଇଭିଏମ୍ ଏବଂ ଭିଭିପ୍ୟାଟ୍ ମେସିନ ମହଜୁଦ ଥିବାର ଜିଲ୍ଲାପାଳ କହିଛନ୍ତି।


ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com




ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com